

নୂଆବର୍ଷରେ ଭାରତକୁ ପାକ୍‌ର ଧମକ

ପୃଷ୍ଠା ୪


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com

Whatsapp :- +91 8093008776



Vol. 33 | ISSUE 280 | ଭାଗ ୩୩ | ସଂଖ୍ୟା ୨୮୦ — Friday 2 January 2026 | Page 8 Rs. 5.00 — ଭୁବନେଶ୍ୱର ଶୁକ୍ରବାର ୨ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ସ୍ୱିଜରଲ୍ୟାଣ୍ଡ ବାର୍‌ରେ ବିସ୍ଫୋରଣ, ୪୦ ମୃତ



**ବେର୍ଣ୍ଣ,୧।୧:** ସ୍ୱିଜରଲ୍ୟାଣ୍ଡରେ ନୂଆବର୍ଷ ପାଳନ ବେଳେ ହୋଇଛି ଭୟଙ୍କର ବିସ୍ଫୋରଣ। ଏହି ଘଟଣାରେ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ୧୦୦ ଜଣ ଆହତ ହୋଇଛନ୍ତି। ଆଲପାଇନ୍ ସ୍କାଏ ରିସୋର୍ଟରେ ଜିରୋ ନାଇଟ୍ ସେଲିବ୍ରେସନ୍ ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏହି କ୍ଲବରେ ଶତାଧିକ ଲୋକ ରହିଥିଲେ। ତେଣୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି।

ସ୍ୱିସ ପୁଲିସର କହିବାନୁସାରେ, ସ୍ୱିଜରଲ୍ୟାଣ୍ଡର କ୍ରାନ୍ସ ମୋଣ୍ଟାନାରେ ଆଲପାଇନ୍ ସ୍କାଏ ରିସୋର୍ଟ ରହିଛି। ଏହାକୁ ସହରର ସବୁଠୁ ବିଳାସପୂର୍ଣ୍ଣ ରିସୋର୍ଟ କୁହାଯାଏ। ବୁଧବାର ମଧ୍ୟରାତ୍ରୀରେ ଏଠାରେ ନ୍ୟୁ ଇୟର ସେଲିବ୍ରେସନ ପାର୍ଟି ହେଉଥିଲା। ଶତାଧିକ ଲୋକ ନୂଆବର୍ଷ ପାଳନ ପାଇଁ ଏଠାରେ ଏକତ୍ରିତ ହୋଇଥିଲେ। ହଠାତ କୌଣସି କାରଣରୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ତେବେ କେଉଁ କାରଣରୁ ଏହି ବିସ୍ଫୋରଣ ହେଲା ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ପୁଲିସ କହିଛି ଯେ, ପ୍ରଭାବିତ ପରିବାର ପାଇଁ ଏକ ହେଲ୍ପଲାଇନ୍ ସ୍ଥାପନ କରାଯାଇଛି। କ୍ରାନ୍ସ-ମୋଣ୍ଟାନା ଉପରେ ନୋ-ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି।

ବିବିସି ରିପୋର୍ଟ ଅନୁଯାୟୀ, ସ୍ୱିଜରଲ୍ୟାଣ୍ଡର ଭାଲାଇସ୍ କାଣ୍ଟନର ପବ୍ଲିକ୍ ପ୍ରସିକ୍ୟୁଟର ଜେନେରାଲ ବିଟ୍ରିସ୍ ପିଲୌଡ୍ କହିଛନ୍ତି ଯେ, ➪ପୃଷ୍ଠା-୬

## ବିକଶିତ ଓଡ଼ିଶା ପାଇଁ ମୋହନଙ୍କ ସଙ୍କଳ୍ପପତ୍ର

# ନବବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶନାମା

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନୂଆବର୍ଷ ସରକାରୀ କାର୍ଯ୍ୟଦିବସ ହୋଇଥିବାରୁ ସରକାରୀ କାର୍ଯ୍ୟାଳୟରେ ଉତ୍ସବ ପାଳନ କରାଯାଇନି। ବରଂ ଆଜି ସରକାର ଓ ପ୍ରଶାସନ ଅଧିକ କ୍ରିୟାଶିଳ ହୋଇ କାମ କରିଛନ୍ତି। ପ୍ରଦାନ କରିଛନ୍ତି।

ଓଡ଼ିଶା ଭିଜନ ଡକ୍ୟୁମେଣ୍ଟରେ ଆସନ୍ତା ୨ବର୍ଷ ପାଇଁ ସରକାର ରେଖାଙ୍କିତ ଲକ୍ଷ୍ୟକୁ ହାସଲ କରିବା ପାଇଁ

- ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ହେବ
- ଶ୍ରେଷ୍ଠ ୫ ବିକଶିତ ରାଜ୍ୟ ତାଲିକାରେ ରହିବ ଓଡ଼ିଶା
- ୨୦୩୬ ସୁଦ୍ଧା ରାଜ୍ୟ ଅର୍ଥନୀତି ୫୦୦ ବିଲିୟନ ଛୁଇଁବ
- ଓଡ଼ିଆରେ ସବୁ ସରକାରୀ ଚିଠି ଓ ବିଜ୍ଞପ୍ତି ପାଇଁ ନିର୍ଦ୍ଦେଶ
- ବ୍ଲକରୁ ସଚିବାଳୟ ଯାଏଁ ଅଭିଯୋଗ ଶୁଣାଣି ହେବ କଡ଼ାକଡ଼ି



ଆଜିଠୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାମ ଆରମ୍ଭ କରିଛନ୍ତି। ତା'ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନୂଆବର୍ଷରେ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଲାଗି ମୁଖ୍ୟମନ୍ତ୍ରୀ ମାର୍ଗଦର୍ଶନ ସହ ଶାସନ-ପ୍ରଶାସନକୁ ଚଳଚଞ୍ଚଳ ଓ ଲୋକାଭିମୁଖୀ କରିବା ପାଇଁ ଶାସନ ସଚିବଙ୍କୁ ଏକ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଗଠନ ଏବଂ ରାଜ୍ୟକୁ ଶ୍ରେଷ୍ଠ ୫ଟି ବିକଶିତ ରାଜ୍ୟ ମଧ୍ୟରେ ଆଣିବାକୁ ଏକ ମିଶ୍ରିତ ଅର୍ଥନୀତି ଆଡକୁ ନେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଭାବେ ଜ୍ଞାନ-ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଏହାର ଦ୍ରୁତ ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ସବୁ ଜିଲ୍ଲାପାଳଙ୍କୁ ବିଭିନ୍ନ ପ୍ରକ୍ରିୟାକୁ ଫାଷ୍ଟଟ୍ରାକ କରିବାକୁ ଏହି ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଆରୋପ କରାଯାଇଛି।

ସେହିପରି ଆସନ୍ତା ୨ବର୍ଷ ମଧ୍ୟରେ ଖାଲିଥିବା ଥିବା ସରକାରୀ ପଦ ପଦବୀକୁ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷ ଏବଂ ପ୍ରଶିକ୍ଷିତ ଅଧିକାରୀଙ୍କ ସେବା ଉପରେ ଗୁରୁତ୍ୱ ଆରୋପ କରିବା ସହ ଦୁର୍ନୀତିଗ୍ରସ୍ତ, ଅପାରଗ ଏବଂ ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀଙ୍କୁ ଚିହ୍ନଟ କରି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଏପରିକି ବାଧ୍ୟତାମୂଳକ ➪ପୃଷ୍ଠା-୬

# ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧୀ



**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧୀ। ଆସନ୍ତା ମାର୍ଚ୍ଚ ମାସରେ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ପିସିସି ସଭାପତି ଭକ୍ତଚରଣ ଦାସ ଏହି ବଡ଼ ସୂଚନା ଓଡ଼ିଶାବାସୀଙ୍କୁ ଦେଇଛନ୍ତି। ୨୦୨୬ କଂଗ୍ରେସ ପାଇଁ ସମ୍ଭାବନାର ବର୍ଷ ହେବ। ରାଜ୍ୟରେ କଂଗ୍ରେସ ମଜବୁତ ହେବ। ଏଥିଲାଗି ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ➪ପୃଷ୍ଠା-୬

## ଗେମ୍ ଚେଞ୍ଜର ହେବ 'ଏଆଇ ଫର୍ ଅଲ୍'

# ରାଇରଙ୍ଗପୁରରେ ଇଗ୍ନୋର ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ର




ମନ୍ତ୍ରଣାଳୟ ପକ୍ଷରୁ ସ୍କିଲିଂ ଫର୍ ଏଆଇ ରିଡନେସ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯାହା ଏକ ବଡ଼ ପରିବର୍ତ୍ତନ ଆଣିବ। ରାଷ୍ଟ୍ରପତି ଜଣେ ଶିକ୍ଷୟିତ୍ରୀ ଭାବେ ନିଜ ଜୀବନର ମୂଲ୍ୟବୋଧ ଓ ସମ୍ମାନର ପରିଚୟ ଦେଇଛନ୍ତି। ତାଙ୍କ ମାର୍ଗଦର୍ଶନରେ ଏହି କେନ୍ଦ୍ରଗୁଡ଼ିକ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ବିଶେଷ ଭାବେ ଉପକୃତ କରିବ। ସେ

- ଆଭାସୀ ମାଧ୍ୟମରେ ଲୋକାର୍ପଣ କଲେ ରାଷ୍ଟ୍ରପତି
- ରୋଜଗାର ଓ ଉଦ୍ୟମିତା ବୃଦ୍ଧି ପାଇବ: କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ) :** ନୂଆବର୍ଷ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଆଜି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ ଇଗ୍ନୋ ଦକ୍ଷତା କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦଘାଟନ ହୋଇଯାଇଛି।

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଅଭିଭାଷଣ ରଖି କହିଛନ୍ତି ଯେ, ରାଇରଙ୍ଗପୁରରେ ଇଗ୍ନୋର ଏହି ନୂତନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ସମାଜରେ ରୋଜଗାର ଓ ଉଦ୍ୟମିତା ବୃଦ୍ଧି ପାଇବ। ପ୍ରଥମ ଥର ପାଇଁ ଇଗ୍ନୋ ମାଧ୍ୟମରେ ଶିକ୍ଷା ସହିତ ଦକ୍ଷତା ଶିକ୍ଷା ପ୍ରଦାନ କରାଯିବ, କହିଛନ୍ତି ଯେ, ମୟୂରଭଞ୍ଜର ପ୍ରାକୃତିକ ସମ୍ପଦ, ବନସ୍ପତି ଓ ଶ୍ରମଶକ୍ତିର ସଠିକ୍ ବିନିଯୋଗ ପାଇଁ ସ୍ଥାନୀୟ ଜନଜାତି ଓ ଗ୍ରାମୀଣ ଜନସାଧାରଣଙ୍କୁ ଏଆଇ ଏବଂ ଆଧୁନିକ ଟେକ୍ନୋଲୋଜି ସହିତ ଯୋଡ଼ାଯିବ। ଏହା ସେମାନଙ୍କ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ➪ପୃଷ୍ଠା-୬

# ଅନୁ ଗର୍ଗ ଗଢ଼ିଲେ ନୂଆ ଟିମ୍

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବା ପରେ ଅନୁ ଗର୍ଗ ଗଢ଼ିଲେ ନିଜର ଟିମ। ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଦେଓ ରଞ୍ଜନ ସିଂହ ହେଲେ ଉନ୍ନୟନ କମିଶନର। ୧୯୯୧ ବ୍ୟାଚ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ହେଲେ ରାଜସ୍ୱ ପର୍ଷଦ ସଦସ୍ୟ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିଲେ ସତ୍ୟବ୍ରତ ସାହୁ। ସେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିଲେ। ତାଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ବଦଳି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂହଙ୍କୁ ଉନ୍ନୟନ କମିଶନର ଭାବେ ବଦଳି କରାଯାଇଛି। ତେବେ ସେ ପୂର୍ବପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ➪ପୃଷ୍ଠା-୬





ଡିକେ ସିଂହ ହେଲେ ଉନ୍ନୟନ କମିଶନର

ରାଜସ୍ୱ ପର୍ଷଦ ସଦସ୍ୟ ହେଲେ ସତ୍ୟବ୍ରତ

## ମାଲକାନିଗିରି ସାମ୍ପ୍ରଦାୟିକ ଉତ୍ତେଜନା ପ୍ରସଙ୍ଗ

# ସ୍ଥାୟୀ ସମାଧାନ ପାଇଁ ଅଣ୍ଟା ଭିଡ଼ିଲେ ସରକାର

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଗତ ଡିସେମ୍ବର ପ୍ରଥମ ସପ୍ତାହରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଉତ୍ତେଜନାର ଭବିଷ୍ୟତରେ କିଭଳି ଉପରେ ଗୁରୁଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ ସାଙ୍ଗକୁ

- ଭୂମିହୀନ ଜନଜାତୀଙ୍କୁ ମିଳିବ ସ୍ଥାୟୀ ପଟ୍ଟା
- ବିସ୍ଥାପିତଙ୍କ ସମସ୍ୟାର ହେବ ଶୀଘ୍ର ସମାଧାନ
- ମୃତ ଲାକେଙ୍କ ପରିବାରକୁ ୧୦ ଲକ୍ଷ ସହାୟତା
- କ୍ଷତିଗ୍ରସ୍ତ ଘର ଓ ଦୋକାନ ମରାମତି ପାଇଁ ସହାୟତା



ପୁନରାବୃତ୍ତି ନହେବ ସେନେଇ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମନ୍ତ୍ରୀ ସ୍ତରୀୟ କମିଟି ରିପୋର୍ଟ ଆଧାରରେ ମାଲକାନଗିରିରେ ସୃଷ୍ଟି ହୋଇଥିବା ସମସ୍ୟାର ସ୍ଥାୟୀ ସମାଧାନ କରାଯିବ। ଜିଲ୍ଲାପାଳ ଓ ଆରଡିସିଙ୍କ ଅନ୍ୟାନ୍ୟ ସମସ୍ୟାର ମଧ୍ୟ ସମାଧାନ କରିବାକୁ ରୋଡମ୍ୟାପ ପ୍ରସ୍ତୁତ ହୋଇଛି। ମାଲକାନଗିରି ହିଂସାର କାରଣ ଅନୁଧ୍ୟାନ କରିବାକୁ ଗତ ୭ ଓ ୮ ତାରିଖରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସେଠାକୁ ଯାଇଥିଲେ। ସ୍ଥିତି ଅନୁଧ୍ୟାନ କରି ମନ୍ତ୍ରୀସ୍ତରୀୟ କମିଟି ସରାକରଙ୍କୁ ଗତ ୧୨ ତାରିଖରେ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଆଧାରରେ ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ, ➪ପୃଷ୍ଠା-୬

# ତୁଟିଲା ଅରୁଆ-ଉଷୁନା ବିବାଦ

## ରାଜ୍ୟରୁ ୬ ଲକ୍ଷ ଟନ୍ ଚାଉଳ ଉଠାଇବ କେନ୍ଦ୍ର



**ଭୁବନେଶ୍ୱର ୧।୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମଣ୍ଡିରେ ଧାନ କିଣା ଚାଲିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି। ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ଏପର୍ଯ୍ୟନ୍ତ ୧୦ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ଧାନ କିଣିଲେଣି ରାଜ୍ୟ ସରକାର। ସେଥିମଧ୍ୟରୁ ୨ ଲକ୍ଷ ୩୦ ହଜାର ଚାଷୀ ଧାନ ବିକିଥିବା ବେଳେ ୧୮ଟି ଜିଲ୍ଲାରେ ଏବେ ବି ଧାନ କିଣା ଜାରି ରହିଛି। ୧୧ ଲକ୍ଷ ଚାଷୀଙ୍କୁ ଟୋକନ ଦିଆଯାଇଛି। ଏହାସହ ଚାଷୀଙ୍କ ଆକାଉଣ୍ଟକୁ ୨୩୫୦ କୋଟି ଟଙ୍କା ଯାଇଥିବା ମଧ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି ମଧ କହିଛନ୍ତି, ଚଳିତବର୍ଷ ସବୁ ➪ପୃଷ୍ଠା-୬

# କାହାକୁ ଦାୟିତ୍ୱ ଦେବେନି ନବୀନ

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ବିଜୁ ପଟ୍ଟନାୟକ କାହାକୁ ନିଜର ଉତ୍ତରାଧିକାରୀ ବାଛି ନଥିଲେ। ବିଜୁଙ୍କ ଅବର୍ତ୍ତମାନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଗଠନ ହେଲା

- ଗ୍ରହଣୀୟତା ଦେଖି ଉତ୍ତରାଧିକାରୀ ବାଛିବେ ରାଜ୍ୟବାସୀ
- ନୂଆବର୍ଷରେ ଅଶୋକ ପଣ୍ଡା ଦେଲେ ସଙ୍କେତ
- ବର୍ଷ ଆରମ୍ଭରୁ ପୁଣି ବିଜେଡିରେ କନ୍ଦଳର ସୂତ୍ରପାତ

ଓ ରାଜ୍ୟବାସୀ ତାଙ୍କୁ ବିଜୁଙ୍କ ଉତ୍ତରାଧିକାରୀର ଆଖ୍ୟା ଦେଲେ। ସେହିଭଳି ନବୀନ ପଟ୍ଟନାୟକ ମଧ୍ୟ କାହାକୁ ନିଜର ଉତ୍ତରାଧିକାରୀ ବୋଲି ବାଛିବେ ନାହିଁ। ତାଙ୍କ ଅନ୍ତେ ରାଜ୍ୟବାସୀ ନବୀନଙ୍କ ଉତ୍ତରାଧିକାରୀ ଚୟନ କରିବେ।



ଯାହାର ଗ୍ରହଣୀୟତା ହେବ ସେ ହେବ ନବୀନଙ୍କ ଉତ୍ତରାଧିକାରୀ। ଆଜି ନୂଆବର୍ଷରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ବାର୍ତ୍ତା ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା। ଏଥିସହିତ ସେ କହିଛନ୍ତି ଯେ, ଯିଏ ଉତ୍ତରାଧିକାରୀ ହେବାକୁ ଆଶା ରଖିଛନ୍ତି, ତାହା ଭିନ୍ନ କଥା। ଯିଏ ଉତ୍ତରାଧିକାରୀ ହେବେ ତାଙ୍କର ଗ୍ରହଣୀୟତା ଥିବା ଦରକାର ବୋଲି କହିଛନ୍ତି ଅଶୋକ ପଣ୍ଡା। ତେବେ ନବୀନ ପଟ୍ଟନାୟକ ଦଳର ସମସ୍ତଙ୍କ ପାଇଁ ଏକମାତ୍ର ନେତା। ତାଙ୍କ ପଛରେ ବିଜେଡିର ସବୁ ନେତା ଓ କର୍ମୀ ଅଛନ୍ତି ବୋଲି ସେ କହିଛନ୍ତି। ସେପଟେ ➪ପୃଷ୍ଠା-୬



## କାନ ଡେରିଥା

ନବବର୍ଷ ଆଜି ଗୁରୁବାରେ ପଡ଼ି
ପଶୁଙ୍କୁ ବଞ୍ଚାଇ ଦେଲା
ଶୁକ୍ରବାରେ କିନ୍ତୁ ବଳି ପଡ଼ିଯିବେ
ଜୀବନ ରହିଲେ ହେଲା
ଜିଭ ସ୍ୱାଦ ପାଇଁ ପାଲା...
କେତେ ଯେ ନିରୀହ ବଳି ପଡୁଛନ୍ତି
ବୁଝି ବିଚାରିଲେ ହେଲା ।

■ ଦେବାଶିଷ

# ୨୦୨୬ ହେବ ପତିଆରା ଲଢ଼େଇର ବର୍ଷ

- ପରସ୍ପରର ଗୋଡ଼ି କାଟିବେ ନେତା
- ବଳି ପଡ଼ିଯିବେ ଅନେକ

**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ) :** ରାଜ୍ୟ ରାଜନୀତିରେ ୨୦୨୬ ହେବ ପତିଆରା ଲଢେଇର ବର୍ଷ। କ୍ଷମତାକେନ୍ଦ୍ରର ନିକଟତର ହୋଇ ନିଜର ଦବଦବା ଜାହିର ଲାଗି ତିନି ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସରେ ଏଭଳି ଦୃଶ୍ୟ ଅତ୍ୟନ୍ତ ରୋଚକ ହେବ ବୋଲି ଏବେଠାରୁ ଆକଳନ କରାଯାଉଥିବା ବେଳେ ନେତାମାନେ ପରସ୍ପରର ଗୋଡ଼ିକଟା କାର୍ଯ୍ୟରେ ବ୍ୟସ୍ତ ରହିବେ।

୨୦୨୬ରେ ରାଜ୍ୟ ରାଜନୀତିକୁ ନେଇ ରାଜନୈତିକ ବିଶ୍ଳେଷକମାନେ କରୁଥିବା ଆକଳନରୁ ଜଣାଯାଇଛି ଯେ, ପତିଆରା ଲଢେଇ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡିରେ ସବୁଠାରୁ ଉଗ୍ର ହେବ। ବର୍ତ୍ତମାନ ଏହି ଦଳରେ ନବୀନଙ୍କ ନିଷ୍ପତ୍ତିକୁ ବିରୋଧ ଓ ସମର୍ଥନ ନେଇ ନେତା ଦୁଇଭାଗ। ସେହିଭଳି ରାଜନୀତି ଛାଡିଥିବା ପାଣ୍ଡିଆନଙ୍କୁ ନେଇ ବି ଦଳରେ ଦୁଇ ଗୋଷ୍ଠୀ ବିବୃତ୍ତିବାଜିରେ ମାତିଛନ୍ତି। କ୍ଷମତାକେନ୍ଦ୍ରର ନିକଟତର ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି ୨୦୨୬ରେ ତାହା ଅତ୍ୟନ୍ତ ତୀବ୍ର ହେବ।



ସେହିଭଳି କଂଗ୍ରେସରେ ମଧ୍ୟ ସମାନ ସ୍ଥିତି। ଏଠାରେ ଏବେ ଦୁଇ ତିନି ଗୋଷ୍ଠୀ ସୃଷ୍ଟି ହୋଇ ସାରିଲାଣି। ପ୍ରଦେଶ ସଭାପତି ଭକ୍ତ ଦାସଙ୍କ ସହିତ ଗୋଟିଏ ଗୋଷ୍ଠୀ ଥିବାବେଳେ ଆଉ ଗୋଟିଏ ଗୋଷ୍ଠୀ ନିରଞ୍ଜନ-ଜୟଦେବଙ୍କ ସହିତ ଅଛନ୍ତି। ବିଧାୟକ ରମେଶ ଜେନା ମଧ୍ୟ ଦଳରେ ନିଜର ଗୋଟିଏ ଗୋଷ୍ଠୀ ଗଢିବାରେ ସଫଳ ହୋଇଛନ୍ତି। ସମସ୍ତେ ସମାନ୍ତରାଳ ବୈଠକ କରୁଛନ୍ତି। କଂଗ୍ରେସରେ ପତିଆରା ଲଢେଇ ୨୦୨୬ରେ ବେଶ୍ ଜମିବ ବୋଲି ଏବେଠାରୁ ଚର୍ଚ୍ଚା ଜୋର ଧରିଲାଣି।

ଶାସକ ବିଜେପିରେ ବି ଅସନ୍ତୋଷ ରହିଛି। ବିଭିନ୍ନ ପଦ ପଦବୀ ପାଇଁ ଆଶାୟୀ ନେତାମାନେ କ୍ଷମତାକେନ୍ଦ୍ରର ନିକଟତର ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିକଟତର ହୋଇ ପତିଆରା ଜାହିର ପାଇଁ ଉଦ୍ୟମ କରୁଥିବା ନେତାମାନେ ନିଜ ନିଜ ଭିତରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଚଳାଇଛନ୍ତି। ଯେଉଁମାନେ ସଫଳ ହେବେ ସେମାନେ ଆଗାମୀ ଦିନରେ ରାଜନୀତି ସିଡିରେ ଉପରକୁ ଯିବେ ବୋଲି କୁହାଯାଉଛି।

୨୦୨୬ର ଏହି ପତିଆରା ଲଢେଇରେ ଗୋଡ଼ିକଟାର ➪ପୃଷ୍ଠା-୬

## ଘରୋଇ ଉପଭୋକ୍ତାଙ୍କୁ ଆଶ୍ୱସ୍ତି

# ବଢ଼ିଲା କମର୍ସିଆଲ ସିଲିଣ୍ଡର ଦର



**ଭୁବନେଶ୍ୱର, ୧।୧ (ସଂଚାର ବ୍ୟୁରୋ) :** ବର୍ଷ ଆରମ୍ଭରୁ ମହଙ୍ଗା ମାଡ଼ । ୧୧୧ ଟଙ୍କା ବଢ଼ିଲା କମର୍ସିଆଲ ଏଲପିଜି ସିଲିଣ୍ଡର। ନୂଆଦିଲ୍ଲୀରେ କମର୍ସିଆଲ ସିଲିଣ୍ଡର ଦର ୧୬୯୧ ଟଙ୍କାକୁ ବୃଦ୍ଧି ପାଇଛି। ଘରୋଇ ଏଲପିଜି ସିଲିଣ୍ଡର ଦର ଅପରିବର୍ତ୍ତିତ ରହିଛି। ୨୮ ମାସ ମଧ୍ୟରେ ସର୍ବାଧିକ ମୂଲ୍ୟ ବୃଦ୍ଧି କରାଯାଇଛି। ସରକାର ପାଇପ୍ ପ୍ରାକୃତିକ ଗ୍ୟାସର ମୂଲ୍ୟ ହ୍ରାସ କରିଥିବା ବେଳେ, ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଛନ୍ତି। ଶେଷ ଥର ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ୨୦୨୩ ଅକ୍ଟୋବରରେ ହୋଇଥିଲା। ପ୍ରକୃତରେ, ଏହି ବୃଦ୍ଧି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ଦେଖିବାକୁ ମିଳିଛି। ଦେଶର ଚାରୋଟି ମହାନଗରୀ ମଧ୍ୟରୁ ତିନୋଟିରେ ୧୧୧ଟଙ୍କା ବୃଦ୍ଧି ପାଇଛି। ତେବେ ଗୋଟିଏ ମହାନଗରରେ ୧୧୦ ଟଙ୍କା ବୃଦ୍ଧି ପାଇଛି। ଫଳସ୍ୱରୂପ, ଜାତୀୟ ରାଜଧାନୀ ଦିଲ୍ଲୀରେ ଏକ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ପ୍ରାୟ ପାଖାପାଖି ୧,୭୦୦ ଟଙ୍କାରେ ପହଞ୍ଚିଛି । ଯାହା ଜୁନ୍ ୨୦୨୫ ପରଠାରୁ ସର୍ବାଧିକ। ଏହି ସମୟରେ, ସାରା ଦେଶରେ ମୂଲ୍ୟ ପ୍ରାୟ ୧,୮୫୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ, ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ, ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ➪ପୃଷ୍ଠା-୬

# କେନ୍ଦ୍ରାପଡ଼ାରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ



**କେନ୍ଦ୍ରାପଡ଼ା,୧।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଝୁଲଣମଣ୍ଡପ ସମ୍ମୁଖରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି । ଦିବ୍ୟଜୀବନସଙ୍ଘ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରାର୍ଥନା ଦିବସରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଶ୍ରୀମାଙ୍କ ଉଦ୍ୟମରେ ଆଜିକୁ ଦୀର୍ଘ ୯ବର୍ଷ ଧରି ପାଳିତ ହୋଇ ଆସୁଥିବା ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ସାରା ବିଶ୍ୱର କଲ୍ୟାଣ ପାଇଁ ଅଭିପ୍ରେତ । ଶ୍ରୀମାଙ୍କ ଏହି ଉଦ୍ୟମକୁ ଜିଲ୍ଲାପାଳ ଶ୍ରୀ ଆୟାର ପ୍ରଶଂସା କରିବା ସହ ସାଧୁବାଦ ଜଣାଇବା ସହ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ମଙ୍ଗଳ କାମନା କରିଥିଲେ ।

ମୁଖ୍ୟଅତିଥି ଭାବେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ବିଶ୍ୱର ଶାନ୍ତି ନିମି ଏଭଳି ଦିବସ ପାଳନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଶ୍ରୀମାଙ୍କ ପ୍ରତ୍ୟେକ୍ଷ ପ୍ରଚେଷ୍ଟାରେ ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଥିବା ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ଓଡିଶାର ବିଭିନ୍ନ ଜିଲ୍ଲା, ବ୍ଲକ ସଦର ମହକୁମା ସମେତ କେତେକ ରାଜ୍ୟରେ ପାଳିତ ହୋଇ ଆସୁଅଛି । ଶ୍ରୀମାଙ୍କ ଏଭଳି ସାଧୁ ଉଦ୍ୟମ ପାଇଁ ବିଧାୟକ ଡ. ନାୟକ ସାଧୁବାଦ ଜ୍ଞାପନ କରିବା ସହ ଏହି ଦିବସ ଦେଶର ସମସ୍ତ ସ୍ଥାନରେ ପାଳନ କରାଯିବା ପାଇଁ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରି ଏହାର ଆବଶ୍ୟକ ବିଧିବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ପାଇଁ ନିର୍ମାଣାଧିନ ତୁଳସୀଭବନକୁ ସମ୍ପୂର୍ଣ୍ଣ କରିବା ପାଇଁ ମଧ ପ୍ରତିଶୃତି ଦେଇଥିଲେ। ଶ୍ରୀମା ଏହି ଅବସରରେ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା ଦିବସ ପାଳନ କରାଯିବାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ ।

ବାବାଜୀ ରାମସରଣାନନ୍ଦ ସରସ୍ୱତୀ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ଡ଼. ବାସୁଦେବ ଦାସ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଂଜନ ରାଉତ, କବି କରୁଣାକର ଦାସ, ଶୁଭାଂଶୁ ଦାସ, ଅଭିମନ୍ୟୁ ଗୋଛାୟତ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ନୃସିଂହ ଚରଣ ତ୍ରିପାଠୀ, ପ୍ରାଧାପକ ଅଜୟ ସାମଲ, ଦୌ୍ରପଦୀ ରାଉତ ପ୍ରମୁଖ ପ୍ରାର୍ଥନା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ସାଗରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ସାତସପନ

# ପଲିଥିନ୍ ଢଙ୍କା ଭଙ୍ଗାଦଦରା ଘରେ କଟୁଛି ଜୀବନ



**ରାଜକନିକା,୧।୧ (ସଂଚାର ବ୍ୟୁରୋ):** ସରକାରଙ୍କ ପକ୍ଷରୁ ଗରୀବ, ଅସହାୟ, ନିରାଶ୍ରୟାଙ୍କୁ ଘର ଯୋଗାଇ ଦିଆ ଯିବାର ପ୍ରାବଧାନ ଥିବା ସତ୍ତେ ବି ରାଜକନିକା ବ୍ଲକ ଅନ୍ତର୍ଗତ ହାଟସାହି ପଞ୍ଚାୟତ ଗୁଳା ପୋଖରୀ ପାଖ ଡିହ ମଳିକ ସାହିର ସାଗରୀ ମଳିକ (୪୫) ସ୍ୱାମୀ ଅକ୍ଷୟ କିନ୍ତୁ ଏଥିରୁ ବଞ୍ଚିତ ହୋଇ ଥିବାର ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ ସାଗରୀ ଗୋଟିଏ ମାତ୍ର ଚାଳ ଛପର ଘରେ ରହୁଛନ୍ତି।ପରିବାର କହିଲେ ଗୋଟିଏ ଝିଅ ଆଉ ସେ ଦୁହେଁ । ଅକ୍ଷୟ ବାହାରେ ଦାଦନ ଖଟି ସ୍ୱଳ୍ପ ଦରମାରେ ଘର ଚଳିବା ନିଅଣ୍ଟ ହେଉଛି। କେବଳ ୧୫ କିଲୋ ଚାଉଳ ହିଁ ଏକମାତ୍ର ଭରସା।ଗାଁଠୁ ଦୂରରେ ଅତି ନିଛାଟିଆ ଜାଗାରେ ବଖୁରୀଏ ଘର ବର୍ଷା ପବନ ଦାଉ ସାଜି ଘରଟି ଏବେ ଭଗ୍ନପ୍ରାୟ । ସେଇ ବଖୁରୀରେ ଘରେ ଶୁଆବସା, ରୋଷେଇବାସ ସବୁ କିଛି ।ପଲିଥିନ୍ ପକେଇ ଘରକୁ ସୁରକ୍ଷା ଦେବା ଏକମାତ୍ର ବିକଳ୍ପ ଥିବା ବେଳେ ସରକାରୀ ଘର ପାଇବା ଏବେ ସାତସପନ ହୋଇଛି।

ଘର ପାଇଁ କେତେ ଗୁହାରୀ ,ଦାବି ହୋଇଛି ଯେ ଫଳ ମିଳିବା ବେଳକୁ ଶୂନ। ଯଦି ଏଭଳି ଦୟନୀୟ ଅବସ୍ଥାରେ ଥାଇ ଘର ନ ମିଳିବ ତେବେ ଦୋଷ କାହାକୁ ଦେବୁ ବୋଲି କହିଛନ୍ତି ସାଗରୀ। ତେଣୁ ଜିଲ୍ଲାପାଳ ମହୋଦୟ ଏଭଳି ଜଣେ ନିରାଶ୍ରୟା ପରିବାରକୁ ସରକାରୀ ଘର ଖଣ୍ଡେ ଯୋଗାଇ ଦେବାକୁ ଦାବି ହେଉଛି।

## ଚୋରାମଦ ଜବତ,୫ ଗିରଫ



**କେନ୍ଦ୍ରାପଡ଼ା,୧।୧(ସଂଚାର ବ୍ୟୁରୋ):** ଏକ ବିଶେଷସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୬୬ଲିଟର ଚୋରାମଦ ଜବତ କରାଯିବା ସହ ୫ଜଣଙ୍କଲୁ ଗିରଫ କରାଯାଇଛି । ଶ୍ୟାମଗୁଡ଼ିଆ ଗ୍ରାମର ଭାବଗ୍ରାହୀ ସାହୁ(୨୭)ଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ, ବୟନଗର ଗ୍ରାମର ପ୍ରଭାତ କୁମାର ସେଠୀ(୪୪)ଙ୍କ ଠାରୁ ୧୨୦ ଲିଟର ଦେଶୀ ମଦ, କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ ସେଠୀ(୪୦)ଙ୍କ ଠାରୁ ୩୧ ଲିଟର ଦେଶୀ ମଦ, କଷୋଟି ଗ୍ରାମର ଅଲେଖ ମଳିକ(୨୯)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ତିଲଙ୍ଗ ଗ୍ରାମର ରମେଶ ଚନ୍ଦ୍ର ମଳିକ(୭୩ଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୨୬୬ ଲିଟର ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇ ଓକୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସୁଶ୍ରୀ ରତ୍ନପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ନୂଆବର୍ଷରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା, ୧।୧ (ସଂଚାର ବ୍ୟୁରୋ):** ନୂଆବର୍ଷ ଅବସରରେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ବିଭାଗର ଆଗାମୀ କାର୍ଯ୍ୟାପନ୍ଥା ସମ୍ପର୍କରେ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଅଧିକାରୀ ମାନେ ନିଜ ନିଜ ବିଭାଗର ପ୍ରସ୍ତାବିତ କାର୍ଯ୍ୟ ଯେପରିକି ଅଡ଼ିଟୋରିୟମ ନିର୍ମାଣ, ଅତିଥି ଭବନ, ଇଣ୍ଡୋର ହଲ, ସୁଇମିଂ ପୁଲ୍ ନିର୍ମାଣ, ଶୀତଳ ଭଣ୍ଡାର, ନୂତନ ରାସ୍ତା ନିର୍ମାଣ ସହିତ ଅନ୍ୟ ବିଭାଗର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଭାଗ ବିଭାଗ ମଧ୍ୟରେ ଉମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ବିଭାଗର ସଫଳତା ହିଁ ଜିଲ୍ଲାର ସଫଳତା ବୋଲି ଜିଲ୍ଲାପାଳ କହିଛନ୍ତି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ ।

## ଗାୟତ୍ରୀ ସେବା ସମିତି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ପଞ୍ଚାମୁଣ୍ଡାଇ,୧।୧(ସଂଚାର ବ୍ୟୁରୋ):**ପଞ୍ଚାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ଗାୟତ୍ରୀ ସେବା ସମିତି ପକ୍ଷରୁ ସମାଜସେବୀ ବିଜୟ ମହାନ୍ତିଙ୍କ ଦିବଙ୍ଗତା ପତ୍ନୀ ରୀନା ମହାନ୍ତିଙ୍କ ସ୍ମୃତି ଉଦେଶ୍ୟରେ ନୂତନ ବର୍ଷ ଅବସରରେ ଗରିବ ଅସହାୟ ବୃଦ୍ଧ ବୃଦ୍ଧା ଓ ମହିଳାଙ୍କୁ ପଂକ୍ତି ଭୋଜନ ସହିତ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ଼ କେଳୁ ଚରଣ ସ୍ୱାଇଁ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଗାୟତ୍ରୀ ସେବା ସମିତି ସଭାପତି ବିଜୟ ମହାନ୍ତି, ସମ୍ପାଦକ ଇଂ ତ୍ରିଲୋଚନ ସୂତାର, ଉପଦେଷ୍ଟା ଗୋପାଳ ବିଶ୍ୱାଳ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ ତପନ ପାତ୍ର, ଅଶୋକ ବଳ, ପଦ୍ମନାଭ ଜେନା, ହେମନ୍ତ ରାଉତ, ସୌମେନ୍ଦ୍ର ପରିଡା, ସୁବାଷ ମହାନ୍ତି, ଶରତ ନାୟକ,ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ସେବା ସମିତି ସଭ୍ୟମାନେ ଯୋଗ ଦେଇ ଶତାଧିକ ଅସହାୟ ବୃଦ୍ଧ ବୃଦ୍ଧା ଓ ମହିଳାଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରିଥିଲେ। ଗାୟତ୍ରୀ ସେବା ସମିତିର ଏହି ଜନସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।



## 'ଆମ ସଂସ୍କୃତି ଆମ ପ୍ରଗତି'ର ବାର୍ତ୍ତା ସହ ନୂତନ ବର୍ଷର ଶୁଭାରମ୍ଭ କଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ




**କେନ୍ଦ୍ରାପଡା,୧।୧(ସଂଚାର ବ୍ୟୁରୋ):** ଆମ ଉତ୍କଳୀୟ ସଂସ୍କୃତିର ପରମ୍ପରା ଆବାହମାନ କାଳରୁ ସର୍ବାଗ୍ରେ ରହି ଆସିଛି । ଶ୍ରୀମନ୍ଦିର ବିଶ୍ୱ ପ୍ରସିଦ୍ଧ ମନ୍ଦିର ଅଟେ । ମହାପ୍ରଭୁ ଜଗନ୍ନାଥ ସାରା ଓଡିଶା ର ମଉଡମଣୀ ଅଟନ୍ତି। ଆମ ଧର୍ମୀୟ ଭାବନାରେ ଶ୍ରୀମନ୍ଦିରର ସ୍ଥାନ ସତନ୍ତ୍ର ଅଟେ। ଅନ୍ୟ ରାଜ୍ୟରେ ଓଡିଶା ର ଲୋକଙ୍କୁ ଠାକୁରଦେଶର ଲୋକ ବୋଲି କୁହାଯାଏ । ଏହି ଧର୍ମୀୟ ଭାବନାକୁ କୁଠାରଘାତ କରି କିଛି ସ୍ୱାର୍ଥୀ ମଣିଷ ଶ୍ରୀ ମନ୍ଦିରର ନିକଟବର୍ତ୍ତୀ ଅଂଚଳରେ ଆମିଷ ଓ ନିଶା ଦ୍ରବ୍ୟ ବିକ୍ରୟ କରୁଛନ୍ତି। ଯାହା ମହାପ୍ରଭୁ ଙ୍କ ଗାରିମା କୁ କ୍ଷୁର୍ଣ୍ଣ କରୁଛି। ନୂତନ ବର୍ଷ ରେ କିଛି ନୂଆ କରିବାର ଆଶା ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଶ୍ରୀମନ୍ଦିରର ପରିକ୍ରମା କରି ସଚେତନତା କାର୍ଯ୍ୟକ୍ରମ କରିଥିଲେ। ବାର୍ତ୍ତା ଥିଲା ଶ୍ରୀମନ୍ଦିରର ନିକଟରେ ନିଶା ଓ ଆମିଷ ଦ୍ରବ୍ୟ ବର୍ଜନ ଅଭିଯାନ। ବିବେକବିହୀନ ମଣିଷଙ୍କୁ ବାର୍ତ୍ତା ଥିଲା "ସୁଧୁରି ଯାଆନ୍ତୁ, ସଂସ୍କୃତି କୁ ବଞ୍ଚାନ୍ତୁ"। ଆଜି ନୂତନ ବର୍ଷ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମୀ ଙ୍କର ବାର୍ତ୍ତା ଥିଲା "ଆମ ସଂସ୍କୃତି, ଆମ ପ୍ରଗତି"। ଏହି ନାରା ନେଇ ସାଧାରଣ ଜନତା ଓ ଅଂଚଳ ବାସୀ ଙ୍କୁ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ର କର୍ମକର୍ତା ସଚେତନ କରାଇଥିଲେ। ବହୁତ ଜ୍ଞାନୀ, ସେବକ, ସେବାୟତ ଓ ସାଧୁ ଏହାର ସମର୍ଥନ କରିଥିଲେ । ଏହା ପରେ ଶ୍ରୀ ମନ୍ଦିର କାର୍ଯ୍ୟାଳୟ ନିକଟରେ ମୁଖ୍ୟ ପ୍ରଶାସକଙ୍କ ପାଇଁ ବାର୍ତ୍ତା ଥିଲା ।

ଆଜିର କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ମୁଖପାତ୍ର ପ୍ରମୋଦ ନାୟକ, ବରିଷ୍ଟ ସଦସ୍ୟ ନିମାଇଁ ଚରଣ କର, ଦିପ୍ତି ରଞ୍ଜନ ସେଠି, ତପନ ସେନାପତି, ରଘୁନାଥ ସ୍ୱାଇଁ ଓ ସତ୍ୟ ପ୍ରକାଶ ଦାଶ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ଯୁବକ ମୃତ

**ରାଜନଗର, ୧।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ରଙ୍ଗଣୀ ପଚାଂୟତ ଗୋପାଳଜୀୟୁ ପାଟଣା ଗ୍ରାମର ଜଣେ ଯୁବକ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଏହି ଗ୍ରାମର ଶୁଶାନ୍ତ ଭୂୟାଁଙ୍କ ପୁଅ ସୁବ୍ରତ ଭୂୟାଁ(୨୭) ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ । ଡାକ୍ତରଙ୍କଠାରୁ ଖବରପାଇ ପୋଲିସ ଗୋଷ୍ଠୀ ସ୍ୱା।ସ୍ଥ୍ୟକେନ୍ଦ୍ରରେ ପହଂଚି ଶବକୁ ଜବତ କରିଛି । ଶୁକ୍ରବାର ଦିନ ଶବ ବ୍ୟବଛେଦ କରାଯିବ ବୋଲି ସୂଚନା ମିଳିଛି ।

## ଗହୀରମଥାରୁ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର, ୧।୧ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଳୀ ମୁହାଁଣରୁ ୧୪କି. ମି. ଦୂରରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ପେରାନ୍ତଲୁ ନାମକ ଟ୍ରଲରକୁ ଜବତ କରିବା ସହ ୧୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଥିଲେ । ତା ମଧ୍ୟରୁ ଦୁଇଟି ଜିପିଏସ, ଦୁଇଟି ଭିଏଚଏଫ, ଦୁଇଟି ଜେନେରେଟର, ୨୦ କି.ମି. ଲମ୍ବର ମାଛଧରା କଟାଂ, ୧୩କ୍ୟୁଟାଂଲ ମାଛ ଜବତ କରିଥିଲେ । ଗିରଫ ମତ୍ସ୍ୟଜିବୀମାନେ ହେଲେ ରୟିଥି ଅମାରୁ, ଭାସୁପିଲି ରାମୁ, ଭାସୁପିଲି ଦନୟା, ଭାସୁପିଲି ଲକ୍ଷ୍ମଣ, ରୟିଥି ଆପାଲକୋଣ୍ଡା, ଭାସୁପିଲି ରାମୁ, ରୟିଥି ଝୋତାୟା, ମୁଗି ଦୁର୍ଗାୟା, ମ୍ୟଲାପିଲି ୟେଲାୟା, ୟେରିପିଲି ସନ୍ୟାସୀ । ମତ୍ସ୍ୟଜୀବୀମାନେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲ୍ଲା ଅଂଚଳର ବାସିନ୍ଦା। ଗିରଫ ମତ୍ସ୍ୟଜୀବୀମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

## ଆକ୍ସନ ମୁଡ୍‌ରେ ଥାନା ଅଧିକାରୀ

# ୨୬.୫ ଲିଟର ମଦ ଜବତ, ଜଣେ ଗିରଫ



**ମହାକାଳପଡ଼ା, ୧।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ଥାନାରେ ନୂତନ ଥାନା ଅଧିକାରୀ ଭାବରେ ମାନସ ମଲ୍ଲିକ ଯୋଗଦେବା ପରେ ପୁରା ଆକ୍ସନ ମୁଡ୍‌କୁ ଆସିଛନ୍ତି। ଅପରାଧୀକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସନ୍ଧ୍ୟା ପେଟ୍ରୋଲିଂକୁ କଡାକଡି କରିଛନ୍ତି।

ବୁଧବାର ରାତିରେ ଶ୍ରୀ ମଲ୍ଲୀକଙ୍କ ନିର୍ଦ୍ଦେଶକ୍ରମେ ସବ୍ ଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳଙ୍କ ପ୍ରତିନିଧିତ୍ୱରେ ଏକ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ରାଜଗଡ ନିକଟସ୍ଥ ନଛିପଡା ଗ୍ରାମର ବିକଳି ଦାସଙ୍କ ପୁଅ ଚଗଲା ଦାସ (୪୩) ଙ୍କୁ ବେଆଇନ୍ ମଦ କାରବାର କରୁଥିବା ସମୟରେ ଗିରଫ କରାଯାଇଛି। ତାଙ୍କ ପାଖରୁ ୧୦୦ ବୋତଲ ଆସ୍କା ଫର୍ଟି (୨୦୦ ମି.ଲି ଲେଖାଏଁ), ୧୦ ବୋତଲ କିଙ୍ଗ ଫିସର ବିୟର (୬୫୦ ମି.ଲି ଲେଖାଏଁ, ୫ ଟି ଆଇକନିକ ଧଳା ହ୍ୱିସ୍କି (ପ୍ରତ୍ୟେକ ୧୮୦ ମି.ଲି), ୧୦ ଟି ବାକାଡି ଭଳି ମୋଟ ୨୬.୫ ଲିଟର ମଦ ଜବତ ହୋଇଛି। ମଦ ଜବତ କରି ତାଙ୍କୁ ଗିରଫ କରାଯିବା ପରେ ତାଙ୍କୁ ଆଜି ମାନ୍ୟବର ଅଦାଲତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

## ● ପୁଆଣିଆ ଗାଁରେ ଡବଲ ମର୍ଡର

# ମାମୁଁର ଟାଙ୍ଗିଆ ଚୋଟରେ ଭଣଜା ମୃତ



**ନୟାଗଡ଼, ୧।୧ (ସଂଚାର ବ୍ୟୁରୋ):** ପୁଆଣିଆ ଗାଁରେ ଡବଲ ମର୍ଡର । ଡବଲ ମର୍ଡରକୁ ନେଇ ଆଖ ପାଖ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ପୁଆଣିଆ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ମାମୁଁର ଆକ୍ରମଣରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ଭଣଜାର ମୃତ୍ୟୁ ଘଟିଛି । ଭଣଜା ମାଡ଼ରେ ମାନସିକ ବିକାର ଗ୍ରସ୍ତ ମାମୁଁର ମଧ ମୃତ୍ୟୁ ଘଟିଛି । ମୃତକ ମାମୁଁ ହେଲେ ହରିହର ରାଉତ ସଲିପ ରାଉତ, ଭଣଜା ହେଲେ ଶଙ୍କର ପ୍ରଧାନଙ୍କ ପୁଅ ଲିଲୁ ପ୍ରଧାନ।

ସୂଚନାନୁସାରେ, ସଲିପ କିଛି ଦିନ ହେବ ମାନସିକ ଭାରସାମ୍ୟ ହରାଇ ପାଗଳ ଅବସ୍ଥାକୁ ଚାଲି ଆସିଥିଲେ । ଘରେ ବାଡ଼ାପିଟା କରିବା ସହ ଅଥୟ ପରିସ୍ଥିତି ସୃଷ୍ଟି କରୁଥିଲେ । ଏନେଇ ପରିବାର ଲୋକେ ତାଙ୍କୁ ମାନସିକ ଚିକିତ୍ସା ପାଇଁ ପ୍ରଶାସନ ସହ ଯୋଗାଯୋଗ କରିଥିଲେ । ଅଜା ଘର ସ୍ଥିତିକୁ ଲକ୍ଷ କରି ଆଜି ଗୃହରକ୍ଷୀ ଭାବେ କାର୍ଯ୍ୟରତ ଭଣଜା ମାମୁଁଙ୍କ ଘରକୁ ଯାଇଥିଲେ । ସେଠାରେ ମାମୁଁଙ୍କୁ ମାଡ଼ପିଟି କରିବାକୁ ମାନସିକ ବିକାର ଗ୍ରସ୍ତ ଅବସ୍ଥାରେ ରହିଥିବା ମାମୁଁ ତାଙ୍କୁ ହାଣି ଦେଇଥିଲେ। ମାମୁଁଙ୍କ ଚୋଟରେ ଭଣଜାର ମୁଣ୍ଡ ଦୁଇ ଫାଳ ହୋଇଯିବା ସହ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ମାଡ଼ ଖାଇବା କାରଣରୁ ମାମୁଁର ମଧ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ବୁଧବାର ସଂନ୍ଧ୍ୟାରେ ଘଟିଥିବା ଏହି ଅଭାବନୀୟ ଘଟଣା ସମ୍ପର୍କରେ ଖବର ପାଇ ଶରଣକୁଳ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରୁଥିବା ସୂଚନା ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।

# ବାଇକ୍ ଦୁର୍ଘଟଣାରେ ନାବାଳିକାଙ୍କ ମୃତ୍ୟୁ, ଅନ୍ୟ ଜଣେ ଗୁରୁତର



**ମହାକାଳପଡ଼ା,୧।୧(ସଂଚାର ବ୍ୟୁରୋ):** ଇଂରାଜୀ ନବବର୍ଷରେ ଦୁଇ ସାଙ୍ଗ ସାଇକେଲରେ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଉଥିବା ସମୟରେ ଏକ ଦ୍ରୁତଗତିରେ ଯାଉଥିବା ବାଇକ୍ ଦୁର୍ଘଟଣାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ଥାନା ଅନ୍ତର୍ଗତ ବଳିପାଳ ଗ୍ରାମ ପଞ୍ଚାୟତ ନିକଟସ୍ଥ ବସାଘର ଗ୍ରାମର ସୁରେନ୍ଦ୍ର ମଲ୍ଲିକଙ୍କ ନାବାଳିକା ଝିଅ ଆଶା ମଲ୍ଲିକ(୧୪) ଓ ମଙ୍ଗୁଳି ମଲ୍ଲିକଙ୍କ ଝିଅ ସ୍ୱାତି ମଲ୍ଲିକ (୧୪) ବିଷ୍ଣୁ ପ୍ରସାଦ ହାଇସ୍କୁଲ,ଅନ୍ଧୁଳିରେ ଅଷ୍ଟମ ଶ୍ରେଣୀରେ ଛାତ୍ରୀ। ସେ ଆଜି ଘରୁ ସାଇକେଲ ଯୋଗେ ଜାତି ପ୍ରମାଣପତ୍ର ପାଇଁ ଜନସେବା କେନ୍ଦ୍ରକୁ ଯାଉଥିବା ସମୟରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସୁଜୁନୁପୁର ଗ୍ରାମର ତିନି ଜଣ ଯୁବକ ଏକ ବାଇକ୍ ଯୋଗେ ଦ୍ରୁତ ଗତିରେ ଆସି ସେମାନଙ୍କ ସାଇକେଲକୁ ଦୁର୍ଘଟଣା ଘଟାଇଥିଲେ। ଦୁର୍ଘଟଣା ଘଟାଇଥିବା ତିନି ଯୁବକଙ୍କୁ ଲୋକେ କାବୁ କରିବା ସହିତ ପ୍ରବଳ ଆଘାତ ଲାଗିଥିବା ଦୁଇ ନାବାଳିକାଙ୍କୁ ଲୋକେ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଆଶା ମଲ୍ଲିକଙ୍କ ଡାକ୍ତର କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ସ୍ୱାତି ମଲ୍ଲିକ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଅନ୍ଧୁଳି ଛକରେ ରାସ୍ତାରୋକ କରିଥିଲେ। ସୂଚନା ପାଇ ମହାକାଳପଡ଼ା ଥାନା ଓ ମାର୍ଶାଘାଇ ଥାନାର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।



## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଆଳି,୧।୧(ସଂଚାର ବ୍ୟୁରୋ):** ଆଳି ବ୍ଲକ ମାନପୁର ଗ୍ରାମର ସଦାନନ୍ଦ ସାମଲଙ୍କ ପତ୍ନୀ ଧର୍ମ ପରାୟଣ ମହିଳା ଆରତୀ ସାମଲଙ୍କ ଗୁରୁବାର ମଧ୍ୟାହ୍ନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା।ସେ ଦୀର୍ଘ ଦିନ ହେବ ଶାରୀରିକ ଭାବରେ ଅସୁସ୍ଥ ହୋଇ ମାନପୁର ସ୍ଥିତ ତାଙ୍କ ବାସଭବନରେ ଥିଲେ। ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ । ଗୁରୁବାର ମଧ୍ୟାହ୍ନରେ ତାଙ୍କର ପରଲୋକ ପରେ ସ୍ଥାନୀୟ ଲୋକ ପ୍ରତିନିଧି ମାନେ ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏକ ଶୋକାକୁଳ ପରିବେଶରେ ତାଙ୍କର ଏକ ମାତ୍ର ପୁଅ ହିମାଂଶୁ ମୁଖାଅଗ୍ନି ଦେବା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ନବବର୍ଷରେ ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର,୧।୧(ସଂଚାର ବ୍ୟୁରୋ):** ନବବର୍ଷ ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆଗନ୍ତୁକ ପର୍ଯ୍ୟଟକଙ୍କ ସମାଗମରେ ପ୍ରକୃତିର ସବୁଜ ହସ୍ତାକ୍ଷର ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କୁ ଭିଡ ପରିଲକ୍ଷିତ ହୋଇଛି । ଗୁପ୍ତିରୁ ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦବାଲିରୁ ଭାୟା ଖୋଳା ଦେଇ ଭିତରକନିକାକୁ ସଂଯୋଗ କରୁଥିବା ନଦୀରେ ଶହଶହ ପର୍ଯ୍ୟଟକ ନୌବିହାର କରି ପ୍ରକୃତିର ଅନବେଦ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଆତ୍ମବିଭୋର ହେଉଥିବା ଦେଖିବାକୁ ମିଳିଛି । ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୩୬୩୧ଜଣ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ । ଖୋଳାରୁ ୮୫ ଟ୍ରିପ ବୋଟରେ ୧୦୪୨ ଜଣ ପର୍ଯ୍ୟଟକ , ଚାନ୍ଦବାଲିରୁ ୧୦ଟ୍ରିପ ବୋଟରେ ୧୫୫ ପର୍ଯ୍ୟଟକ ଓ ଗୁପ୍ତିରୁ ୧୬ଟ୍ରିପ ବୋଟରେ ୧୬୪ ଜଣଙ୍କୁ ମିଶାଇ ମୋଟ୪୯୯୨ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା । ଭିତରକନିକା ସେଲଫି ପଏଂଟରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ । ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲୀ ରହୁଥିବା ପୋଖରୀ ନିକଟରେ ମଧ ଭିଡ ପରିଲକ୍ଷିତ ହୋଇଥିଲା । ସ୍କାଏୱାକରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ ।



## କସ୍ତୁରୀ କଳା ନିକେତନର ବାର୍ଷିକ ଉତ୍ସବ ପାଳିତ

# ପଟ୍ଟାମୁଣ୍ଡାଇ ମାଟିର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ




**ପଟ୍ଟାମୁଣ୍ଡାଇ,୧।୧ (ସଂଚାର ବ୍ୟୁରୋ):** କସ୍ତୁରୀ କଳା ନିକେତନର ୩୩ତମ ବାର୍ଷିକ ଉତ୍ସବ ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ମାଟିର କଳା ସାହିତ୍ୟ ସଂସ୍କୃତି ନିଜର ଉତ୍କର୍ଷତା ପାଇଁ ଆଜି ବିଶ୍ୱ ଦରବାରରେ ପହଂଚି ପାରିଛି। ଏହି ମାଟିର ବହୁ କଳାକାର ସାହିତ୍ୟିକ ଓ ନାଟ୍ୟକାର ପ୍ରତିଷ୍ଠା ଲାଭ କରି ପଟ୍ଟାମୁଣ୍ଡାଇ ପାଇଁ ଗୌରବ ଆଣିଛନ୍ତି। ଯାହାଫଳରେ କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ଅନନ୍ୟ ପରିଚୟ ସୃଷ୍ଟି କରିଛି ବୋଲି ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ନୃତ୍ୟ ସଂଗୀତ ଅନୁଷ୍ଠାନ କସ୍ତୁରୀ କଳା ନିକେତନର ୩୩ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି।

କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ ଲାସ୍ୟମୟୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୃପାସିନ୍ଧୁ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନବ କିଶୋର ପଣ୍ଡା ଅତିଥିପରିଚୟ ଓ କାଉନସିଲର ଗୋପୀବଲ୍ଲଭ ନାୟକ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଏଇ ଅବସରରେ ତବଲା ବାଦକ କଣ୍ଡୁରି ଚରଣ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିବାବେଳେ ନାରାୟଣ ସାହୁ ମାନପତ୍ର ପାଠ କରିଥିଲେ ।

କସ୍ତୁରୀ କଳା ନିକେତନର ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ଷଷ୍ଠତମ ତିରୋଧାନ ଦିବସ ଉପଲକ୍ଷେ ଏକ ପଥ ଶୋଭାଯାତ୍ରା ଛାତ୍ରଛାତ୍ରୀ, କର୍ମକର୍ତା, ଅଭିଭାବକ ଓ ଶୁଭେଚ୍ଛୁମାନଙ୍କ ସହ ବାଇପାସ ଠାରୁ କଳା ନିକେତନ ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ସଙ୍ଗୀତ ଅନୁରାଗୀ ବନ୍ଦନା ପାତ୍ର ଯୋଗ ଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଓ ଉକ୍ତ ଅନୁଷ୍ଠାନର ଭାଗ ନେଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରଯାଇଥିଲା।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

# ସହରାଞ୍ଚଳର ବିକାଶ ଓ ନାଗରିକ ସୁବିଧା ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କାର୍ଯ୍ୟକ୍ରମର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ନଗର ଉନ୍ନୟନକୁ ଆହୁରି ତ୍ୱରାନ୍ୱିତ କରିବା ସହିତ ନାଗରିକମାନଙ୍କ ପାଇଁ ଉନ୍ନତ ସୁବିଧା ଯୋଗାଇ ଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ବୈଠକରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଏବଂ ନିକଟରେ ଆରମ୍ଭ ହୋଇଥିବା 'ସହଯୋଗ' ଯୋଜନା ସମେତ ଅନ୍ୟାନ୍ୟ ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ବିସ୍ତୃତ ଆଲୋଚନା ହୋଇଛି। 'ସହଯୋଗ' ଯୋଜନା ସହରାଞ୍ଚଳର ଦରିଦ୍ର ପରିବାରମାନଙ୍କୁ ବିଭିନ୍ନ ସରକାରୀ କଲ୍ୟାଣ ଯୋଜନାର ସୁବିଧା ସିଧାସଳଖ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବିଶେଷକରି, ରାଜ୍ୟର ସମସ୍ତ ସହରଗୁଡ଼ିକୁ ପଟ୍‌ହୋଲ୍ ମୁକ୍ତ କରିବାର ଲକ୍ଷ୍ୟ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ସହିତ ରାସ୍ତା ମରାମତି, ପଥଚାରୀ ପାଥ୍ ବିକାଶ, ଜଳ ଯୋଗାଣ, ଡ୍ରେନେଜ୍ ସିଷ୍ଟମ୍ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣ ଅନୁଯାୟୀ ନଗର ଉନ୍ନୟନକୁ ଅଗ୍ରାଧିକାର ଦିଆଯାଉଛି।

କୃଷ୍ଣାଞ୍ଜନପୁରବାସୀଙ୍କ ସହ ରାଜ୍ୟପାଳଙ୍କ ଭାବବିନିମୟ

# ମହିଳା ଉଦ୍ୟମିତା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଇଂରାଜୀ ନୂଆବର୍ଷର ପ୍ରଥମ ଦିନରେ ଆଜି ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ପୁରୀ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୃଷ୍ଣାଞ୍ଜନପୁର ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କ ସହ ଭାବ ବିନିମୟ କରିବା ସହିତ ମହିଳାମାମାନେ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଋଣ ନେବା ସହ ଉଦ୍ୟୋଗପତି ହେବାକୁ ପ୍ରୋତ୍ସାହିତ କରିଥିଲେ।



ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ ପ୍ରତିଶତରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ରାଜ୍ୟପାଳ 'ମୁଦ୍ରା' ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରି ମହିଳାମାନଙ୍କୁ ଏହି ଯୋଜନାର ସୁବିଧା ନେଇ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ମହିଳାମାନଙ୍କ ଉତ୍ସାହଜନକ ଅଂଶଗ୍ରହଣରେ ରାଜ୍ୟପାଳ ଖୁସି ପ୍ରକଟ କରିବା ସହ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ ଏବଂ ଆଗାମୀ ଦିନରେ ଅଧିକ ସଂଖ୍ୟକ ମହିଳା ଉଦ୍ୟୋଗୀ ଦେଖିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ।

ପାରମ୍ପରିକ ଘୋଡ଼ା ନାଚ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ମାଧ୍ୟମରେ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲା । ଏହା ପରେ ରାଜ୍ୟପାଳ ପ୍ରାୟ ୫୦ ଜଣ ମହିଳା ଅଂଶଗ୍ରହଣକାରୀଙ୍କୁ କମ୍ବଳ, ଶାଢ଼ୀ, କ୍ୟାଲେଣ୍ଡର ଓ ମିଠା ସମ୍ବଳିତ କିଟ୍ ବଣ୍ଟନ କରିଥିଲେ। ଗ୍ରାମବାସୀଙ୍କ ସହ ବ୍ୟକ୍ତିଗତ ଭାବ ବିନିମୟ କରି ରାଜ୍ୟପାଳ ପିଏମଏସବିୱାଇ, ପିଏମଜେଜେୱାଇ, ସୁଭଦ୍ରା ଯୋଜନା, ପିଏମଏୱାଇ, ଅଟଳ ପେନସନ ଯୋଜନା ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଭଳି ସରକାରୀ ଯୋଜନାରୁ ଗ୍ରାମବାସୀ କେତେ ଲାଭବାନ ହୋଇ ପାରିଛନ୍ତି ତାହା ପଚାରି ବୁଝିଥିଲେ। ସାମାଜିକ ସୁରକ୍ଷା ଯୋଜନାରେ କମ ପଞ୍ଜୀକରଣ ହୋଇଥିବାରୁ ରାଜ୍ୟପାଳ ଚିନ୍ତା ପ୍ରକଟ କରି ସ୍ଥାନୀୟ ବ୍ୟାଙ୍କ ଅଧିକାରୀମାନଙ୍କୁ ଜନହିତକର ଯୋଜନା ବିଷୟରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ଗ୍ରାମବାସୀଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟପାଳ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଘନ କୁହୁଡ଼ି ସାଜିଲା ବାଧକ

# ୫ ବିମାନର ଗତିପଥ ପରିବର୍ତ୍ତନ


**ଭୁବନେଶ୍ୱର ୧।୧(ସଂଚାର ବ୍ୟୁରୋ):** ରାଜଧାନୀରେ ଘନ କୁହୁଡ଼ି ଯୋଗୁ ବିମାନ ସେବା ପ୍ରଭାବିତ। ଘନ କୁହୁଡି ଯୋଗୁଁ ୫ଟି ବିମାନର ଗତିପଥ ପରିବର୍ତ୍ତନ ହୋଇଛି। ୩ଟି ରାୟପୁରକୁ ଏବଂ ୨ଟି କଲିକତାକୁ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୩ଟି ବିମାନ ଦିଲ୍ଲୀରୁ ଆସୁଥିବା ବେଳେ ଗୋଟିଏ ଚେନ୍ନାଇ ଏବଂ ଗୋଟିଏ ବେଙ୍ଗାଲୁରୁରୁ ଆସୁଥିଲା। ସକାଳ ସାଢ଼େ ୬ଟା ବେଳେ ରନୱେରେ ଦୃଶ୍ୟମାନ ୫୦ ମିଟର ଥିଲା ସେଥିପାଇଁ ବିମାନ ଉଡିପାରି ନଥିଲା। ଅତି କମ୍‌ରେ ଦୃଶ୍ୟମାନ ୫୫୦ ମିଟର ରହିଲେ ବିମାନ ଉଡ଼ାଣ ହୋଇଥାଏ। ସିଜିନର ଦ୍ୱିତୀୟ ଦିନ ଯେଉଁଦିନ ଘନ କୁହୁଡ଼ି ପାଇଁ ବିମାନସେବା ବାଧାପ୍ରାପ୍ତ ହୋଇଛି। ଭୁବନେଶ୍ୱରରୁ ଡେରାଡୁନ ସକାଳ ୬ଟାରେ ଥିବା ବିମାନ ଦିନ ୧୦ଟାରେ ଯାଇଛି।



# ନିକୋ ପାର୍କର ହେବ ନବକଳେବର

ୃଟି ପର୍ଯ୍ୟାୟରେ ଖର୍ଚ୍ଚ ହେବ ୬ ଶହ କୋଟିରୁ ଅଧିକ ଟଙ୍କା

**ଭୁବନେଶ୍ୱର ୧।୧(ସଂଚାର ବ୍ୟୁରୋ):** ନୂଆବର୍ଷରେ ରାଜଧାନୀ ଭୁବନେଶ୍ୱରରେ ଥିବା ନିକୋ ପାର୍କର ହେବ ନବକଳେବର। ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୩ଟି ପର୍ଯ୍ୟାୟରେ ୨ ଶହ କୋଟି ଲେଖାଏଁ ମୋଟ ୬ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ପିଲାଙ୍କ ମନୋରଞ୍ଜନ ପାଇଁ କାର୍ଯ୍ୟକ୍ରମ କରାଯିବ। ଏହା ଭିତରେ ମାର୍କେଟ୍ କମ୍ପ୍ଲେକ୍ସ ଓ ଫୁଡ୍ କୋର୍ଟ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଦୀର୍ଘ ୭ ମାସ ପୂର୍ବେ ଭୁବନେଶ୍ୱର ନିକୋ ପାର୍କ ଜୋନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଥିଲେ। ଲେକ୍ ଜୋନ୍‌ର ୩.୨୬୦ କିଲୋମିଟର ଅଞ୍ଚଳକୁ ବିଶ୍ୱସ୍ତରୀୟ ଆକର୍ଷଣୀୟ କେନ୍ଦ୍ର କରିବାକୁ କହିଥିଲେ। ସୌନ୍ଦର୍ଯ୍ୟକରଣ ସହିତ ଆଲୋକୀକରଣ, ସାଇକେଲ ଟ୍ରାକ୍, ଆୟୁର୍ବେଦିକ ପାର୍କ, ଫୁଟ୍ ଓଭରବ୍ରିଜ୍ ଭଳି ବ୍ୟବସ୍ଥାର ଲକ୍ଷ୍ୟ ରହିଛି।



● ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ୧୨ତମ ଦିନ

# ୧.୪୩ କୋଟିର ସାମଗ୍ରୀ ଜବତ



**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ଡିସେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ୧୨ତମ ଦିନରେ ୨୮୦ଟି ମାମଲା ରୁଜୁ ହେବା ସହ ୧.୪୩ କୋଟି ଟଙ୍କା ମୂଲ୍ୟର ବେଆଇନ ମାଦକ ଦ୍ରବ୍ୟ ଓ ନିଶା ସାମଗ୍ରୀ ଜବତ ହୋଇଛି। ହସ୍ତଗତ ହୋଇଥିବା ସୂଚନା ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନରେ ବେଆଇନ କାରବାରରେ ସମ୍ପୃକ୍ତ ୩୫ ଜଣଙ୍କୁ ଗିରଫ କରାଯାଇଛି। ଯେଉଁଥିରେ ଏନଡିପିଏସ୍ ଆଇନ ଅଧୀନରେ ୩ଟି ମାମଲା ରୁଜୁ ହୋଇଛି। ମାମଲାରେ ଜଡିତ ୪ଟି ଗାଡ଼ି ମଧ୍ୟ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୧୫,୮୭୯ ଲିଟର ବେଆଇନ ଭାବେ ତିଆରି ହୋଇଥିବା ମଦ ଏବଂ ୭୫୮ ଲିଟର ଡୁଟି ପେଡ୍ ଲିକର ରହିଛି। ସେହିପରି ୧,୪୦,୦୫୦ ଲିଟର ମହୁଲ ପୋଚ, ୨୬,୬୦୦ କିଲୋଗ୍ରାମ ଗୁଡ଼ ପୋଚ ଏବଂ ୮ କିଲୋଗ୍ରାମ ଭାଙ୍ଗ ରହିଛି। ବେଆଇନ ନିଶା ଦ୍ରବ୍ୟ ମଧ୍ୟରେ ୬୩ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି।

● ବରଗଡ଼ ଧନୁଯାତ୍ରାରେ ଅଘଟଣ


# ଦୋଳିରୁ ପଡ଼ି ଯୁବକ ମୃତ



**ବଲାଙ୍ଗୀର,୧।୧(ସଂଚାର ବ୍ୟୁରୋ):** ବରଗଡରେ ଜମୁଛି ଧନୁଯାତ୍ରା। କଂସ ଗର୍ଜନରେ କମ୍ପୁଛି ଦରବାର। ଲାଗିଛି ଲୋକଙ୍କ ଗହଳି। ଧନୁଯାତ୍ରାରେ ପଡିଥିବା ମୀନାବଜାରରେ ବି ଭିଡ଼ ଜମୁଛି। ଆଉ ଯାତ୍ରା ସହ ମୀନାବଜାରର ମଜା ନେବାକୁ କାହାର ବା ପସନ୍ଦ ନୁହେଁ। ଏମିତି ମନକରି ମିଳନ ଯାଇଥିଲେ ବୁଲି। ମୀନାବଜାରରେ ବୁଲୁବୁଲୁ ଇଚ୍ଛା ହୋଇଥିଲା ଦୋଳି ଖେଳିବାକୁ। ଏମିତି ଦୋଳି ଖେଳୁ ଖେଳୁ ଚାଲିଗଲା ଜୀବନ। ବରଗଡ଼ ଧନୁଯାତ୍ରାରେ ନଜର ଆସିଛି ଅଭାବନୀୟ ଘଟଣା। ବରଗଡ ସଦର ଥାନା ଅନ୍ତର୍ଗତ ସରଗାଡ଼ ପଞ୍ଚାୟତର ଝାରମୁଣ୍ଡା ଗାଁରେ ଦେଖିବାକୁ ମିଳିଛି ଏଭଳି ଘଟଣା। ମୃତ ଯୁବକ ଜଣକ ହେଲେ ମିଳନ ସାହୁ। ସୂଚନା ଥାଉକି, ଝାରମୁଣ୍ଡାଠାରେ ଚାଲିଥିବା କଂସ ଦରବାରରେ ମୀନା ବଜାରର ଲେହେଟି ଦୋଳିରୁ ସେ ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ଯୁବକଙ୍କୁ ଉଦ୍ଧାର କରି ଲୋକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ କେମିତି କେଉଁ କାରଣରୁ ଏଭଳି ଘଟଣା ଘଟିଲା ସେନେଇ ତଦନ୍ତ କରୁଛି ପୁଲିସ।

ଦୋକାନୀଙ୍କୁ ଆକ୍ରମଣ ପରେ ପୁଣି ଆକ୍ରମଣ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ



**ଭଦ୍ରକ ୧।୧(ସଂଚାର ବ୍ୟୁରୋ):** ଭଦ୍ରକ ସହରରେ ଉତ୍ତେଜନା। ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ। ସୂଚନାଯୋଗ୍ୟ ଯେ, ଭଦ୍ରକ ସହରର ଅପର୍ତ୍ତିବିନ୍ଧା ଛକ ନିକଟରେ ବୁଧବାର ଜଣେ ଦୋକାନୀଙ୍କୁ ସଂଗବଦ୍ଧ ଭାବେ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ପରେ ଦୋକାନୀ ଗୁରୁତର ଭାବେ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ପରେ ପୁଣି ଆଜି ମଧ୍ୟ ଦୋକାନୀଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ହୋଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକ ଓ ସଂଗଠନ ଗୁଡ଼ିକ ରାସ୍ତାରୋକ କରିବା ସହ ନାରାବାଜି କରିଛନ୍ତି। ପୁଲିସ ସହ ଅତିରିକ୍ତ ଏସପି ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ତେବେ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି। ଘଟଣାସ୍ଥଳରେ ପହଞ୍ଚିଲେ ଭଦ୍ରକ ବିଧାୟକ, ଅତିରିକ୍ତ ଏସପି ଓ ତହସିଲଦାରଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

ବର୍ଷ ଆରମ୍ଭରୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ

# ୨ଘଣ୍ଟା ଧରି ସିଆରପି-ଡିଏଭି ରାସ୍ତା ଅବରୋଧ

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ନୂଆବର୍ଷ ଆରମ୍ଭରୁ ରାଜଧାନୀରେ ଗଡିଲା ମୁଣ୍ଡ। ସଂଘବଦ୍ଧ ଆକ୍ରମଣରେ ଆହତ ହୋଇଥିବା ଯୁବକଙ୍କ ମୃତ୍ୟୁ ହୋଇଛି। ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର। ନୟାପଲ୍ଲୀ

**ଟେନସନରେ କମିସନରେଟ ପୁଲିସ**



ପୁଲିସ ଥାନାରେ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଗତ ୨୬ ତାରିଖ ଦିନ ଯୁବକ ଜଣଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲା। ମୃତ ଯୁବକ ହେଲେ ନୟାପଲ୍ଲୀ ନୂଆସାହିର ଯୋଗେନ୍ଦ୍ର ଦାସ ଓରଫ ବବୁଲ।

୨୭ ତାରିଖ ସନ୍ଧ୍ୟା ୭ଟାରେ ନୟାପଲ୍ଲୀ ନୂଆସାହି ଘର ଆଗରେ ବବୁଲ ଦାସ ଗାଡ଼ି ଉପରେ ବସି କଥା ହେଉଥିଲେ। ୬ ଜଣ ଅଭିଯୁକ୍ତ ଅଟୋରେ ଆସି ବବୁଲଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ମୁଣ୍ଡ ଓ ମୁହଁକୁ ହାଣି ପକାଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ବବୁଲଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୪ ଦିନ ଚିକିତ୍ସା ହେବା ପରେ ଆଜି ଡାକ୍ତରଖାନାରେ ମୃତ୍ୟୁବରଣ କରିଛନ୍ତି ବବୁଲ। ଡାକ୍ତରଖାନାରେ ନୟାପଲ୍ଲୀ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି। ମୃତଦେହ ଜବତ କରି ଭୁବନେଶ୍ୱର ଏମ୍ସକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ପୁଲିସ। ହତ୍ୟାକାଣ୍ଡ ଘଟଣାରେ ଦୁଇଜଣଙ୍କୁ ନୟାପଲ୍ଲୀ ଥାନା ପୁଲିସ ଗିରଫ କରିଛି। ସେଥିରୁ ଜଣେ ନାବାଳକ ଥିବା ସୂଚନା ମିଳିଛି। ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ କମିସନରେଟ୍ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଖୋଳତାଡ଼ କରୁଛି। ମୁଖ୍ୟ ଅଭିଯୁକ୍ତ ନାଁରେ କମିସନରେଟ ପୁଲିସର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା କଥା ତଦନ୍ତ ସମୟରେ ଜଣାପଡ଼ିଛି। ସେପଟେ ବାବୁଲର ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି ପରିବାର ଲୋକ। ସିଆରପି ଛକରୁ ଡିଏଭି ସ୍କୁଲ ରାସ୍ତାକୁ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଅବରୋଧ କରିଥିଲେ। ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କଲେ ଉତ୍ତ୍ୟକ୍ତ ଲୋକ। ହତ୍ୟାକାରୀ ଗିରଫ ଦାବିରେ ରାସ୍ତାରେ ଆନ୍ଦୋଳନ ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ବୁଝାସୁଝା କରୁଛି। ହତ୍ୟାକାରୀଙ୍କୁ ୧୫ ଦିନ ଭିତରେ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୁ ହଟିଛନ୍ତି ପରିବାର।

# ରାଜ୍ୟପାଳଙ୍କୁ ଭେଟିଲେ ନବନିଯୁକ୍ତ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ନବବର୍ଷର ପ୍ରଥମ ଦିନରେ ଆଜି ଓଡ଼ିଶାର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା, ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବା ପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସୁଗମ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ଏହି ସୌଜନ୍ୟମୂଳକ ସାକ୍ଷାତ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଜନସେବା ପାଇଁ ପ୍ରଶାସନର ନିଷ୍ଠାପରତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ଦଳଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଆଗାମୀ ବର୍ଷରେ ନିରନ୍ତର ବିକାଶ ଓ ଓଡ଼ିଶାବାସୀଙ୍କ ମଙ୍ଗଳ ଉପରେ ଗୁରୁତ୍ୱାରୋପ କରିଥିଲେ।




# ଜଷ୍ଟିସ ସଙ୍ଗମ କୁମାର ସାହୁ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି

**କଟକ,୧।୧ (ସଂଚାର ବ୍ୟୁରୋ):** ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନୂଆ ନିଯୁକ୍ତି ମିଳିଛି। ବିହାର ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଥିବା ସୂଚନା ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଥିବା ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।




ଜଷ୍ଟିସ୍ ସାହୁଙ୍କର ଜନ୍ମ ୫ ଜୁନ୍ ୧୯୬୪ ମସିହାରେ ହୋଇଥିଲା। ସେ କଟକ ଲ' କଲେଜରୁ ଏଲଏଲବି କରିବା ପରେ ୧୯୮୯ ମସିହାରେ ଓଡ଼ିଶା ରାଜ୍ୟ ବାର୍ କାଉନସିଲ, କଟକ ଅଧୀନରେ ଜଣେ ଓକିଲ ଭାବରେ ପଞ୍ଜିକୃତ ହୋଇଥିଲେ। ପରବର୍ତ୍ତି ସମୟରେ ଜଷ୍ଟିସ ସାହୁ ୨ ଜୁଲାଇ ୨୦୧୪ ମସିହାରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବରେ ଉନ୍ନୀତ ହୋଇଥିଲେ। ଜଷ୍ଟିସ ସଙ୍ଗମ କୁମାର ସାହୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ବେଞ୍ଚ ଏବଂ ପ୍ରଶାସନରେ ତାଙ୍କର ବ୍ୟାପକ ଅଭିଜ୍ଞତା ତାଙ୍କୁ ପାଟନା ହାଇକୋର୍ଟର ନେତୃତ୍ୱ ନେବାର ସହାୟକ ହେବ। ଜଷ୍ଟିସ୍ ସାହୁ କଟକର ନୂଆବଜାର ହାଇସ୍କୁଲରୁ ତାଙ୍କର ଶିକ୍ଷା ଆରମ୍ଭ କରିଥିଲେ। ପରେ କଟକର ଷ୍ଟିୱାର୍ଟ ସାଇନ୍ସ କଲେଜରେ ସାଇନ୍ସ ନେଇ ପାଠ ପଢ଼ିଥିଲେ। ପରେ ସେ ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଏବଂ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ, ଏବଂ କଟକର ଲ' କଲେଜରୁ ଆଇନ ଡିଗ୍ରୀ ହାସଲ କରିଥିଲେ।

# ଜାନୁଆରୀ ୬ରୁ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ

**ଚିଲିକା/ଭୁବନେଶ୍ୱର, ୧।୧ (ସଂଚାର ବ୍ୟୁରୋ):** ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ସହଯୋଗରେ ଚଳିତ ବର୍ଷ ଜାନୁଆରୀ ୬ ରୁ ୮ ତାରିଖ ଯାଏଁ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଆୟୋଜିତ ହେବ। ସଂରକ୍ଷଣ-ନେତୃତ୍ୱାଧୀନ ପର୍ଯ୍ୟଟନ, ସ୍ଥାୟିତ୍ୱ ଏବଂ ଗୋଷ୍ଠୀ ଭାଗୀଦାରି ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା ନିମନ୍ତେ ଚିଲିକା ହ୍ରଦଠାରେ ଏହି ମହୋତ୍ସବର ଆୟୋଜନ କରାଯାଇଛି। ଏହି ମହୋତ୍ସବ ଜୈବ ବିବିଧତାର ସଂରକ୍ଷଣ, ସ୍ଥାନୀୟ ଲୋକଙ୍କ ଜୀବନଜୀବିକାରେ ଉନ୍ନତି, ଶିକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହିତ ଚିଲିକାର ଉତ୍କୃଷ୍ଟ ପରିବେଶଗତ ଗୁରୁତ୍ୱକୁ ପ୍ରଦର୍ଶନ କରିବ। ସଫଳ ଗୋଷ୍ଠୀ-ପରିଚାଳିତ ପକ୍ଷୀ ଦର୍ଶନ ମଡେଲ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏହି ମହୋତ୍ସବ ପରିଦର୍ଶକଙ୍କୁ ମଙ୍ଗଳାଯୋଡ଼ି ଏବଂ ନଳବଣ ପକ୍ଷୀ ଅଭୟାରଣ୍ୟରେ ପକ୍ଷୀ ଦର୍ଶନ ଅଭିଜ୍ଞତାରେ ଅଂଶଗ୍ରହଣ କରିବାକୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ।

ଏହି ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଆନୁଷ୍ଠାନିକ ଭାବରେ ଭୁବନେଶ୍ୱରର ଲୋକସେବା ଭବନରେ ଉଦଘାଟନ କରିବେ। ପରିଦର୍ଶକମାନେ ବରକୁଳର ପାନ୍ଥନିବାସ ନିକଟରେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ନୌକା ପ୍ରତିଯୋଗିତା ଏବଂ ଦୁଃସାହସିକ ଜଳକ୍ରୀଡ଼ା କାର୍ଯ୍ୟକଳାପ ଅନୁଭବ କରିବାର ସୁଯୋଗ ପାଇବେ। ବରକୁଳରେ ଚିଲିକା ଡଙ୍ଗା ଦୌଡ଼କୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିବେ। ମହୋତ୍ସବର ସାଂସ୍କୃତିକ ଏବଂ ଗୋଷ୍ଠୀ-ନେତୃତ୍ୱାଧୀନ ଦିଗକୁ ଆହୁରି ସମୃଦ୍ଧ କରିବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପ୍ରମୁଖ ପଦକ୍ଷେପ ମାଧ୍ୟମରେ, ଓଡ଼ିଶା ସରକାର ଚିଲିକାକୁ ଆର୍ଦ୍ରଭୂମି ସଂରକ୍ଷଣ, ଅନ୍ତର୍ଭୁକ୍ତ ବିକାଶ ଏବଂ ସ୍ଥାୟୀ, ସମ୍ପ୍ରଦାୟ-ପରିଚାଳିତ ପର୍ଯ୍ୟଟନ ପାଇଁ ଏକ ଜାତୀୟ ଏବଂ ଅନ୍ତର୍ଜାତୀୟ ମଡେଲ ଭାବରେ ସ୍ଥାନିତ କରିଆସୁଛନ୍ତି ।

**ଲୋକସେବା ଭବନ ସମ୍ମେଳନ କକ୍ଷରେ ହେବ ଉଦ୍‌ଘାଟନ**




# ନିଷ୍ପତ୍ତିରେ ବିଳମ୍ବ ଯୋଗୁ ମିଳିଲାନି ପିଆଜ, ରସୁଣ ବିହନ

**ଭୁବନେଶ୍ୱର,୧।୧:** ପ୍ରଶାସନିକ ବିଳମ୍ବ କାରଣରୁ ଚଳିତବର୍ଷ ରାଜ୍ୟରେ ପିଆଜ ରସୁଣ ଉତ୍ପାଦନ ପ୍ରଭାବିତ ହେବ। କାରଣ ଠିକଣା ସମୟରେ ଏହି ଚାଷପାଇଁ ବିହନ ଯୋଗାଣ ହୋଇପାରିନାହିଁ। ରାଜ୍ୟରେ ମସଲା ଚାଷ ମିଶନ ଜରିଆରେ ଚାଷୀମାନଙ୍କୁ ପିଆଜ, ରସୁଣ, ଅଦା, ହଳଦୀ, ଧନିଆ ଆଦି ଚାଷପାଇଁ ସରକାର ରିହାତି ଦରରେ ଉନ୍ନତମାନର ବିହନ ଯୋଗାଣ କରିଥାନ୍ତି। ପିଆଜ ଓ ରସୁଣ ବିହନ ଯୋଗାଣ ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ହୋଇଥାଏ। ଏଥିପାଇଁ କୃଷି ବିଭାଗ ଅର୍ଥ ଯୋଗାଇ ଦେଇଥାନ୍ତି। ଚଳିତବର୍ଷ ଚାଷୀମାନଙ୍କୁ ଏହି ବିହନ ଯୋଗାଣ ପାଇଁ ନିଗମ ପକ୍ଷରୁ ବିଭାଗର ଅନୁମତି ପାଇଁ ଫାଇଲ୍ ପଠାଯାଇଥିଲା। ହେଲେ ଫାଇଲଟି ନିଗମକୁ ଫେରିଲା ବେଳକୁ ପିଆଜ ଓ ରସୁଣ ଚାଷ ସମୟ ଆରମ୍ଭ ହୋଇଗଲାଣି। ଫଳରେ ନିଗମ ଆଉ ବିହନ କିଣି କ୍ଷତିର ପଡିବାକୁ ଚାହିଁଲା ନାହିଁ। ତେଣୁ ଚଳିତବର୍ଷ ଚାଷୀମାନଙ୍କୁ ପିଆଜ ଓ ରସୁଣ ବିହନ ଯୋଗାଣ ହୋଇପାରିନଥିବା ଜଣାଯାଇଛି।

ରାଜ୍ୟରେ ପିଆଜ ଓ ରସୁଣ ଉତ୍ପାଦନ ବଢ଼ାଇବା ପାଇଁ ତିନି ବର୍ଷ ହେଲା ଚାଷୀମାନଙ୍କୁ ଏହାର ବିହନ ଯୋଗାଣ ହୋଇଆସୁଛି। ସୂଚନା ଅନୁଯାୟୀ ନିଗମ ପକ୍ଷରୁ ଚାଷୀମାନଙ୍କୁ ପ୍ରାୟ ୫ଶହ କୁଇଣ୍ଟାଲ ପିଆଜ ବିହନ ଏବଂ ଦୁଇରୁ ତିନି ହଜାର କୁଇଣ୍ଟାଲ ରସୁଣ ବିହନ ଯୋଗାଣ ହୋଇଥାଏ। ହେଲେ ଚଳିତବର୍ଷ ସେମାନେ ଏଥିରୁ ବଞ୍ଚିତ ହୋଇଥିବା ବେଳେ ଏହାର ପ୍ରଭାବ ଉତ୍ପାଦନ ଉପରେ ପଡିବ।



ଉଲ୍ଲେଖନୀୟ ଯେ, ପିଆଜ ପାଇଁ ଓଡିଶା ମହାରାଷ୍ଟ୍ର ଓ କର୍ଣ୍ଣାଟକ ଉପରେ ନିର୍ଭରଶୀଳ। ଯଦିଓ ରାଜ୍ୟରେ ଆବଶ୍ୟକ ପରିମାଣ ପିଆଜ ଉତ୍ପାଦନ ହେଉଛି, କିନ୍ତୁ ଏହାର ଗୁଣମାନ ଓ ସଂରକ୍ଷଣ ଅଭାବ ଯୋଗୁଁ ପ୍ରାୟତଃ ବର୍ଷସାରା ପିଆଜ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ସେଠାକାର ବ୍ୟବସାୟୀମାନେ ଓଡିଶାର ପିଆଜ ଦରକୁ ନିୟନ୍ତ୍ରଣ କରୁଛନ୍ତି। ସେହିଭଳି ଅବସ୍ଥା ମଧ୍ୟ ରସୁଣର। ଅନ୍ୟ ମସଲା କ୍ଷେତ୍ରରେ ଏବେ ବି ଆମେ ଆତ୍ମନିର୍ଭର ହୋଇପାରୁନାହିଁ। ଏଭଳି ସ୍ଥିତିରେ ଚାଷୀମାନଙ୍କୁ ପିଆଜ ଓ ରସୁଣ ବିହନ ଯୋଗାଣରେ ପ୍ରଶାସନିକ ବିଳମ୍ବ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସରକାର ତୁରନ୍ତ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଉଛି। (ତଥ୍ୟ)

# ସାମାନ୍ୟ କଥା କଟାକଟିରୁ ସ୍ତ୍ରୀକୁ ହତ୍ୟା

**ସୁନ୍ଦରଗଡ଼,୧।୧(ସଂଚାର ବ୍ୟୁରୋ) :** ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ। ଏମିତି ଅଭିଯୋଗ ଆସିଛି ସୁନ୍ଦରଗଡ଼ରୁ। ସୁନ୍ଦରଗଡ଼ ହେମଗିରି ଥାନା ଖୁଣ୍ଟିପାନି ଗାଁରେ ଅଭାବନୀୟ ଘଟଣା। ସାମାନ୍ୟ କଥା କଟାକଟିକୁ ନେଇ ସ୍ତ୍ରୀକୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଛି ସ୍ୱାମୀ। ଘଟଣାସ୍ଥଳରେ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ପୁଲିସ। ପୁଷ୍ପା ଧନୁଆ ପରିବାର ସହିତ ହେମଗିରି ସାପ୍ତାହିକ ହାଟକୁ ଯାଇଥିଲେ। ଫେରିବା ବାଟରେ ଉଭୟ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ ସ୍ୱାମୀ ମକୁଲ ଧନୁଆ ଧରିଥିବା ଠେଙ୍ଗାରେ ପୁଷ୍ପାଙ୍କୁ ନିର୍ଘୁମ ମାଡ଼ ମାରିଥିଲେ। ପୁଷ୍ପା ଅଚେତ ହୋଇପଡ଼ିବାରୁ ଘରେ ନେଇ ଶୁଆଇ ଦେଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ମୃତ ପୁଷ୍ପାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀକୁ ଅଟକ ରଖିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ



# ଦକ୍ଷିଣ ଏସିଆରେ ଶାନ୍ତି ଏକ ସ୍ୱପ୍ନ

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୀର୍ଘଦିନର ବିବାଦ ଏକ ଅନ୍ତହୀନ ଟଗ୍ ଅଫ୍ ୱାର୍ ଭଳି ଲାଗୁଛି। ୧୯୪୭ରେ ବିଭାଜନ ପରେ ଉଭୟ ଦେଶ ମଧ୍ୟରେ କାଶ୍ମୀର ସମସ୍ୟା ଏକ ମୁଖ୍ୟ ବିବାଦର କାରଣ ହୋଇଛି। ଏହି ବିବାଦ କେବଳ ରାଜନୈତିକ ନୁହେଁ, ବରଂ ଆର୍ଥିକ, ସାମରିକ ଏବଂ ସାଂସ୍କୃତିକ ମାପକାଠିରେ ମଧ ପ୍ରଭାବ ପକାଇଛି। ନିକଟରେ ୨୦୨୫ ମେ ମାସରେ ହୋଇଥିବା ଚାରି ଦିନିଆ ସଂଘର୍ଷ ଏହି ଟଗ୍ ଅଫ୍ ୱାର୍ର ଏକ ନୂଆ ଅଧ୍ୟାୟ ଖୋଲିଛି, ଯାହା ଉଭୟ ଦେଶର ନାଗରିକମାନଙ୍କୁ ଆତଙ୍କିତ କରିଛି।

ଏପ୍ରିଲ୍ ୨୨, ୨୦୨୫ରେ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ଭାରତୀୟ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଭାରତ ଏହାକୁ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀର କାର୍ଯ୍ୟ ବୋଲି ଅଭିଯୋଗ କରିଥିଲା ଏବଂ ମେ ୭ରେ ପାକିସ୍ତାନ ଉପରେ ମିସାଇଲ ଆକ୍ରମଣ ଆରମ୍ଭ କରିଥିଲା। ଏହି ସଂଘର୍ଷରେ ଡ୍ରୋନ୍ ଏବଂ ମିସାଇଲର ବ୍ୟାପକ ବ୍ୟବହାର ହୋଇଥିଲା, ଯାହା ଏକ ନୂଆ ଯୁଗର ଯୁଦ୍ଧର ଚିହ୍ନ ଦେଖାଇଛି। ପାକିସ୍ତାନ ଏହି ଅଭିଯୋଗକୁ ଖଣ୍ଡନ କରି ଭାରତକୁ ଆକ୍ରମଣକାରୀ ବୋଲି କହିଛି। ଚାରି ଦିନ ପରେ ଯୁଦ୍ଧବିରତି ଘୋଷଣା ହୋଇଥିଲା, କିନ୍ତୁ ଏହା ଚୀନ, ଆମେରିକା ଏବଂ ଅନ୍ୟାନ୍ୟ ଦେଶର ମଧ୍ୟସ୍ଥତାର ଫଳ ବୋଲି କୁହାଯାଉଛି। ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ଇ ଏହି ମଧ୍ୟସ୍ଥତାର ଶ୍ରେୟ ନେଇଛନ୍ତି, ଯାହା ଭାରତ ଦ୍ୱାରା ନାକଚ ହୋଇଛି। ଏହି ଟଗ୍ ଅଫ୍ ୱାରର ମୂଳ କାରଣ ହେଉଛି ଆତଙ୍କବାଦ ଏବଂ ସୀମା ବିବାଦ। ଭାରତର ଦୃଷ୍ଟିରୁ, ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଛି, ଯାହା କାଶ୍ମୀରରେ ଅସ୍ଥିରତା ସୃଷ୍ଟି କରୁଛି। ୨୦୨୫ରେ ଭାରତର 'ଜିରୋ ଟଲରାନ୍ସ' ନୀତି ଅନୁସାରେ ଇଣ୍ଡସ ୱାଟର ଟ୍ରିଟି ସ୍ଥଗିତ କରାଯାଇଥିଲା ଏବଂ ଅଟାରି ଚେକ ପୋଷ୍ଟ ବନ୍ଦ ହୋଇଥିଲା। ଏହା ପାକିସ୍ତାନର ଅର୍ଥନୀତିକୁ ପ୍ରଭାବିତ କରିଛି। ଅନ୍ୟପକ୍ଷରେ,



ପାକିସ୍ତାନ ଭାରତକୁ ବଳବାନ ପଡୋଶୀ ବୋଲି ଅଭିଯୋଗ କରୁଛି ଏବଂ ଚୀନ୍ ଏବଂ ତୁର୍କୀ ସହିତ ମିଳିତ ହୋଇ ଡ୍ରୋନ ପ୍ରଯୁକ୍ତି ବିକଶିତ କରୁଛି। ଆମେରିକାର କାଉନ୍ସିଲ ଅନ ଫରେନ ରିଲେସନ ରିପୋର୍ଟ ଅନୁସାରେ, ୨୦୨୬ରେ ଆତଙ୍କବାଦ କାରଣରୁ ଏକ ବଡ଼ ସଂଘର୍ଷର ସମ୍ଭାବନା ରହିଛି।

ଏହି ସଂଘର୍ଷର ପ୍ରଭାବ କେବଳ ଉଭୟ ଦେଶରେ ସୀମିତ ନୁହେଁ। ଦକ୍ଷିଣ ଏସିଆର ସ୍ଥିରତା ପ୍ରଭାବିତ ହେଉଛି। ପାକିସ୍ତାନ ବଙ୍ଗଳାଦେଶ ଏବଂ ଚୀନ ସହିତ ନୂଆ ମିଳିତ ବ୍ଲକ ଗଠନ କରିବାକୁ ଚେଷ୍ଟା କରୁଛି, ଯାହା ଭାରତକୁ ବିରୋଧୀ କରିବାର ଲକ୍ଷ୍ୟ ରଖିଛି। କିନ୍ତୁ ଏହା କାର୍ଯ୍ୟକାରୀ ହେବ କି ନାହିଁ, ଏହା ସନ୍ଦେହର ବିଷୟ। ଆମେରିକା ଏବଂ ଚୀନ ଭଳି ମହାଶକ୍ତିମାନେ ଏହି ବିବାଦରେ ନିଜର ସ୍ୱାର୍ଥ ଦେଖୁଛନ୍ତି, ଯାହା ପରିସ୍ଥିତିକୁ ଆହୁରି ଜଟିଳ କରୁଛି।

ଏହି ଟଗ୍ ଅଫ ୱାରରୁ ବାହାରିବା ପାଇଁ ଉଭୟ ଦେଶକୁ ଆଲୋଚନାର ମାର୍ଗ ଅବଲମ୍ବନ କରିବା ଉଚିତ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପାକିସ୍ତାନର ନେତୃତ୍ୱ ଆତଙ୍କବାଦ ବିରୋଧରେ ମିଳିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। କାଶ୍ମୀର ସମସ୍ୟାର ସମାଧାନ ପାଇଁ ଦ୍ୱିପାକ୍ଷିକ ଆଲୋଚନା ଏବଂ ତୃତୀୟ ପକ୍ଷର ହସ୍ତକ୍ଷେପ ବିନା ସମ୍ଭବ। ଆର୍ଥିକ ସହଯୋଗ, ବାଣିଜ୍ୟ ଏବଂ ସାଂସ୍କୃତିକ ବିନିମୟ ମାଧ୍ୟମରେ ବିଶ୍ୱାସ ନିର୍ମାଣ କରାଯାଇ ପାରିବ। ଯୁବପିଢ଼ିକୁ ଶାନ୍ତିର ମହତ୍ତ୍ୱ ବୁଝାଇବା ଦରକାର।

ଯଦି ଏହି ବିବାଦ ଜାରି ରହିବ, ତେବେ ଉଭୟ ଦେଶର ବିକାଶ ବାଧାପ୍ରାପ୍ତ ହେବ। ୨୦୨୬ରେ ଏକ ନୂଆ ସଂଘର୍ଷର ସମ୍ଭାବନା ରହିଥିବାରୁ, ଅନ୍ତର୍ଜାତୀୟ ସମୁଦାୟକୁ ଏହାର ନିରାକରଣ ପାଇଁ ଚାପ ଦେବା ଉଚିତ। ଶାନ୍ତି ହିଁ ଏହି ଟଗ ଅଫ୍ ୱାରର ଅନ୍ତିମ ବିଜୟ ହେବ। ଆସନ୍ତୁ ଆମେ ଏକ ଶାନ୍ତିପୂର୍ଣ୍ଣ ଦକ୍ଷିଣ ଏସିଆର ସ୍ୱପ୍ନ ଦେଖିବା।

# ୨୦୨୬ର ସଂକଳ୍ପ

**ବିକ୍ରମ କେଶରୀ ବିଶ୍ୱାଳ**



ଦୁଃଖସୁଖର ୨୦୨୫ ସରିଲା। ଉକ୍ତ ବର୍ଷକୁ ବିଦାୟ ଦେବା ପାଇଁ ଦେଶ ଓ ରାଜ୍ୟରେ କାହିଁ ନା କେତେ ଉତ୍ସବମୁଖର ହୋଇଉଠିବ ୩୧ରେ ରାତି। ହୋଟେଲ, ରେଷ୍ଟୋରାଁ, କ୍ଲବ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଗହଣ ଓ ପରିବାର ମଧ୍ୟରେ ଭିନ୍ନ ଭିନ୍ନ ବାଗରେ ବିଦାୟ ମହୋତ୍ସବ ପାଳିତ ହୋଇଥାଏ। ରାତି ପାହିଲା ବେଳକୁ ପୂର୍ବାକାଶ ରକ୍ତିମ ସୂର୍ଯ୍ୟର ଆହ୍ୱାନ। ଏ ସବୁ କିଛି ମାନେରଖେନା ଚାଳଘରେ ଓଲିଏ ଖାଇ ଦିନେ ବଞ୍ଚୁଥିବା ଲୋକମାନଙ୍କ ପାଖରେ। ଦୁଃଖି, ରଙ୍କି, ଅଭାବୀଙ୍କ ପାଇଁ ସୂର୍ଯ୍ୟ ସବୁବେଳେ ନିଷ୍ପ୍ରଭ ଓ ନିସ୍ତେଜ। ସେମାନଙ୍କ ପାଇଁ କ'ଣ ମାନେଥାଏ ମଟୁଆଲା ମଧ ରାତ୍ରିର ମହକ! ବା ସକାଳର ରଜନୀଗନ୍ଧା, ଗୋଲାପ, ଗେଣ୍ଡୁର ବାସ୍ନା। ମେହନତୀ ମଣିଷ ପାଇଁ ଦିନ, ମାସ, ବର୍ଷର ସ୍ୱତନ୍ତ୍ର ପରିଚୟ କିଛି ମାନେରଖେନା। ମାନେରଖେନା ଈଶ୍ୱର ଅନ୍ୱେଷୀ ନିସଙ୍ଗ ସନ୍ନ୍ୟାସୀର ଶୂନ୍ୟତାବୋଧ ପାଇଁ।

ତଥାପି ମଣିଷ ସ୍ୱପ୍ନ, ଆଶାକୁ ନେଇ ଅନେକ ସଂକଳ୍ପ ବାଛି ନେଇଥାଏ ୩୧ ରାତ୍ରି ଓ ୧ ସକାଳ ପାଇଁ। ଭାଙ୍ଗି ପଡୁଥିବା ପ୍ରେମର ପୁନଃ ମିଳନ ପାଇଁ ସଂକଳ୍ପ, ନିଶାଶକ୍ତ ନ ହେବା ପାଇଁ ସଂକଳ୍ପ, ଦୁର୍ନୀତିଗ୍ରସ୍ତ ନ ହେବା ପାଇଁ ସଂକଳ୍ପ, ଚୋରି ଲୁଟତରାଜ ନ ଭିଆଇବାର ସଂକଳ୍ପ, ହିଂସା, କ୍ରୋଧ, ଲୋଭ, ମୋହ ଆଦିରୁ ମୁକ୍ତି ହେବାର ସଂକଳ୍ପ ଇତ୍ୟାଦି ନାନା ପ୍ରକାର ନିଷ୍ପତ୍ତି ମଣିଷ ନେଇଥାଏ। ଯଦିଓ ତାହା କେତେ ଘଣ୍ଟା ପରେ ଭାଙ୍ଗି ଯାଇଥାଏ ତଥାପି କେଇ ମୁହୂର୍ତ୍ତର ସଂକଳ୍ପ ମାନବ ଚେତନାକୁ ଊର୍ଦ୍ଧ୍ୱଗାମୀ କରିଥାଏ। ଭଗବାନ କହିଛନ୍ତି ଯେ ଯଦି ମଣିଷ ମତେ ଅନାସକ୍ତ ଭାବେ ଗୋଟିଏ ମୁହୂର୍ତ୍ତ ସ୍ମରଣ କରିପାରିଲା ତେବେ ମୁଁ ତାକୁ ଜୀବନଯାକର ପାପରୁ ମୁକ୍ତି ଦେବି। ସେହିପରି ଆମେ ଆମର ସଚେତନ ମନରେ ଚଳିତ ବର୍ଷ ପାଇଁ କିଛି ସଂକଳ୍ପ ନେବାର ଆବଶ୍ୟକତା ରହିଛି। ଦେଶ ଆମର ତେଣୁ ଦେଶ ପାଇଁ ଆମେ ପ୍ରଥମେ ଉତ୍ସର୍ଗୀକୃତ ମନଭାବ ନେଇ କିଛି ସେବାକରିବା। ଦେଶ ଓ ଯୁବଗୋଷ୍ଠୀ ନିଜର ଅନ୍ତର୍ନିହିତ ଶକ୍ତିକୁ ଏକାଠି କରି ଦେଶ ଗଠନରେ ହାତ ବଢ଼ାଇବା। ମା' ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ ନିସଙ୍କୋଚରେ ସ୍ୱାର୍ଥ ତ୍ୟାଗ କରିବା। ଦେଶ ଓ ଜାତିର କ୍ଷତି ହେଲା ଭଳି କୌଣସି ଚିନ୍ତା ବା କାର୍ଯ୍ୟ କରିବା ନାହିଁ। ଧନୀ, ନିର୍ଧନ ନିର୍ବିଶେଷରେ ସମାଜସେବା ପ୍ରତି ବ୍ରତୀହେବା। କାରଣ ମାନବ ସେବା, ମାଧବ ସେବା। ପ୍ରକୃତିର ସୌନ୍ଦର୍ଯ୍ୟକୁ କୌଣସି ପ୍ରକାରେ ନଷ୍ଟ କରିବା ନାହିଁ। ଗ୍ରାମାଞ୍ଚଳରେ ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ସମ୍ପ୍ରୀତି ଓ ସଂହତି ବଜାୟ ରଖିବା। ଗୋଟିଏ ଜାତିର ଏକତା ତାର ପରମ୍ପରା ଉପରେ ପର୍ଯ୍ୟବେଷିତ। ତେଣୁ ଅପସୃୟମାଣ ସଂସ୍କୃତିକୁ ବଞ୍ଚାଇ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ଯେଉଁ ବାତାବରଣ ଆମର ଚିନ୍ତନ ଓ ଚୈତନ୍ୟକୁ ପ୍ରତ୍ୟେକ୍ଷରେ ବା ପରୋକ୍ଷରେ ପ୍ରଦୂଷିତ କରୁଛି ତାହା ଠାରୁ ଦୂରେଇ ରହିବା। ନୈତିକତା ମଣିଷର ସବୁଠାରୁ ବଡ଼ ଅନ୍ତର୍ନିହିତ ଶକ୍ତି। ତାକୁ ସବୁବେଳେ ଯେପରି ସୁରକ୍ଷିତ ରଖିବା ସେଥିପ୍ରତି ଯତ୍ନବାନ ହେବା। ଭାରତ ସବୁବେଳେ ନୈତିକତା ଓ ଆଧାତ୍ମିକତାକୁ ଗୁରୁତ୍ୱ ଦେଇଆସିଛି। ଯେଉଁ ବ୍ୟକ୍ତି ନିଜର ନୈତିକତା ଓ ଆଧାତ୍ମିକତା ହରାଏ ସେ ଆପଣାଛାଏଁ ଦୁର୍ବଳ ହୋଇପଡ଼େ।

ଆମେ ଆଶା କରୁଛୁ ଚଳିତ ବର୍ଷ ରାଜ୍ୟରେ ରାଜନୈତିକ ଦଳଗୁଡ଼ିକ ସମାଜୋଚିତ ଆଚରଣ ପ୍ରଦର୍ଶନ କରନ୍ତୁ। ନିଜକୁ ପ୍ରକୃତ ସମାଜସେବୀ ଭାବେ ପ୍ରତିପାଦିତ କରି ବ୍ୟକ୍ତି ସମ୍ମାନ ଲାଭ କରନ୍ତୁ। ତଦନୁରୂପ ଯୁବ ସମାଜ କୌଣସି ଅସାମାଜିକ କାର୍ଯ୍ୟ ଓ ହିଂସ୍ର କାମ ନକରନ୍ତୁ। ନୂଆବର୍ଷ ପରେ ପରେ ଆରମ୍ଭ ହୋଇଯାଏ ବିଦ୍ୟାର୍ଥୀ ମାନଙ୍କର ପରୀକ୍ଷାର ଋତୁ। ବିଦ୍ୟାର୍ଥୀମାନେ କାୟ ମନୋକାର୍ଯ୍ୟରେ ଅଧ୍ୟୟନ ପ୍ରତି ଦୃଷ୍ଟି ଦେଇ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତୁ। ଜଣେ ମଣିଷ ଜଟିଳ ଓ ଅଭଦ୍ର ହେବା ସହଜ କିନ୍ତୁ ସରଳ ଓ ଭଦ୍ର ହେବା କଠିନ କାର୍ଯ୍ୟ। ତେଣୁ ସମସ୍ତେ ଭଦ୍ର ହେବା ପାଇଁ ଓ ସରଳ ହେବା ପାଇଁ ଉଦ୍ୟମ ଜାରି ରଖନ୍ତୁ। ପ୍ରତ୍ୟେକ ମଣିଷ ପାଇଁ ପୁନଶ୍ଚ ଭଲ ହେବାର ଓ ଭଦ୍ର ହେବାର ବାଟଟିଏ ଅପେକ୍ଷା କରିଥାଏ। ହତୋତ୍ସାହିତ ନ ହୋଇ ସେଇ ବାଟର ଅନୁସନ୍ଧାନରେ ଗତି କରିବା ବାଞ୍ଛନୀୟ। ମନେରଖନ୍ତୁ ପ୍ରତ୍ୟେକ ମୁହୂର୍ତ୍ତରେ କେହି ନା କେହି ଜଣେ ଆପଣଙ୍କ କାର୍ଯ୍ୟକଳାପକୁ ଫଟୋ ଉଠାଉଛି ଯାହା ଦିନେ ଇତିହାସର ଅଂଶ ହୋଇପାରେ। ସେଥିପାଇଁ ମହାପୁରୁଷମାନେ ଇତିହାସକୁ ଡରନ୍ତି। କାରଣ ଇତିହାସର ଆଖିରେ ପତା ନଥାଏ। ସମାଜ ଯେହେତୁ ବ୍ୟକ୍ତିବିଶେଷଙ୍କ ସଂଗୋଷ୍ଠୀ ତେଣୁ ବ୍ୟକ୍ତି ପବିତ୍ରତାରେ ସମାଜର ପବିତ୍ରତା ପ୍ରତିଷ୍ଠିତ ହୋଇଥାଏ। ୨୦୨୬ରେ ଆସନ୍ତୁ ଆମେ ସମସ୍ତେ ସକରାତ୍ମକ ଚିନ୍ତାଧାରା ନେଇ ଓଡ଼ିଶା ଗଢ଼ିବା। ମାତୃଭାଷାକୁ ସମ୍ମାନଦେବା। ସଂକଳ୍ପ କରିବା ନୂଆ ବର୍ଷ ଅବସରରେ କେବଳ ନିଜ ଜୀବନ ନୁହେଁ ବା ନିଜ ପରିବାର ନୁହେଁ ଏହା ସହିତ ଏ ରାଜ୍ୟ, ଏ ଦେଶ, ଏ ଜାତି ପାଇଁ ଆମ ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରିବା। ଜଗତର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଆମ୍ଭମାନଙ୍କର ଦାୟିତ୍ୱକୁ ନିଷ୍ଠାପର ଭାବେ, ନିଃସ୍ୱାର୍ଥପର ଭାବେ ନିର୍ବାହ କରି ଅନ୍ତତଃ ଜଣେ ଭଲ ମଣିଷ ହେବାର ସଂକଳ୍ପବଦ୍ଧ ଜୀବନ ପାଇଁ ଆଜିର ଦିନଟିକୁ ସ୍ମରଣୀୟ କରିବା।


**ଯାଜପୁର ରୋଡ଼, ଯାଜପୁର, ମୋବାଇଲ୍: ୯୯୩୮୫୩୬୦୭୬**


# ନୂଆ ବର୍ଷ: ସଂକଳ୍ପର ଭାଷା

**ବିକ୍ରମ ମହାପାତ୍ର**



ଆଜି ନୂଆ ବର୍ଷର ଆରମ୍ଭ ଦିନ। କେତେକ ଏହାକୁ ଖ୍ରୀଷ୍ଟିୟ ବା ପାଶ୍ଚାତ୍ୟ ନୂଆ ବର୍ଷର ଆରମ୍ଭ ବୋଲି କହିବାକୁ ପସନ୍ଦ କରୁଥିଲେ ହେଁ ଏହା ଦେଶ, ଜାତି, ଧର୍ମ ଆଦି ନିର୍ବିଶେଷରେ ମାନବ ସଂସ୍କୃତିର ଅଂଶରେ ପରିଣତ ହୋଇଥିବା ଭଳି ଆଜି ଦିନରେ ଆସନ୍ତା ବର୍ଷକ ପାଇଁ କିଛି ନୂଆ ସଂକଳ୍ପ କରିବା ମଧ ଏକ ସାଧାରଣ ଆଚରଣରେ ପରିଣତ ହୋଇଛି। ଆଜି କରାଯାଉଥିବା ଅସୁମାରି ସଂକଳ୍ପମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଥିଲେ ହେଁ ଏମାନଙ୍କ ଚରିତ୍ରରେ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ପ୍ରଧାନ ସାମଞ୍ଜସ୍ୟ ହେଲା ସଂକଳ୍ପକାରୀମାନେ ନିଜର ଆଚରଣରେ କୌଣସି ନା କୌଣସି ପରିବର୍ତ୍ତନ କରିବା ପାଇଁ ଲକ୍ଷ୍ୟ ରଖିଥାନ୍ତି। ଦ୍ୱିତୀୟ ସାମଞ୍ଜସ୍ୟ ହେଲା ଏହି ସମସ୍ତ ପରିବର୍ତ୍ତନମାନ କୌଣସି ଭଲ ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ ଚିନ୍ତା କରାଯାଇଥାଏ। ତୃତୀୟ ସାମଞ୍ଜସ୍ୟଟି ହେଲା ଏସବୁ ସଂକଳ୍ପ ଗୁଡ଼ିକ ଦୁଇ ଶ୍ରେଣୀରେ ବିଭକ୍ତ ସକାରାତ୍ମକ ଓ ନକାରାତ୍ମକ ଓ ଯେଉଁ ସବୁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥାଏ ସେଗୁଡ଼ିକ ନକାରାତ୍ମକ ସଂକଳ୍ପ ମାନଙ୍କର ଉଦ୍ଦେଶ୍ୟ କିନ୍ତୁ ମହତ୍। ଯେମିତି ପ୍ରତିଦିନ ପ୍ରାତଃ ଭ୍ରମଣ କରିବା ପାଇଁ ସଂକଳ୍ପ ଏକ ସାକାରାତ୍ମକ ନିଷ୍ପତ୍ତି ହୋଇଥିବା ବେଳେ ତମାଖୁ ସେବନ ନକରିବା ପାଇଁ ସଂକଳ୍ପ ଏକ ନକାରାତ୍ମକ ନିଷ୍ପତ୍ତି ହୋଇଥାଏ। ଚତୁର୍ଥ ସାମଞ୍ଜସ୍ୟଟି ହେଲା ତୁରନ୍ତ ହେଉ ବା ବିଳମ୍ବରେ ହେଉ ଏଥିରୁ ଅଧିକାଂଶ ସଂକଳ୍ପ ଭୁଶୁଡ଼ି ପଡ଼ିଥାଏ। ସତେ ଯେମିତି ଏକ ଆପ୍ତ ବାକ୍ୟକୁ ପ୍ରମାଣିତ କରିବା ପାଇଁ ଏ ସଂକଳ୍ପର ବନ୍ୟା ସୃଷ୍ଟି ହୋଇଥାଏ, ଭଙ୍ଗା ହେବା ପାଇଁ ହିଁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥାଏ। ଏଠାରେ ସଂକଳ୍ପମାନ ହେଉଛି କେବଳ ଯାହା ନିଜକୁ ନିଜେ ଦେଇଥିବା ପ୍ରତିଶ୍ରୁତି।

ପ୍ରସିଦ୍ଧ ଆମେରିକୀୟ ଲେଖକ ଓ ପ୍ରତ୍ୟୁତ୍ପନ୍ନମତି ବ୍ୟଙ୍ଗକାର ମାର୍କ ଟ୍ୱେନ୍ ଜାନୁଆରୀ ୧୮୬୩ରେ ଏ ସମ୍ପର୍କରେ ପ୍ରଦାନ କରିଥିବା ଏକ ମନ୍ତବ୍ୟ ଏ କ୍ଷେତ୍ରରେ ଏକ କିମ୍ବଦନ୍ତୀର ମର୍ଯ୍ୟାଦା ହାସଲ କରିଛି। ସେ କହିଥିଲେ 'ତୁମର ନିୟମିତ ବାର୍ଷିକ ସଂକଳ୍ପମାନ କରିବା ପାଇଁ ବର୍ତ୍ତମାନ ହିଁ ହେଉଛି ଗ୍ରହଣୀୟ ସମୟ। ଆସନ୍ତା ସପ୍ତାହରେ ତୁମେ ଚିରାଚରିତ ଭାବରେ ସେଗୁଡ଼ିକ ଦ୍ୱାରା ନର୍କର ଚଟାଣ ତିଆରି କରିପାର। ଗତକାଲି ପ୍ରତ୍ୟେକ ଲୋକ ତାର ଶେଷ ସିଗାର ଟାଣିଛି, ଶେଷ ମଦ ପିଇଛି ଏବଂ ଶେଷ ଅସଭ୍ୟ ଗାଳି ଦେଇଛି। ଆଜି ଆମେ ହେଉଛୁ ଏକ ନୀତିବାନ ଏବଂ ଉଦାହରଣ ସୃଷ୍ଟିକାରୀ ଗୋଷ୍ଠୀ। ଆଜିଠାରୁ ତିରିଶ ଦିନ ମଧ୍ୟରେ ଆମେ ଆମର ଏସବୁ ପରିବର୍ତ୍ତନ ପରିତ୍ୟାଗ କରି ସାରିଥିବା ଏବଂ ଆମର ଯେତେ ସବୁ ପ୍ରାଚୀନ ଦୁର୍ବଳତା ରହିଛି ସେଗୁଡ଼ିକୁ ଆହୁରି ଦୁର୍ବଳ କରି ସାରିଥିବା। ଆମେ ମଧ ଖୁସିରେ ମନେ ପକାଇବା ଗତ ବର୍ଷ ଏଇ ସମୟରେ କିପରି ଆମେ ଠିକ୍ ଏଇ ପୁରୁଣା କଥା ଦୋହରାଇଥିଲୁ। ସେ ଯାହା ହେଉ, ଆଗେଇ ଯାଅ ବନ୍ଧୁଗଣ। ନବବର୍ଷ ହେଉଛି ଏକ ନିରୀହ ଅନୁଷ୍ଠାନ, ଯାହା କେବଳ ଉଚ୍ଛୃଙ୍ଖଳ ମଦ୍ୟପମାନଙ୍କ ପାଇଁ ଏବଂ ବନ୍ଧୁତାମୂଳକ



କଲ୍ ସବୁ ପାଇଁ ସଠତାପୂର୍ଣ୍ଣ ସଂକଳ୍ପମାନ ପାଇଁ ଏକ ଉପଲକ୍ଷ ହେବା ବ୍ୟତୀତ ଅନ୍ୟ କାହାର କୌଣସି କାର୍ଯ୍ୟରେ ଲାଗିନଥାଏ। ଆମେ ଆଶା କରୁଛୁ ତୁମେ ଏହି ଅବସରରେ ମହାନତା ସହିତ ଖାପ ଖାଇବା ଭଳି ଉପଯୁକ୍ତ ଉଚ୍ଛୃଙ୍ଖଳତା ସହ ଏହାକୁ ଭୋଗ କରିବ।

ତେବେ ଆନ୍ତରିକ ନବବର୍ଷ ସଂକଳ୍ପକାରୀମାନେ ମାର୍କ ଟ୍ୱେନ୍ଙ୍କର ଏହି ବ୍ୟଙ୍ଗ ଦ୍ୱାରା ନିରୁତ୍ସାହିତ ହେବା ମଧ ବାଧତାମୂଳକ ନୁହେଁ। ମନସ୍ତତ୍ତ୍ୱବିତ୍ମାନେ ନବବର୍ଷ ସଂକଳ୍ପ ମାନଙ୍କର କ୍ଷଣଭଙ୍ଗୁର ପ୍ରକୃତିରେ ପରିବର୍ତ୍ତନ ଆଣି ସେଗୁଡ଼ିକର ସ୍ଥାୟିତ୍ୱ ବୃଦ୍ଧି କରିବାର ଉପାୟମାନ ମଧ ଖୋଜି ଚାଲିଛନ୍ତି। ସେମାନେ ପାଇଥିବା ସମାଧାନ ସମ୍ବନ୍ଧରେ ଉଲ୍ଲେଖ କରିବା ପୂର୍ବରୁ କେତେକ ଲୋକପ୍ରିୟ ନବବର୍ଷ ସଂକଳ୍ପ ଉପରେ ଦୃଷ୍ଟି ପକାଯାଇପାରେ। କେତୋଟି ଉଦାହରଣ ଅଧିକ ବ୍ୟାୟାମ କରିବି, ସନ୍ତୁଳିତ ଆହାର ଖାଇବି, ମଦ ପିଇବା ଛାଡ଼ିବି, ସିଗାରେଟ୍ ଛାଡ଼ିବି, ଫେସବୁକ୍/ଟ୍ୱିଟର ପାଇଁ କମ୍ ସମୟ ଦେବି, ନୂଆ ଭାଷାଟି ଶିଖିବି, ଏକ ବାଦ୍ୟ ଯନ୍ତ୍ର ବଜାଇବା ଶିଖିବି, ସକାଳେ ଶୀଘ୍ର ବିଛଣା ଛାଡ଼ିବି, ପାଦରେ ଚାଲି କାମକୁ ଯିବି, ମିଠା ଖାଇବା କମାଇବି... ଇତ୍ୟାଦି। ମନସ୍ତତ୍ତ୍ୱବିତ୍ମାନେ ଆବିଷ୍କାର କରିଛନ୍ତି ଯେ ସଂକଳ୍ପର ଭାଷା ଉପରେ ସଂକଳ୍ପର ସ୍ଥାୟିତ୍ୱ ଅନେକାଂଶରେ ନିର୍ଭର କରିଥାଏ। ଉଦାହରଣ ସ୍ୱରୂପ ମିଠା ଖାଇବା ହ୍ରାସ କରିବା ଜଣେ ସଂକଳ୍ପକାରୀଙ୍କର ଉଦ୍ଦେଶ୍ୟ ହୋଇଥାଇପାରେ। ତାଙ୍କର ଅବଚେତନ ମନରେ କିନ୍ତୁ ମିଠା ପ୍ରତି ଘୋର ଦୁର୍ବଳତା ରହିଥାଏ। ମିଠା ଶବ୍ଦ ତାଙ୍କ କାନରେ ପଡ଼ିଲା ମାତ୍ରେ ସେଥିପ୍ରତି ତାଙ୍କର ଲାଳସା ଜାତ ହୋଇଥାଏ। ସେ ଯଦି ସଂକଳ୍ପ କରିଥିବେ ମିଠା ଖାଇବି ନାହିଁ ତେବେ ସେ ଏଇଥରକ ଖାଇ ଦେଉଛି କହି ମିଠା ଖାଇ ଦେବାକୁ ଆଗେଇ ଯିବାର ସମ୍ଭାବନା ଥାଏ। ସେ କିନ୍ତୁ ଯଦି ସଂକଳ୍ପ କରିଥିବେ ଆଜି ମିଠା ଖାଇବି ନାହିଁ ତେବେ ଏଠାରେ ମିଠା ଉପରେ ଗୁରୁତ୍ୱ ନରହି ଆଜି ଉପରେ ଗୁରୁତ୍ୱ ଦିଆଯାଇଥାଏ। ତେଣୁ ସେ ଆଜି ମିଠା ଠାରୁ ଦୂରେଇ ରହନ୍ତି। ଏହା କାଲି ମିଠା କାଇବାର ସମ୍ଭାବନାକୁ ଉନ୍ମୁକ୍ତ ରଖିଥାଏ, ଯାହା ଆଜି ଲାଳସା ତ୍ୟାଗ କରିବାରେ ସାହାଯ୍ୟ କରିଥାଏ। ଯେତେବେଳେ କାଲି ଆସେ ତାହା ଅବଶ୍ୟ ପୁଣି ଆଜିରେ ପରିଣତ ହୋଇଯାଇଥାଏ। ତେଣୁ ଆଜି ଦିନରେ ଯେଉଁମାନେ ବିଭିନ୍ନ ସଂକଳ୍ପ କରୁଛନ୍ତି ସେମାନେ ଆଜି କୁ ହିଁ ସେମାନଙ୍କର ସଂକଳ୍ପର ମୁଖ୍ୟ ଶବ୍ଦରେ ପରିଣତ କରନ୍ତୁ। ଏହା ସେମାନଙ୍କର ଉଭୟ ସକାରାତ୍ମକ ଓ ନକାରାତ୍ମକ ସଂକଳ୍ପ ମାନଙ୍କର ସ୍ଥାୟିତ୍ୱ ବୃଦ୍ଧିରେ ସାହାଯ୍ୟ କରିବ।


**'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ**


# 'ବିକ୍ରମ ୩୨୦୧' ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଏକ ମାଇଲ ଖୁଣ୍ଟ


**ଅସିତ ମହାନ୍ତି**



ସେମିକନ୍ ଇଣ୍ଡିଆ ୨୦୨୫ ରେ ଭାରତର ବିକ୍ରମ ୩୨୦୧ ମାଇକ୍ରୋପ୍ରୋସେସର ଉନ୍ମୋଚନ ଦେଶର ପ୍ରଯୁକ୍ତିବିଦ୍ୟା ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ, ଯାହା ସେମିକଣ୍ଡକ୍ଟର କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ମହତ୍ତ୍ୱାକାଂକ୍ଷା ଉଭୟକୁ ପ୍ରତୀକ କରେ। ଏହି ସଫଳତା କେବଳ ଏକ ଚିପ୍ ବିଷୟରେ ନୁହେଁ; ଏହା ଭାରତର ଦାବି ବିଷୟରେ ଯେ ଏହା ମହାକାଶ, ପ୍ରତିରକ୍ଷା ଏବଂ ବାହାରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଁ ଉନ୍ନତ ପ୍ରୋସେସରଗୁଡ଼ିକୁ ଡିଜାଇନ୍, ତିଆରି ଏବଂ ନିୟୋଜିତ କରିପାରିବ।

ବିକ୍ରମ ୩୨୦୧, ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୩୨-ବିଟ୍ ମାଇକ୍ରୋପ୍ରୋସେସର, ଓଝଜଙ ଅଧୀନରେ ସେମିକଣ୍ଡକ୍ଟର ଲାବୋରେଟୋରୀ (ଝଉଖ) ଦ୍ୱାରା ବିକଶିତ ହୋଇଛି। ଏହା ଲଞ୍ଚ ଯାନ ଏବଂ ମହାକାଶ ମିଶନରେ ବ୍ୟବହାର ପାଇଁ ପ୍ରମାଣିତ, ଏହାକୁ ଭାରତର ପ୍ରଥମ ମହାକାଶ-ଗ୍ରେଡ୍ ମାଇକ୍ରୋପ୍ରୋସେସର କରିଥାଏ। ସେମିକନ୍ ଇଣ୍ଡିଆ ୨୦୨୫ ରେ ଏହି ଚିପ୍ ଉନ୍ମୋଚନ ଏକ ଆନୁଷ୍ଠାନିକ ଘଟଣା ଅପେକ୍ଷା ଅଧିକ ଥିଲା - ଏହା ରଣନୈତିକ କ୍ଷେତ୍ର ପାଇଁ ଉନ୍ନତ ସେମିକଣ୍ଡକ୍ଟର ଉତ୍ପାଦନ କରିବାରେ ସକ୍ଷମ ରାଷ୍ଟ୍ରଗୁଡ଼ିକର ଅଭିଜିତ କ୍ଲବରେ ଭାରତର ପ୍ରବେଶର ଘୋଷଣା ଥିଲା। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରୋସେସର ପ୍ରଦାନ କରି ଭାରତୀୟ ସେମିକଣ୍ଡକ୍ଟର ମିଶନ ଏବଂ ପ୍ରଯୁକ୍ତିବିଦ୍ୟା ସାର୍ବଭୌମତ୍ୱ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଛନ୍ତି।

ଦଶନ୍ଧି ଧରି, ଭାରତ ଆମଦାନୀ ହୋଇଥିବା ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଉପରେ ବହୁତ ନିର୍ଭର କରିଆସିଛି, ବିଶେଷକରି ମହାକାଶ, ପ୍ରତିରକ୍ଷା ଏବଂ ଅଟୋମୋଟିଭ୍ ଶିଳ୍ପରେ ଉଚ୍ଚ-ସ୍ତରର ପ୍ରୟୋଗ ପାଇଁ। ବିଶ୍ୱ ସେମିକଣ୍ଡକ୍ଟର ବଜାରକୁ ବୈଶିଷ୍ଟ୍ୟ କରୁଥିବା ଭୂରାଜନୈତିକ ଅନିଶ୍ଚିତତା ଏବଂ ଯୋଗାଣ ଶୃଙ୍ଖଳ ବାଧାକୁ ଦୃଷ୍ଟିରେ ରଖି ଏହି ନିର୍ଭରଶୀଳତାକୁ ପ୍ରାୟତଃ ଏକ ଦୁର୍ବଳତା ଭାବରେ ଦେଖାଯାଇଛି। ଓଝଜଙର ଝଉଖ ମଧ୍ୟରେ ୧୮୦ ଭଙ୍କ(ଭବଭକ୍ଟଙ୍କରତ୍ୱରକ୍ସ) ନୋଡରେ ବିକ୍ରମ ୩୨୦୧ ତିଆରି କରି, ଭାରତ ଏହି ନିର୍ଭରଶୀଳତାକୁ ହ୍ରାସ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଯଦିଓ ଆଜି ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ବ୍ୟବହୃତ ୫ଭଙ୍କ କିମ୍ବା ୩ଭଙ୍କ ପ୍ରକ୍ରିୟା ତୁଳନାରେ ୧୮୦ ଭଙ୍କ ଅତ୍ୟାଧୁନିକ ହୋଇନପାରେ, ଏହା ଦୃଢ଼, ନିର୍ଭରଯୋଗ୍ୟ ଏବଂ ମିଶନ-ସଙ୍କଟପୂର୍ଣ୍ଣ ପ୍ରୟୋଗ ପାଇଁ ଉପଯୁକ୍ତ ଯେଉଁଠାରେ ସ୍ଥିରତା ଏବଂ ବିକିରଣ-କଠିନ କରିବା ବେଗ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ।ଚିପ୍ର ନାମ, ବିକ୍ରମ, ଭାରତର ମହାକାଶ କାର୍ଯ୍ୟକ୍ରମର ଦୂରଦୃଷ୍ଟିସମ୍ପନ୍ନ ପ୍ରତିଷ୍ଠାତା ଡକ୍ଟର ବିକ୍ରମ ସାରାଭାଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରେ। ଏହି ପ୍ରତୀକାତ୍ମକ ପସନ୍ଦ ଭାରତର ବୈଜ୍ଞାନିକ ଐତିହ୍ୟର ନିରନ୍ତରତାକୁ ପ୍ରତିଫଳିତ କରେ, ଅତୀତର ଅଗ୍ରଣୀ ଆତ୍ମାକୁ ବର୍ତ୍ତମାନର ଆକାଂକ୍ଷା ସହିତ ସଂଯୋଗ କରେ। ବିକ୍ରମ ୩୨୦୧ କେବଳ ଏକ ପ୍ରୋସେସର ନୁହେଁ; ଏହା ସାରାଭାଇଙ୍କ ଦ୍ୱାରା ପ୍ରଦତ୍ତ ଆତ୍ମନିର୍ଭରଶୀଳତା ଏବଂ ନବସୃଜନର ନୀତିକୁ ଶ୍ରଦ୍ଧାଞ୍ଜଳି।ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ, ବିକ୍ରମ ୩୨୦୧ ଭାରତର ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ପ୍ରସ୍ତୁତ




ପ୍ରୋସେସର ଡିଜାଇନ୍ କରିବାର କ୍ଷମତାରେ ଏକ ଲମ୍ଫକୁ ପ୍ରତିନିଧିତ୍ୱ କରେ। ବିଦେଶରୁ ଆମଦାନି ହୋଇଥିବା ସାଧାରଣ-ଉଦ୍ଦେଶ୍ୟ ଚିପ୍ସ ପରି ନୁହେଁ, ଏହି ମାଇକ୍ରୋପ୍ରୋସେସରକୁ ମହାକାଶ ପ୍ରୟୋଗ ପାଇଁ ଅପ୍ଟିମାଇଜ୍ କରାଯାଇଛି, ଯାହା ନିଶ୍ଚିତ କରେ ଯେ ଭାରତ ଏହାର ମିଶନ ପାଇଁ ହାର୍ଡୱେର୍ ଏବଂ ପ୍ରୋଗ୍ରାମିଂ ସମ୍ବଳ ଉଭୟକୁ ନିୟନ୍ତ୍ରଣ କରେ। ଏହି ନିୟନ୍ତ୍ରଣ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ବିଦେଶୀ ଚିପ୍ସରେ ଲୁକ୍କାୟିତ ଦୁର୍ବଳତା କିମ୍ବା ପଛ ଦ୍ୱାରର ବିପଦକୁ ଦୂର କରେ, ଯାହା ଦ୍ୱାରା ଜାତୀୟ ସୁରକ୍ଷା ବୃଦ୍ଧି କରେ। ଅଧିକନ୍ତୁ, ଚିପ୍ର ସମ୍ଭାବ୍ୟ ପ୍ରୟୋଗଗୁଡ଼ିକ ମହାକାଶ ବାହାରେ ବିସ୍ତାରିତ। ପ୍ରତିରକ୍ଷା ପ୍ରଣାଳୀ, ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସ ଏବଂ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଓକ୍ଟଞ୍ଚ) ପରି ଉଦୀୟମାନ କ୍ଷେତ୍ରଗୁଡ଼ିକ ଘରୋଇ ଭାବରେ ଉତ୍ପାଦିତ, ନିର୍ଭରଯୋଗ୍ୟ ପ୍ରୋସେସରରୁ ଲାଭ ପାଇପାରିବେ।

ଅର୍ଥନୈତିକ ଭାବରେ, ବିକ୍ରମ ୩୨୦୧ ର ଶୁଭାରମ୍ଭ ଭାରତର ଅର୍ଦ୍ଧପରିବାହୀ ଇକୋସିଷ୍ଟମକୁ ମଜବୁତ କରେ। ଭାରତୀୟ ଅର୍ଦ୍ଧପରିବାହୀ ମିଶନ ଦେଶକୁ ଚିପ୍ ଡିଜାଇନ୍ ଏବଂ ଉତ୍ପାଦନ ପାଇଁ ଏକ ବିଶ୍ୱବ୍ୟାପୀ କେନ୍ଦ୍ର କରିବା ପାଇଁ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ସ୍ଥିର କରିଛି। ଏକ ସ୍ପେସ୍-ଗ୍ରେଡ୍ ପ୍ରୋସେସର ଉତ୍ପାଦନ କରିବାର କ୍ଷମତା ପ୍ରଦର୍ଶନ କରି, ଭାରତ ବିଶ୍ୱକୁ ସଙ୍କେତ ଦେଉଛି ଯେ ଏହା ଏକ ବ୍ୟାପକ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳ ନିର୍ମାଣ କରିବା ପାଇଁ ଗମ୍ଭୀର। ଏହା ନିବେଶକୁ ଆକର୍ଷିତ କରିପାରିବ, ସହଯୋଗକୁ ପ୍ରୋତ୍ସାହିତ କରିପାରିବ ଏବଂ ଚିପ୍ ଡିଜାଇନ୍ ଠାରୁ ଆରମ୍ଭ କରି ନିର୍ମାଣ ଏବଂ ପ୍ୟାକେଜିଂ ପର୍ଯ୍ୟନ୍ତ କ୍ଷେତ୍ରରେ ନବସୃଜନ କରିବାକୁ ଷ୍ଟାର୍ଟଅପ୍ଗୁଡ଼ିକୁ ପ୍ରେରଣା ଦେଇପାରିବ। ଏପରି ସଫଳତାର ପ୍ରଭାବ ଅତ୍ୟନ୍ତ ବଡ଼: ନିଯୁକ୍ତି ସୃଷ୍ଟି, ଦକ୍ଷତା ବିକାଶ, ଏବଂ ନୂତନ ପିଢ଼ିର ଇଞ୍ଜିନିୟରଙ୍କ ପୋଷଣ ଯେଉଁମାନେ ସେମିକଣ୍ଡକ୍ଟରଗୁଡ଼ିକୁ ଆମଦାନୀକୃତ ଆଶ୍ଚର୍ଯ୍ୟଜନକ ଭାବରେ ନୁହେଁ ବରଂ ଘରୋଇ ସଫଳତା ଭାବରେ ଦେଖନ୍ତି।

ସେମିକନ୍ ଇଣ୍ଡିଆ ୨୦୨୫ରେ ଉନ୍ମୋଚନ ବିଶ୍ୱ ପରିପ୍ରେକ୍ଷୀରେ ମଧ ସାଂକେତିକ ଓଜନ ବହନ କରିଥିଲା। ଦେଶଗୁଡ଼ିକ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳ ସୁରକ୍ଷିତ କରିବା ପାଇଁ ଦୌଡ଼ କରୁଥିବାରୁ, ଭାରତର ଘୋଷଣା ସ୍ଥିରତା ଏବଂ ଦୂରଦୃଷ୍ଟିର ଏକ ବିବୃତ୍ତି ଥିଲା। ଏହା ଦର୍ଶାଇଥିଲା ଯେ ଭାରତ ପ୍ରଯୁକ୍ତିର ଗ୍ରାହକ ହୋଇ ରହିବାରେ ସନ୍ତୁଷ୍ଟ ନୁହେଁ ବରଂ ଏକ ଉତ୍ପାଦକ ଏବଂ ନବସୃଜନକାରୀ ହେବାକୁ ସ୍ଥିର। ଏହା 'ଆତ୍ମନିର୍ଭର ଭାରତ'ର ବ୍ୟାପକ ଦୃଷ୍ଟିକୋଣ ସହିତ ସମାନ, ଯେଉଁଠାରେ ସାର୍ବଭୌମତ୍ୱ ଏବଂ ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟାରେ ଆତ୍ମନିର୍ଭରତାକୁ ଅତ୍ୟାବଶ୍ୟକ ଭାବରେ ଦେଖାଯାଏ।ତଥାପି, ଆଗକୁ ଯାତ୍ରା ଚ୍ୟାଲେଞ୍ଜ ବିନା ନୁହେଁ। ଏକ ସେମିକଣ୍ଡକ୍ଟର ଇକୋସିଷ୍ଟମ ନିର୍ମାଣ ପାଇଁ ନିରନ୍ତର ନିବେଶ, ଭିତ୍ତିଭୂମି ଏବଂ ପ୍ରତିଭା ଆବଶ୍ୟକ। ଯଦିଓ ବିକ୍ରମ ୩୨୦୧ ଏକ ଉଲ୍ଲେଖନୀୟ ସଫଳତା, ଭାରତକୁ ଏବେ ଗ୍ରାହକ ଏବଂ ଶିଳ୍ପ ପ୍ରୟୋଗ ପାଇଁ ଛୋଟ ନୋଡରେ ଚିପ୍ସ ଉତ୍ପାଦନ କରିବା ପାଇଁ ଏହାର କ୍ଷମତା ବୃଦ୍ଧି କରିବାକୁ ପଡ଼ିବ। ଏଥିରେ ବିଶ୍ୱସ୍ତରୀୟ ଖେଳାଳିମାନଙ୍କ ସହିତ ସହଭାଗୀତା, ନିର୍ମାଣ କାରଖାନା ସ୍ଥାପନ ଏବଂ ଡିଜାଇନ୍ ହାଉସଗୁଡ଼ିକର ପୋଷଣ ଅନ୍ତର୍ଭୁକ୍ତ ହେବ। ପ୍ରୋତ୍ସାହନ ପ୍ରଦାନ, ନୀତି ସ୍ଥିରତା ସୁନିଶ୍ଚିତ କରିବା ଏବଂ ଶିକ୍ଷା, ଶିଳ୍ପ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି କରିବାରେ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ।

ତଥାପି, ବିକ୍ରମ ୩୨୦୧ ସମ୍ଭାବନାର ଏକ ଆଲୋକବର୍ତ୍ତିକା ଭାବରେ ଠିଆ ହୋଇଛି। ଏହା ଦର୍ଶାଉଛି ଯେ ଭାରତ ପ୍ରଯୁକ୍ତିବିଦ୍ୟା ପ୍ରତିବନ୍ଧକଗୁଡ଼ିକୁ ଦୂର କରିପାରିବ ଏବଂ ଏହାର ଆବଶ୍ୟକତା ଅନୁଯାୟୀ ସମାଧାନ ସୃଷ୍ଟି କରିପାରିବ। ଓଝଜଙ ପାଇଁ, ଚିପ୍ ବିଦେଶୀ ଯୋଗାଣକାରୀଙ୍କ ଉପରେ ନିର୍ଭରତା ହ୍ରାସ କରି ମହାକାଶ ମିଶନରେ ଅଧିକ ସ୍ୱାୟତ୍ତତା ସୁନିଶ୍ଚିତ କରେ। ପ୍ରତିରକ୍ଷା କ୍ଷେତ୍ର ପାଇଁ, ଏହା ଗୁରୁତ୍ୱପୂର୍ଣ୍ଣ ସିଷ୍ଟମ ପାଇଁ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ପ୍ରୋସେସର ପ୍ରଦାନ କରେ। ଅଟୋମୋଟିଭ୍ ଶିଳ୍ପ ପାଇଁ, ଏହା ଯାନବାହନରେ ସ୍ୱଦେଶୀ ଇଲେକ୍ଟ୍ରୋନିକ୍ସ ପାଇଁ ରାସ୍ତା ଖୋଲିଥାଏ, ବୈଦ୍ୟୁତିକ ଗତିଶୀଳତା ଏବଂ ସ୍ମାର୍ଟ ପରିବହନ ଦିଗରେ ପ୍ରୟାସ ସହିତ ସମନ୍ୱୟ ରକ୍ଷା କରିଥାଏ।ବିକ୍ରମ ୩୨୦୧ ମାଇକ୍ରୋପ୍ରୋସେସରର ଉନ୍ମୋଚନ କେବଳ ଏକ ବୈଷୟିକ ମାଇଲଖୁଣ୍ଟ ନୁହେଁ; ଏହା ମହତ୍ତ୍ୱାକାଂକ୍ଷା, ସ୍ଥିରତା ଏବଂ ଦୃଷ୍ଟିକୋଣର ଏକ ବର୍ଣ୍ଣନା। ଏହା ଅର୍ଦ୍ଧପରିବାହୀ କ୍ଷେତ୍ରରେ ନିଜର ଗତିପଥ ଚାର୍ଟ କରିବା, ଆକାଂକ୍ଷା ଏବଂ କ୍ଷମତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା ଏବଂ ଏହାର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତରେ ବିଶ୍ୱାସକୁ ପ୍ରେରଣା ଦେବା ପାଇଁ ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିପାଦିତ କରେ। ଯେତେବେଳେ ଚିପ୍ ପରୀକ୍ଷାଗାରରୁ ଯାନବାହାନ ଲଞ୍ଚ କରିବା, ପ୍ରୋଟୋଟାଇପ୍ ଠାରୁ ଉତ୍ପାଦନ ଲାଇନ୍ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରେ, ଏହା ଆତ୍ମନିର୍ଭରଶୀଳତା ପାଇଁ ପ୍ରୟାସ କରୁଥିବା ଏକ ରାଷ୍ଟ୍ରର ଆଶା ବହନ କରେ। ବିକ୍ରମ ୩୨୦୧ ସର୍କିଟ୍ ସହିତ ସିଲିକନ୍ ଖୋଦିତ ହେବା ଅପେକ୍ଷା ଅଧିକ - ଏହା ଭାରତର ଏକ ପ୍ରଯୁକ୍ତିବିଦ୍ୟା ଶକ୍ତିଶାଳୀ ଭାବରେ ଉଭା ହେବାର ସଂକଳ୍ପର ପ୍ରତୀକ, ଯାହା କେବଳ ଏହାର ଭାଗ୍ୟକୁ ଆକାର ଦେଇନାହିଁ ବରଂ ନବସୃଜନ ଏବଂ ସୁରକ୍ଷା ପାଇଁ ବିଶ୍ୱସ୍ତରୀୟ ସନ୍ଧାନରେ ଯୋଗଦାନ ଦେଉଛି।


**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**

## ଦେଶବାସୀଙ୍କୁ ନୂଆବର୍ଷ ଉପହାର

# ଦୌଡ଼ିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ



### ୬ ମାସରେ ଆଠଟି ବନ୍ଦେ ଭାରତ ସ୍ଲିପର ଟ୍ରେନ

### ୧୫୦୦ କିମି ଦୂରତାରେ ଥିବା ସହରକୁ ସଂଯୋଗ କରିବ

**ନୂଆଦିଲ୍ଲୀ,୧।୧:** ନୂତନ ବର୍ଷର ପ୍ରଥମ ଦିନ କେନ୍ଦ୍ରର ମୋଦି ସରକାର ଦେଶକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ପ୍ରଦାନ କରିଛନ୍ତି। ରେଳ ମନ୍ତ୍ରଣାଳୟ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନର ରୁଟ ଘୋଷଣା କରିଛି। ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ କୋଲକାତା, ହାଓଡ଼ା, ଗୁଆହାଟି ଏବଂ କାମାକ୍ଷା ମଧ୍ୟରେ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବଶୀଘ୍ର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଭାରତୀୟ ରେଳବାଇ ସମ୍ପ୍ରତି ସ୍ୱଦେଶୀ ଭାବରେ ନିର୍ମିତ ବନ୍ଦେ ଭାରତ ସ୍ଲିପର ଟ୍ରେନର ଅନ୍ତିମ ହାଇ-ସ୍ପିଡ ପରୀକ୍ଷଣ ସଫଳତାର ସହ ସମାପ୍ତ କରିଛି। ଏହି ପରୀକ୍ଷଣ କୋଟା-ନାଗଡା ସେକ୍ସନରେ କରାଯାଇଥିଲା, ଯେଉଁଠାରେ ଟ୍ରେନଟି ଘଣ୍ଟା ପ୍ରତି ୧୮୨ କିଲୋମିଟର ବେଗରେ ପହଞ୍ଚିଥିଲା। ଏହି ପରୀକ୍ଷଣ ରେଳ ସୁରକ୍ଷା କମିଶନରଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି ଯେ, ଆସନ୍ତା ୬ ମାସ ମଧ୍ୟରେ ଆଠଟି ବନ୍ଦେ ଭାରତ ସ୍ଲିପର ଟ୍ରେନ କାର୍ଯ୍ୟକ୍ଷମ ହେବ ଏବଂ ବର୍ଷ ଶେଷ ସୁଦ୍ଧା ୧୨ଟି କାର୍ଯ୍ୟକ୍ଷମ ହେବ। ରେଳମନ୍ତ୍ରୀ କହିଛନ୍ତି ଯେ, ଆସାମରୁ ଆସୁଥିବା ଟ୍ରେନଗୁଡ଼ିକରେ ଆସାମୀୟ ଖାଦ୍ୟ ପରିବେଷଣ କରାଯିବ, ଯେତେବେଳେ କୋଲକାତାରୁ ଆସୁଥିବା ଟ୍ରେନଗୁଡ଼ିକରେ ବଙ୍ଗାଳୀ ଖାଦ୍ୟ ପରିବେଷଣ କରାଯିବ। 'ବନ୍ଦେ ଭାରତ ସ୍ଲିପର ଟ୍ରେନ' ୧,୦୦୦ ରୁ ୧୫୦୦ କିଲୋମିଟର ଦୂରତା ମଧ୍ୟରେ ଥିବା ସହରଗୁଡ଼ିକୁ ସଂଯୋଗ କରିବ। ଦେଶର ପ୍ରଥମ 'ବନ୍ଦେ ଭାରତ ସ୍ଲିପର ଟ୍ରେନ' ଜାନୁଆରୀ ୧୭ କିମ୍ବା ୧୮ ତାରିଖରେ ସେବା ଆରମ୍ଭ କରିବ।

## ଉଗ୍ରରୂପ ନେଲା ଇରାନ ହିଂସାକାଣ୍ଡ

# ବିକ୍ଷୋଭକାରୀଙ୍କୁ ଗୁଳିମାଡ଼: ୩ ମୃତ

**ତେହେରାନ,୧।୧:** ଇରାନରେ ଗତ କିଛିଦିନ ଧରି ଅଶାନ୍ତି ଲାଗି ରହିଛି। ଦେଶରୁ ମୌଳବାଦୀ ଶକ୍ତିମାନେ ଦେଶ ଛାଡ଼ିବା ଦାବିରେ ସଡ଼କରେ ବିକ୍ଷୋଭ କରାଯାଉଛି। ତେବେ ଧୀରେ ଧୀରେ ଏହି ଆନ୍ଦୋଳନ ହିଂସାତ୍ମକ ହେବାରେ ଲାଗିଛି। ଆଜି ଏହି ହିଂସାକାଣ୍ଡ ଉଗ୍ରରୂପ ଧାରଣ କରିଛି। ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ କେତେକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ତେବେ ୩ ଜଣଙ୍କ ମୃତଦେହ ଠାବ କରାଯାଇଥିବା ଜଣାପଡ଼ିଛି।

ପ୍ରଥମେ, ଅର୍ଥନୈତିକ ସଂକଟ ପାଇଁ କ୍ରୋଧିତ ବ୍ୟବସାୟୀମାନେ ରାସ୍ତାକୁ ଓହ୍ଲାଇଥିଲେ, ତା'ପରେ ଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ। ସରକାରଙ୍କ ଦୁର୍ବଳ ନୀତି ଦ୍ୱାରା ପ୍ରୋତ୍ସାହିତ ଏହି ପ୍ରତିବାଦଗୁଡ଼ିକ ଇରାନରେ ଏକ ବିଦ୍ରୋହର ଆଶଙ୍କା ସୃଷ୍ଟି କରିଛି। ଏହାକୁ ଟାଳିବାକୁ ସରକାର ବାରମ୍ବାର



ଆଲୋଚନାର ପ୍ରସ୍ତାବ ଦେଇଛନ୍ତି, କିନ୍ତୁ କୌଣସି ଲାଭ ମିଳିନାହିଁ। ବର୍ତ୍ତମାନ, ଏହି ପ୍ରତିବାଦଗୁଡ଼ିକ ହିଂସାତ୍ମକ ରୂପ ନେଇଛି। ଦାବି କରାଯାଉଛି ଯେ, ପ୍ରଦର୍ଶନକାରୀ ଏବଂ ସରକାରୀ ସୁରକ୍ଷା ବାହିନୀ ପରସ୍ପର ଉପରେ ଗୁଳି ଚଳାଇଛନ୍ତି, ଯାହା ଫଳରେ ରାସ୍ତାରେ ଏଣେ ତେଣେ ମୃତଦେହ ପଡ଼ିଥିବାର ରିପୋର୍ଟ ଆସିଛି।

ଇରାନରେ ବିରୋଧ ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଛି। ଲୋରାଡାଗାନରେ ପ୍ରଦର୍ଶନକାରୀ ଏବଂ ସରକାରୀ ସୁରକ୍ଷା ବାହିନୀ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ଉଭୟ ପକ୍ଷ ଗୁଳି ଚଳାଇଥିବା ଜଣାପଡ଼ିଛି। ଏହି ହିଂସାତ୍ମକ ସଂଘର୍ଷରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି, କିନ୍ତୁ ସମ୍ପୂର୍ଣ୍ଣ ମୃତ୍ୟୁସଂଖ୍ୟା ଏପର୍ଯ୍ୟନ୍ତ ମିଳିପାରି ନାହିଁ।

# ନୂଆବର୍ଷରେ ଭାରତକୁ ପାକ୍‌ର ଧମକ



**ଇସଲାମାବାଦ, ୧।୧:** ସାରା ବିଶ୍ୱ ପାଳୁଛି ନୂଆବର୍ଷ। ଚାରିଆଡ଼େ ଉତ୍ସାହର ମାହୋଲ। ଦେଶ ଦେଶ ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ ଚାଲିଛି। ସବୁ ରାଗ ସବୁ ମନମତାନ୍ତରକୁ ଭୁଲି ନୂଆ ସମ୍ପର୍କ ଗଢ଼ିବାକୁ ସମସ୍ତେ ପ୍ରୟାସ କରୁଛନ୍ତି। କିନ୍ତୁ ଏଭଳି ଏକ ଭଲ ଦିନରେ ପାକିସ୍ତାନ ଶୁଭେଚ୍ଛା ଜଣାଇବା ବଦଳରେ ଭାରତକୁ ଦେଇଛି ଧମକ।

ନୂତନ ବର୍ଷରେ ପାକିସ୍ତାନ ପୁଣି ଥରେ ଆକ୍ରମଣାତ୍ମକ ମନୋଭାବ ପ୍ରଦର୍ଶନ କରିଛି। ଭାରତର ନାଁ ନ ନେଇ, ପାକିସ୍ତାନର ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର ଏକ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ପାକିସ୍ତାନର କ୍ଷେତ୍ରୀୟ ଅଖଣ୍ଡତାର ଯେକୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଉଲ୍ଲଂଘନକୁ ଦୃଢ଼ ଏବଂ ନିର୍ଣ୍ଣାୟକ ଜବାବ ଦିଆଯିବ। ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ନିଜେ ଆଭ୍ୟନ୍ତରୀଣ ଅଶାନ୍ତି ଏବଂ ଆତଙ୍କବାଦର ଏକ ଗମ୍ଭୀର ସମସ୍ୟା ସହିତ ସଂଘର୍ଷ କରୁଛି।

ରାୱଲପିଣ୍ଡିର ଜେନେରାଲ ହେଡକ୍ୱାର୍ଟର୍ସରେ ବେଲୁଚିସ୍ତାନ ଉପରେ ୧୮ତମ ଜାତୀୟ କର୍ମଶାଳାରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଜେନେରାଲ ଅସୀମ ମୁନିର ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନ ଏହାର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ଯେକୌଣସି ସୀମାକୁ ଯିବ।

ପାକିସ୍ତାନର ଏହି ବୟାନବାଜି ମଧ୍ୟରେ, ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ ଏକ ଗମ୍ଭୀର ଅଭିଯୋଗ ଆଣି ପାକିସ୍ତାନର ପ୍ରକୃତ ଚେହେରାକୁ ପ୍ରଦର୍ଶିତ କରିଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଆଇଏସଆଇ, ଡ୍ରୋନ୍ ମାଧ୍ୟମରେ ପଞ୍ଜାବକୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ପଠାଉଛି।

ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଯାଦବ କହିଛନ୍ତି ଯେ, ଗ୍ରେନେଡ ଆକ୍ରମଣ ଭଳି ଘଟଣାକୁ ପ୍ରୋତ୍ସାହିତ କରି ପାକିସ୍ତାନ ପଞ୍ଜାବକୁ ଏକ ଅତ୍ୟନ୍ତ ଅଶାନ୍ତ ରାଜ୍ୟ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛି। ସେ ଏହାକୁ ଭାରତ ବିରୁଦ୍ଧରେ ଚାଲିଥିବା ଏକ ପ୍ରକ୍ସି ଯୁଦ୍ଧର ଅଂଶ ବୋଲି ବର୍ଣ୍ଣନା କରିଛନ୍ତି। ଡିଜିପି କହିଛନ୍ତି ଯେ, ପାକିସ୍ତାନର ଲକ୍ଷ୍ୟ ହେଉଛି ପଞ୍ଜାବରେ ଅଶାନ୍ତି ସୃଷ୍ଟି କରିବା, ଯାହା କାରଣରୁ ଡ୍ରୋନ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ପଠାଯାଉଛି।

## ବାଂଲାଦେଶରେ ଥମୁନି ହିଂସା

# ପୁଣି ଜଣେ ହିନ୍ଦୁଙ୍କ ଦେହରେ ନିଆଁ ଲଗାଇଦେଲେ



**ଢାକା, ୧।୧:** ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ହିଂସା ଥମିବାର ନାଁ ନେଉନାହିଁ। ଚାରିଆଡ଼େ ନବବର୍ଷର ସେଲିବ୍ରେସନ ଚାଲିଥିବା ବେଳେ ବାଂଲାଦେଶରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କ ଉପରେ ହୋଇଛି ମରଣାନ୍ତକ ଆକ୍ରମଣ। କିଛି ଦୁର୍ବୃତ୍ତ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଜୀବନ୍ତ ପୋଡ଼ି ମାରିଦେବାକୁ ଉଦ୍ୟମ କରିଛନ୍ତି। ସେମାନେ ତାଙ୍କୁ ମାଡ଼ମାରିବା ସହ ଧାରୁଆ ଅସ୍ତ୍ରରେ ଏକାଧିକ ଆକ୍ରମଣ କରିଥିଲେ। ଏହାପରେ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି।

ତେବେ ସେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ତଥାପି ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହାକୁ ମିଶାଇ ଗଲା ୨ ସପ୍ତାହ ମଧ୍ୟରେ ୪ର୍ଥ ଥର ହିନ୍ଦୁ ବ୍ୟକ୍ତିଙ୍କ ଉପରେ ଏପରି ଆକ୍ରମଣ ହୋଇଛି। ସେହିପରି ହିନ୍ଦୁଙ୍କୁ ଟାର୍ଗେଟ କରି ନବବର୍ଷ ପୂର୍ବ ରାତିରେ ବ୍ୟାପକ ପୋଡ଼ା ଜଳା ମଧ୍ୟ କରାଯାଇଛି।

ଏବେ ଆକ୍ରମଣର ଶିକାର ହୋଇଥିବା ବ୍ୟବସାୟୀ ଜଣଙ୍କ ହେଲେ ଖୋକନ ଚନ୍ଦ୍ର। ତାଙ୍କ ଦେହରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ ହେଁ ସେ ସ୍ଥାନୀୟ ଅଞ୍ଚଳରେ ଥିବା ଗୋଟିଏ ପୋଖରୀକୁ ଡେଇଁ ପଡ଼ିବାରୁ ଜୀବନ୍ତ ଦଗ୍ଧ ହେବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

ଡିସେମ୍ବର ୩୧ ତାରିଖ ରାତି ସମୟରେ ଏପରି ଘଟଣା ଘଟିଛି। ଖୋକନ ରାତି ପ୍ରାୟ ୯ଟା ବେଳେ କେଉରଭାଙ୍ଗା ବଜାରରେ ଥିବା ନିଜ ଫାର୍ମାସୀ ଦୋକାନ ବନ୍ଦକରି ଘରକୁ ଫେରୁଥିଲେ। ସେ ତିଲୋଇ ଅଞ୍ଚଳ ଦେଇ ଯାଉଥିବା ବେଳେ ହଠାତ କିଛି ଦୁର୍ବୃତ୍ତ ତାଙ୍କୁ ଘେରି ଯିବା ସହ ଆକ୍ରମଣ କରିଥିଲେ। ତାଙ୍କୁ ସେମାନେ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ଏକାଧିକ ଥର ହାଣି ପକାଇଥିଲେ। ଏହାପରେ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ଖୋକନ ସିଧା ସ୍ଥାନୀୟ ପୋଖରୀକୁ ଡେଇଁ ପଡ଼ିଥିଲେ। ପରବର୍ତ୍ତୀ ଅବସ୍ଥାରେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

# ବର୍ଷ ଆରମ୍ଭରୁ ପୁଞ୍ଛରେ ପଶିଲା ପାକିସ୍ତାନୀ ଡ୍ରୋନ

**ଶ୍ରୀନଗର, ୧।୧ :** ସମଗ୍ର ଦୁନିଆ ନୂଆବର୍ଷ ପାଳନ କରୁଥିବା ବେଳେ ପାକିସ୍ତାନ କିନ୍ତୁ ସୁଧୁରୁନି। ନୂଆବର୍ଷ ଅବସରରେ ଜମ୍ମୁ କଶ୍ମୀରର ପୁଞ୍ଛରେ ପାକିସ୍ତାନୀ ଡ୍ରୋନ ଦେଖିବାକୁ ମିଳିଛି। ଡ୍ରୋନ୍ ଦେଖିବା ପରେ ସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ପାକିସ୍ତାନୀ ଡ୍ରୋନ ଏଲଓସି ନିକଟରେ ପୁଞ୍ଛର ଖାଡି କରମାଡା ଅଞ୍ଚଳରେ ଭାରତୀୟ ସୀମାରେ ପ୍ରବେଶ କରିଛି।



### ସେନାର ସର୍ଚ୍ଚ ଅପରେସନ ଜାରି

ଡ୍ରୋନ ୫ ମିନିଟରୁ ଅଧିକ ସମୟ ଭାରତୀୟ ସୀମାରେ ଥିଲା ବୋଲି ଜଣାପଡିଛି। ଭାରତୀୟ ସେନା ଓ ଜମ୍ମୁ କଶ୍ମୀର ପୁଲିସ ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏଜେନ୍ସୀ ଡ୍ରୋନ ଉଡ଼ାଣ ଟ୍ରାକ୍ କରି ଯାଞ୍ଚ କରୁଛି। ଜମ୍ମୁ କଶ୍ମୀର ପ୍ରଶାସନ ତରଫରୁ ସୁରକ୍ଷାକୁ ଦେଖି ଗତ କିଛିଦିନରେ କେନ୍ଦ୍ର ଶାସିତ ଅଞ୍ଚଳରେ ଭିପିଏନ ବ୍ୟବହାର ଉପରେ ବ୍ୟାନ୍ ଲଗାଯାଇଛି। ରାଷ୍ଟ୍ରୀୟ ସୁରକ୍ଷାକୁ ବିପଦ ଏବଂ ଅଶାନ୍ତକୁ ଉସୁକାଇବା ଆଶଙ୍କାରେ ଏହା ଉପରେ ବ୍ୟାନ ଲଗାଯାଇଥିଲା। ଆଉ ଏବେ ଏଲଓସି ନିକଟରେ ଡ୍ରୋନ୍ ଦେଖିବାକୁ ମିଳିଛି। ଭାରତ-ପାକିସ୍ତାନ ସୀମା ନିକଟରେ ଗତ ୨୪ ଘଣ୍ଟା ଭିତରେ ଦ୍ୱିତୀୟ ଥର ପାଇଁ ଡ୍ରୋନ ଦେଖିବାକୁ ମିଳିଛି। ଶାମ୍ବା ଜିଲ୍ଲାର ଫୁଲପୁର ନିକଟରେ ସନ୍ଦିଗ୍ଧ ଡ୍ରୋନ ଦେଖିବାକୁ ମିଳିଥିଲା। ସେହି ସମୟରେ ଡ୍ରୋନ କିଛି ସମୟ ପର୍ଯ୍ୟନ୍ତ ଭାରତୀୟ ସୀମାରେ ରହିଥିଲା।


# ନୂତନ ବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧।୧:** ଆଜି ସାରା ଦେଶ ଓ ବିଶ୍ୱରେ ପାଳନ ହେଉଛି ନୂତନ ବର୍ଷ। ଜାତୀୟ ରାଜଧାନୀ ଦିଲ୍ଲୀ ବ୍ୟତୀତ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଲକ୍ଷ୍ନୌ ସମେତ ପ୍ରମୁଖ ସହରଗୁଡ଼ିକ ମଧ୍ୟ ନୂତନ ବର୍ଷ ପାଳନ କରାଯାଉଛି। ଏହି ଅବସରରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ନୂତନ ବର୍ଷର ଏହି ଆନନ୍ଦମୟ ଅବସରରେ, ମୁଁ ଦେଶ ଏବଂ ବିଦେଶରେ ଥିବା ସମସ୍ତ ଭାରତୀୟଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୬ ନୂତନ ବର୍ଷ ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି କହିଛନ୍ତି, ୨୦୨୬ ପାଇଁ ଆପଣ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଆଗାମୀ ବର୍ଷ ଆପଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣିଦେଉ। ଆପଣମାନେ ଆପଣଙ୍କ ପ୍ରୟାସରେ ସଫଳତା ହାସଲ କରନ୍ତୁ। ଆପଣଙ୍କ ସମସ୍ତ କାର୍ଯ୍ୟ ପୂରଣ କରନ୍ତୁ। ଆମ ସମାଜରେ ଶାନ୍ତି ଏବଂ ଖୁସି ପାଇଁ ପ୍ରାର୍ଥନା କରୁଛି।

ଲୋକସଭାର ବିରୋଧୀ ଦଳ ନେତା ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଧ୍ୟ ଦେଶବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ସେ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, ଆପଣମାନଙ୍କୁ ସମସ୍ତଙ୍କୁ ନୂତନ ବର୍ଷର ବହୁତ ବହୁତ ଶୁଭକାମନା। ନୂତନ ବର୍ଷ ଆପଣଙ୍କ ପାଇଁ ବହୁତ ଖୁସି, ଭଲ ସ୍ୱାସ୍ଥ୍ୟ ଏବଂ ସଫଳତା ଆଣିଦେଉ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦେଶବାସୀଙ୍କୁ ୨୦୨୬ ନବବର୍ଷର ଶୁଭେଚ୍ଛା ଜଣାଇ ପୋଷ୍ଟ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ଚିଠିଟି ସେୟାର କରି ସେ ଲେଖିଛନ୍ତି, "ପ୍ରିୟ ଦେଶବାସୀ, ଏହି ପବିତ୍ର ନବବର୍ଷରେ ଆପଣମାନଙ୍କୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

# ପରମାଣୁ ପ୍ରତିଷ୍ଠାନ ତାଲିକା ଆଦାନପ୍ରଦାନ କଲେ ଭାରତ, ପାକ୍




**ନୂଆଦିଲ୍ଲୀ, ୧।୧:** ଗତ କିଛିବର୍ଷ ମଧ୍ୟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ରହିଛି। ଗତବର୍ଷ ମେ ମାସରେ ଭାରତର ଅପରେସନ ସିନ୍ଦୂର ପରେ ଏହି ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଏହା ସତ୍ତ୍ୱେ ଦୁଇଦେଶ ଗତ ୩୪ ବର୍ଷ ହେଲା ଏକ ପରମ୍ପରା ବଜାୟ ରଖିଛନ୍ତି। ତାହା ହେଉଛି ପରସ୍ପରର ପରମାଣୁ କେନ୍ଦ୍ର ତାଲିକା ଆଦାନ ପ୍ରଦାନ।

ଗୁରୁବାର ଦିନ, ଉଭୟ ଦେଶ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ସେମାନଙ୍କର ପରମାଣୁ ପ୍ରତିଷ୍ଠାନର ତାଲିକା ଆଦାନପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଉଭୟ ଦେଶ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ନୂଆଦିଲ୍ଲୀ ଏବଂ ଇସଲାମାବାଦରେ ଏକକାଳୀନ ପରମାଣୁ ପ୍ରତିଷ୍ଠାନ ଏବଂ କେନ୍ଦ୍ରଗୁଡ଼ିକର ତାଲିକା ଆଦାନପ୍ରଦାନ କରିଛନ୍ତି। ପରମାଣୁ ପ୍ରତିଷ୍ଠାନ ଏବଂ ସୁବିଧା ଉପରେ ଆକ୍ରମଣ ନିଷେଧ କରିବା ପାଇଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଏହା କରାଯାଇଛି।

ପାକିସ୍ତାନ ସହିତ ପରମାଣୁ ପ୍ରତିଷ୍ଠାନର ତାଲିକା ଆଦାନପ୍ରଦାନ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି। ମନ୍ତ୍ରଣାଳୟ କହିଛି- ଭାରତ ଏବଂ ପାକିସ୍ତାନ ନୂଆ ଦିଲ୍ଲୀ ଏବଂ ଇସଲାମାବାଦରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ପରମାଣୁ ପ୍ରତିଷ୍ଠାନଗୁଡ଼ିକର ତାଲିକା ଆଦାନପ୍ରଦାନ କରିଥିଲେ। ଏହା ଦୁଇ ଦେଶ ମଧ୍ୟରେ ଏପରି ତାଲିକାର କ୍ରମାଗତ ୩୫ତମ ଆଦାନପ୍ରଦାନ। ଏହି ତାଲିକାର ପ୍ରଥମ ଆଦାନପ୍ରଦାନ ୧ ଜାନୁଆରୀ ୧୯୯୨ ରେ ହୋଇଥିଲା।

## ତେଲଙ୍ଗାନାରେ ନବବର୍ଷ ପାଳନ

# ପିଇଗଲେ ୧,୩୫୦ କୋଟିର ମଦ

**ହାଇଦ୍ରାବାଦ ୧।୧:** ନବବର୍ଷ ପାଳନ ବେଳେ ତେଲଙ୍ଗାନାରେ ମଦ ବିକ୍ରି ରେକର୍ଡ ଭାଙ୍ଗିଛି। ଅଧିକାରୀଙ୍କ ଅନୁସାରେ ମାତ୍ର ୩ ଦିନରେ ପାଖାପାଖି ୧୦୦୦ କୋଟି ଟଙ୍କାର ମଦ କାରବାର ହୋଇଥିବା ବେଳେ ବଡ଼ ଦିନରୁ ନୂଆ ବର୍ଷ ପର୍ଯ୍ୟନ୍ତ ୬ ଦିନରେ ୧,୩୫୦ କୋଟି ଟଙ୍କାର ମଦ ବିକ୍ରି ହୋଇଛି। ଏହା ପାର୍ବଣ ସମୟରେ ମାଦକ ପେୟ ପାଦର୍ଥ ପ୍ରତି ଉପଭୋକ୍ତାଙ୍କ ପ୍ରବଳ ରୁଚିକୁ ଦର୍ଶାଉଛି। ତେବେ ରାଜ୍ୟର କେଉଁ ସହର ଓ ଜିଲ୍ଲାରେ ସର୍ବାଧିକ ମଦ ବିକ୍ରି ହୋଇଛି ସେ ନେଇ ତଥ୍ୟ ଦିଆଯାଇନାହିଁ ହେଲେ ଶେଷ ୩ ଦିନରେ ବିକ୍ରି ହୋଇଥିବା ମଦ ପରିମାଣ ସର୍ବାଧିକ ଥିଲା। ଏଥିରେ ଗ୍ରାହକ ୮.୩ ଲକ୍ଷ କେସ୍ ମଦ ଓ ୭.୭୮ ଲକ୍ଷ କେସ୍ ବିୟର କିଣି ନେଇଛନ୍ତି। ନିକଟରେ ଖୋଲିଥିବା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନମାନଙ୍କରେ ବ୍ରାଣ୍ଡର ବହୁଳତା ସହିତ ବିଭିନ୍ନ ସ୍ୱାଦର ବିସ୍ତୃତ ବର୍ଗମାଳା ଉପଲବ୍ଧ ଥିଲା। ଏଣୁ ଉପଭୋକ୍ତାଙ୍କୁ ଅଧିକ ବିକଳ୍ପ ମିଳିଛି। କୁହାଯାଉଛି ବିକଳ୍ପରେ ଏପରି ବୃଦ୍ଧି ନୂଆବର୍ଷ କାଳରେ ମଦ ବିକ୍ରି ବୃଦ୍ଧିର ଅନ୍ୟତମ କାରଣ ଥିଲା। ଅଧିକାରୀ କହିଛନ୍ତି ଯେ ଗ୍ରାହକଙ୍କ ବଦଳୁଥିବା ପସନ୍ଦ ଓ ଯୁବବର୍ଗଙ୍କ ମଧ୍ୟରେ ବଢ଼ୁଥିବା ମଦ୍ୟପାନ ପ୍ରବୃତ୍ତି ରାଜ୍ୟର ରାଜସ୍ୱ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରୁଛି।

# ୭ ବିଏମ୍‌ଡବ୍ଲୁ କାର କିଣିବା ଟେଣ୍ଡର ରଦ୍ଦ

## ଲୋକପାଳଙ୍କ ୟୁ-ଟର୍ଣ୍ଣ

**ନୂଆଦିଲ୍ଲୀ,୧।୧ :** ସରକାରୀ ବିଭାଗରେ ଦୁର୍ନୀତିର ତଦନ୍ତ କରୁଥିବା ଲୋକପାଳ ନିଜ ନିଷ୍ପତ୍ତିର ୟୁ-ଟର୍ଣ୍ଣ ନେଇଛି। ସାତଟି ଲଗଜରୀ ବିଏମଡବ୍ଲୁ କାର୍ କିଣିବା ନେଇ ନିଜର ବିବାଦୀୟ ଟେଣ୍ଡରକୁ ରଦ୍ଦ କରିଛନ୍ତି। ଅଧିକାରୀମାନେ ଗୁରୁବାର କହିଛନ୍ତି ଯେ, ଏହି ନିଷ୍ପତ୍ତି ଟେଣ୍ଡର ଜାରି ହେବାର ୨ ମାସ ପରେ ନିଆଯାଇଛି। କ୍ରିୟ ହେବାକୁ ଥିବା ଗାଡ଼ିଗୁଡ଼ିକର ମୋଟ ମୂଲ୍ୟ ୫ କୋଟି ଟଙ୍କା ବୋଲି ଦାବି କରାଯାଉଥିଲା। ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି, ଯେତେବେଳେ ବିରୋଧୀ ଦଳ ଓ ସାମାଜିକ କାର୍ମୀ ଲୋକପାଳଙ୍କ ଏହି ଆଦେଶକୁ କଡ଼ା ସମାଲୋଚନା କରିଥିଲେ। ଦୁର୍ନୀତି ଉପରେ ନଜର ରଖୁଥିବା ସଂସ୍ଥାର ଲଗଜରୀ କାର୍ କିଣିବା ଉଚିତ୍ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା।





ଖବର ଅନୁସାରେ, ଲୋକପାଳଙ୍କ ଫୁଲ୍ ବେଞ୍ଚ୍ ବୈଠକରେ ଏହି ଟେଣ୍ଡରକୁ ରଦ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଅକ୍ଟୋବର ୧୬ରେ ଲୋକପାଳ ପକ୍ଷରୁ ଏକ ଟେଣ୍ଡର ଜାରି କରାଯାଇଥିଲା। ଟେଣ୍ଡରରେ କୁହାଯାଇଥିଲା ଯେ ବିଏମଡବ୍ଲୁ ୩ ସିରିଜ ୩୩୦ ଲି ମଡେଲର ୭ଟି କାର ଆବଶ୍ୟକ ଅଛି। ମୋଟ ଉପରେ ଏହି ସାତ କାରର ମୂଲ୍ୟ ୫ କୋଟି ଟଙ୍କାରୁ ଅଧିକ ଥିବା ଜଣାପଡ଼ିଥିଲା। ଲୋକପାଳର ଏହି ଟେଣ୍ଡର ପରେ ସୋସିଆଲ୍ ମିଡିଆରେ ବିତର୍କ ଆରମ୍ଭ ହୋଇଥିଲା। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ଦୁର୍ନୀତି ବିରୁଦ୍ଧରେ ତଦନ୍ତ କରୁଥିବା ସଂସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ। ଭୂଷଣ କହିଥିଲେ ଯେ, ଲୋକପାଳର ସଦସ୍ୟଙ୍କୁ କୌଣସି ଘଟଣା ସହ କିଛି ନେଣଦେଣ ନାହିଁ, କେବଳ ନିଜ ସୁବିଧାରେ ହିଁ ଖୁସି ଅଛନ୍ତି। ସେମାନେ ନିଜ ପାଇଁ ୭୦ ଲକ୍ଷ ଟଙ୍କାର ବିଏମଡବ୍ଲୁ କିଣିବାକୁ ଯାଉଛନ୍ତି। ସେ କହିଥିଲେ, ପ୍ରଥମରେ ଅନେକ ବର୍ଷ ହେଲା ନିଯୁକ୍ତି ହୋଇନଥିଲା ଓ ପରେ ଯେତେବେଳେ ନିଯୁକ୍ତି ହେଲା, ସେତେବେଳେ ନିଜ ଲୋକଙ୍କୁ ବସାଇ ଦେଲେ। ଏବେ ଏମାନେ ନିଜ ଲଗଜରୀ ସହ ଖୁସି ଅଛନ୍ତି।

# ରାଜ୍ୟସଭାରେ ଖାଲିହେବ ୭୫ ଆସନ

**ନୂଆଦିଲ୍ଲୀ,୧।୧(ସଂଚାର ବ୍ୟୁରୋ):** ଚଳିତ ବର୍ଷ ରାଜ୍ୟସଭାର ଚିତ୍ର ବଦଳିଯିବ। ୨୦୨୬ରେ ରାଜ୍ୟସଭାର ୭୫ଟି ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହା ବ୍ୟତୀତ, ରାଜ୍ୟସଭାରେ ଉପସ୍ଥିତ ଥିବା ଅନେକ ରାଜନେତାଙ୍କ କାର୍ଯ୍ୟକାଳ ଶେଷ ହେଉଛି। କେରଳ, ପଶ୍ଚିମବଙ୍ଗ, ଆସାମ ଏବଂ ତାମିଲନାଡୁ ଭଳି ରାଜ୍ୟରେ ନିର୍ବାଚନ ହେବାକୁ ଯାଉଛି। ସେଠାକାର ବିଧାନସଭାଗୁଡ଼ିକର ଦୃଶ୍ୟପଟ ପରିବର୍ତ୍ତନ ହେବ। ମୋଦୀ ସରକାରଙ୍କ ୬ ଜଣ ମନ୍ତ୍ରୀଙ୍କ ୨୦୨୬ରେ କାର୍ଯ୍ୟକାଳ ଶେଷ ହେବକୁ ଯାଉଛି। ସେମାନଙ୍କର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ବେଳେ ମୋଦୀ ସରକାରଙ୍କ ଭିତରେ ବଡ଼ ପରିବର୍ତ୍ତନ ଆଶା କରାଯାଉଛି।

ମହାରାଷ୍ଟ୍ରରେ ରାମଦାସ ଅଠାୱଲେ ବିଜେପି ସମର୍ଥନରେ ଦୁଇଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ତଥାପି, ଏନଡିଏ ସହିତ ତାଙ୍କର ସମ୍ପର୍କ ଖରାପ ହୋଇଛି। ସେ ବିଏମସି ନିର୍ବାଚନରେ ଆସନ ବଣ୍ଟନ ବ୍ୟବସ୍ଥାରେ ମଧ୍ୟ ଅସନ୍ତୁଷ୍ଟ। ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ଅନେକ ପୂର୍ବତନ ମନ୍ତ୍ରୀ ବିଦାୟ ନେଇପାରନ୍ତି। ଏପ୍ରିଲରେ ବିହାରରେ ୫ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି।



ରାଜ୍ୟସଭାରେ କାର୍ଯ୍ୟକାଳ ଶେଷ ହେଉଥିବା ସାଂସଦମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଜନତା ଦଳର ପ୍ରେମଚାନ୍ଦ ଗୁପ୍ତା, କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର, ଆରଏଲଏମର ଉପେନ୍ଦ୍ର କୁଶୱାହା ଏବଂ ଜେଡିୟୁର ହରିବଂଶ ନାରାୟଣ ସାମିଲ ଅଛନ୍ତି। ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏକ ଆସନ ଜିତିବା ପାଇଁ ୪୧ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ୨୦୨ ବିଧାୟକଙ୍କ ସହିତ, ଯଦି ଏନଡିଏ ୫ଟି ଆସନରୁ ୪ଟି ଜିତିଯାଏ, ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ।

୩୫ଟି ଆସନ ସହିତ ଇଣ୍ଡି ମେଣ୍ଟ ଗୋଟିଏ ବି ଆସନ ଜିତିବା ସ୍ଥିତିରେ ନାହିଁ। ଏପରି ପରିସ୍ଥିତିରେ, ୫ଟି ବିଧାୟକଙ୍କ ସହିତ

## ୨୦୨୬ରେ ଦେଶର ରାଜନୀତିରେ ଆସିବ ବଡ଼ ପରିବର୍ତ୍ତନ

## କେରଳ, ପଶ୍ଚିମବଙ୍ଗ, ଆସାମ ଏବଂ ତାମିଲନାଡୁରେ ନିର୍ବାଚନ

ଏଆଇଏମଆଇଏମର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ପଶ୍ଚିମବଙ୍ଗରେ ୫ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ଚାରୋଟି ଟିଏମସିରୁ ଖାଲି ପଡ଼ିଛି। ସିପିଏମର ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟଙ୍କ କାର୍ଯ୍ୟକାଳ ମଧ୍ୟ ଏପ୍ରିଲରେ ଶେଷ ହେଉଛି। ରାଜ୍ୟରେ ନିର୍ବାଚନ ମାର୍ଚ୍ଚ-ଏପ୍ରିଲରେ ହୋଇପାରେ। ଏହା ବିଧାନସଭାର ଚିତ୍ରକୁ ପରିବର୍ତ୍ତନ କରିବ। ଫଳରେ ରାଜ୍ୟସଭା ନିର୍ବାଚନ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିବ।

ମଧ୍ୟପ୍ରଦେଶରେ ୩ ଜଣ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସଂଖ୍ୟା ଦୃଷ୍ଟିରୁ, ୨୩୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଗୋଟିଏ ରାଜ୍ୟସଭା ଆସନ ପାଇଁ ୫୮ ଭୋଟ ଆବଶ୍ୟକ। ତେଣୁ ବିଜେପି ଦୁଇଟି ଆସନ ଜିତିପାରେ। ଗୋଟିଏ ଆସନ କଂଗ୍ରେସକୁ ଯାଇପାରେ। ବର୍ତ୍ତମାନ, ରାଜ୍ୟସଭାରେ ଏନଡିଏ ପାଖରେ ୧୨୯ ଆସନ ରହିଛି। ବିରୋଧୀଙ୍କ ପାଖରେ ୭୮ ଆସନ ରହିଛି। ତେଣୁ ୭୫ ଆସନ ପାଇଁ ନିର୍ବାଚନ ହେବା ପରେ ଗୃହର ଚିତ୍ର ବଦଳିଯିବା ନିଶ୍ଚିତ। ବର୍ତ୍ତମାନ, ଏହି ଆସନଗୁଡ଼ିକ ମଧ୍ୟରୁ ୮ଟି ବିଜେପି ପାଖରେ ଅଛି। ନଭେମ୍ବରରେ ଶେଷ ହେଉଥିବା ବିଜେପି ସାଂସଦମାନଙ୍କ ମଧ୍ୟରେ ନୀରଜ ଶେଖର, ଦିନେଶ ଶର୍ମା, ହରଦୀପ ପୁରୀ, ଭିଏସ୍ ବର୍ମା, ବ୍ରିଜ ଲାଲ ଏବଂ ସୀମା ଦ୍ୱିବେଦୀ ଅଛନ୍ତି। ସମାଜବାଦୀ ପାର୍ଟିର ରାମ ଗୋପାଳ ଯାଦବ ଏବଂ ବିଏସପିର ରାମଜୀ ଗୌତମଙ୍କ କାର୍ଯ୍ୟକାଳ ମଧ୍ୟ ନଭେମ୍ବରରେ ଶେଷ ହେଉଛି। ରାଜ୍ୟ ବିଧାନସଭାରେ ବିଜେପିର ସ୍ଥିତିକୁ ଦୃଷ୍ଟିରେ ରଖି, ଦଳ ଏହାର ୮ଟି ଆସନ ବଜାୟ ରଖିପାରେ ଏବଂ ସମାଜବାଦୀ ପାର୍ଟି ମଧ୍ୟ ଦୁଇଟି ଜିତିପାରେ। ବିଏସପି ପାଖରେ ରାଜ୍ୟସଭାକୁ ନିଜର ନେତା ପଠାଇବା ପାଇଁ ସଂଖ୍ୟାର ଅଭାବ ଅଛି। ଏହାର ଅର୍ଥ, ପ୍ରାୟ ଦୁଇ ଦଶନ୍ଧି ପରେ ବିଏସପିର କୌଣସି ସାଂସଦ ରହିବେ ନାହିଁ।




# ନନ୍ଦିନୀ ଚକ୍ରବର୍ତ୍ତୀ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ସଚିବ

## ବଡ଼ ପଦରେ ବିଦାୟୀ ମନୋଜ ପନ୍ତ



**କୋଲକାତା, ୧।୧ (ସଂଚାର ବ୍ୟୁରୋ):** ବର୍ଷର ଶେଷ ଦିନରେ ରାଜ୍ୟ ପ୍ରଶାସନରେ ଏକ ବଡ଼ ଅଦଳବଦଳ ହୋଇଥିଲା। ପଶ୍ଚିମବଙ୍ଗର ନୂତନ ମୁଖ୍ୟ ସଚିବ ଭାବରେ ଆଇଏଏସ୍ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ନିଯୁକ୍ତ କରାଯାଇଛି। ସେ ବର୍ତ୍ତମାନର ମୁଖ୍ୟ ସଚିବ ଡକ୍ଟର ମନୋଜ ପନ୍ତଙ୍କ ସ୍ଥାନ ନେଇଛନ୍ତି। ୩୧ ଡିସେମ୍ବରରେ ଡକ୍ଟର ପନ୍ତଙ୍କ ଅବସର ପରେ ୧୯୯୪ ମସିହା ବ୍ୟାଚ୍ ଆଇଏଏସ୍ ଅଧିକାରୀ ଏହି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ନନ୍ଦିନୀ ଚକ୍ରବର୍ତ୍ତୀ ରାଜ୍ୟପାଳଙ୍କ ପ୍ରେସ୍ ସଚିବ ଥିବା ସମୟରେ ବିବାଦରେ ଫସି ରହିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବରୁ ତାଙ୍କୁ ଗୃହ ସଚିବ ଭାବରେ ନିଯୁକ୍ତ କରିଥିଲେ। ଏବେ ମୁଖ୍ୟମନ୍ତ୍ରୀ ତାଙ୍କୁ ସିଧାସଳଖ ମୁଖ୍ୟ ସଚିବ ପଦବୀର ଦାୟିତ୍ୱ ଦେଇଛନ୍ତି। ନନ୍ଦିନୀ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ସଚିବ। ତେବେ, ସରକାର ଅବସରପ୍ରାପ୍ତ ମୁଖ୍ୟ ସଚିବ ମନୋଜ ପନ୍ତଙ୍କୁ ମଧ ଏକ ବଡ ପଦରେ ଆଣିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ରହିଛନ୍ତି।

ବୁଧବାର କାର୍ମିକ ଏବଂ ପ୍ରଶାସନିକ ସଂସ୍କାର ବିଭାଗ ଦ୍ୱାରା ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଜାରି ହୋଇଥିବା ଏହି ନିର୍ଦ୍ଦେଶରେ କୁହାଯାଇଛି ଯେ ନନ୍ଦିନୀ ଚକ୍ରବର୍ତ୍ତୀ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ନିଷ୍ପତ୍ତି ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଆଯାଇଛି। ମୁଖ୍ୟ ସଚିବ ଭାବରେ ନିଯୁକ୍ତ ହେବା ପୂର୍ବରୁ, ନନ୍ଦିନୀ ଚକ୍ରବର୍ତ୍ତୀ ଗୃହ ଏବଂ ପାହାଡ଼ି ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିଲେ। ଏହା ସହିତ, ସେ ସଂସଦୀୟ ବ୍ୟାପାର ଏବଂ ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବର ଦାୟିତ୍ୱ ମଧ ତୁଲାଇଥିଲେ। ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ସହିତ, ନନ୍ଦିନୀ ଚକ୍ରବର୍ତ୍ତୀ ନବାନ୍ନର ଜଣେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ଭାବରେ ପରିଚିତ। ୨୦୨୫ ମସୁହା ୩୧ ଡିସେମ୍ବର ଥିଲା ଡକ୍ଟର ମନୋଜ ପନ୍ତଙ୍କ ଶେଷ ସେବା ଦିନ। ତାଙ୍କ ଅବସର ପରେ ପ୍ରଶାସନିକ ନିରନ୍ତରତା ବଜାୟ ରଖିବା ପାଇଁ ରାଜ୍ୟ ସରକାର ଶୀଘ୍ର ନୂତନ ମୁଖ୍ୟ ସଚିବଙ୍କ ନାମ ଘୋଷଣା କରିଥିଲେ।

# ଗଙ୍ଗାସାଗର ମେଳା ୨୦୨୬ ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି




**କୋଲକାତା, ୧।୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଗଙ୍ଗାସାଗର ମେଳା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ଏବଂ ନିର୍ବିଘ୍ନ ସ୍ନାନ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ବହୁ ନୂତନ ପଦକ୍ଷେପ ଗ୍ରହଣ କରିଛି। ସମ୍ପ୍ରତି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରସ୍ତୁତିର ବିବରଣୀ ଉପସ୍ଥାପିତ କରାଯାଇଥିଲା। ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଚଳିତ ବର୍ଷ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧମରେ ମେଳା ଅଞ୍ଚଳରେ ନଜର ରଖିବା ଆହୁରି ବୃଦ୍ଧି କରାଯାଉଛି। ଇସ୍ରୋ ଦ୍ୱାରା ବିକଶିତ ନ୍ୟାଭିସି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି, ଗଙ୍ଗାସାଗର ଯାଉଥିବା ସମସ୍ତ ବସ୍ ଏବଂ ନଦୀକୂଳ ଯାନଗୁଡ଼ିକୁ ପ୍ରକୃତ ସମୟରେ ନଜର ରଖାଯିବ। ଯଦି କୌଣସି ଯାନ ନିର୍ଦ୍ଦିଷ୍ଟ ମାର୍ଗରୁ ବିଚ୍ୟୁତ ହୁଏ, ତେବେ ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ଏକ ସତର୍କ ସୂଚନା ପଠାଯିବ ଯାହା ଦ୍ୱାରା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

ଭିଡ଼ ନିୟନ୍ତ୍ରଣ ଏବଂ ସୁରକ୍ଷା ପାଇଁ ୧୨୦୦ ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଉଛି। ଏହା ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ୨୦ଟି ଡ୍ରୋନ୍ ସାହାଯ୍ୟରେ ଆକାଶ ମାର୍ଗରେ ନଜର ରଖାଯିବ। ମେଳା ପରିସରରେ ଏବଂ ମେଳାକୁ ଯାଉଥିବା ରାସ୍ତାରେ ପ୍ରାୟ ୫୪ କିଲୋମିଟର ବ୍ୟାରିକେଡ୍ ଲଗାଯାଉଛି, ଯାହା ଦ୍ୱାରା ଭିଡ଼ ନିୟନ୍ତ୍ରଣ ସହଜ ହେବ ଏବଂ ବିଶୃଙ୍ଖଳା ଏଡାଯାଇପାରିବ। ବିପର୍ଯ୍ୟୟର ମୁକାବିଲା ପାଇଁ ଚଳିତ ବର୍ଷ ବାହିନୀ ସଂଖ୍ୟା ମଧ ବୃଦ୍ଧି କରାଯାଇଛି। ପ୍ରାୟ ୨୫୦୦ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବକ, ଏସ୍‌ଡିଆର୍‌ଏଫ୍, ଏନ୍‌ଡିଆର୍‌ଏଫ୍, ତଟରକ୍ଷୀ ବାହିନୀ ଏବଂ ନୌସେନା ପ୍ରସ୍ତୁତ ରହିବେ। ସୁରକ୍ଷା ପାଇଁ ନଦୀ ମାର୍ଗରେ ସ୍ୱତନ୍ତ୍ର ଲାଇଟ୍ ଏବଂ ଟାୱାର ଲଗାଯାଉଛି। ଏହା ସହିତ, ରଣନୈତିକ ସ୍ଥାନରେ ୧୮ଟି ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ର ସ୍ଥାପନ କରାଯାଉଛି।

# ବେପରୁଆ ଗାଡ଼ିଚାଳନା ଯୋଗୁଁ ଦୁର୍ଘଟଣାରେ ୨ ମୃତ

**କୋଲକାତା, ୧।୧ (ସଂଚାର ବ୍ୟୁରୋ):** ବର୍ଷଶେଷ ରାତିରେ ବେପରୁଆ ଗାଡି ଚାଳନା ଯୋଗୁଁ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଅଭିଯୁକ୍ତ ଡ୍ରାଇଭର ଗାଡି ଛାଡି ପଳାଇ ଯାଇଛି। ଏହି ଘଟଣାଟି ବାଙ୍କୁଡାର ଗଙ୍ଗାଜଳଘାଟି ଥାନାର ଭୈରବପୁର ଗ୍ରାମରେ ଘଟିଛି। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଦୀର୍ଘ ସମୟ ଧରି ୬୦ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଯାହା ଫଳରେ ଏକ ଦୀର୍ଘ ଟ୍ରାଫିକ ଜାମ୍ ସୃଷ୍ଟି ହୋଇଥିଲା। ଘଟଣାର ଖବର ପାଇବା ପରେ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ। ପରିସ୍ଥିତିକୁ ଶୀଘ୍ର ନିୟନ୍ତ୍ରଣ କରାଯାଇଥିଲା। ଅନ୍ୟପକ୍ଷରେ, ଦୁର୍ଘଟଣାର କାରଣ ତଦନ୍ତ କରାଯାଉଛି। ପ୍ରାରମ୍ଭିକ ଅନୁମାନ କରାଯାଉଛି ଯେ କୁହୁଡ଼ି ଯୋଗୁଁ ନିୟନ୍ତ୍ରଣ ହରାଇବା ଯୋଗୁଁ ଦୁର୍ଘଟଣା ଘଟିଛି। ଅନ୍ୟପକ୍ଷରେ, ଅଭିଯୁକ୍ତ ଡ୍ରାଇଭରଙ୍କୁ ଖୋଜିବା ପାଇଁ ମଧ ତଲାସୀ ଆରମ୍ଭ କରାଯାଇଛି। ମୃତ ପଥଚାରୀଙ୍କ ନାମ କୁରନ ଘୋଷ ଏବଂ ଟୋଟୋ ଡ୍ରାଇଭରଙ୍କ ନାମ ସୋମନାଥ। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୬୦ ନମ୍ବର ଜାତୀୟ ରାଜପଥରେ ଏକ ବୋଲେରୋ ଗାଡି ଦ୍ରୁତ ଗତିରେ ବାଙ୍କୁଡା ଆଡକୁ ଆସୁଥିଲା। ସୋମନାଥ ସାମ୍ନାରେ ଏକ ଟୋଟୋ ଚଳାଉଥିଲେ। ସେହି ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା।ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ଘାତକ ଗାଡିଟି ପ୍ରଥମେ ଟୋଟୋକୁ ଜୋରରେ ଧକ୍କା ଦେଇଥିଲା। ତା'ପରେ, ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ଏହା ନିୟନ୍ତ୍ରଣ ହରାଇ ରାସ୍ତାର ଗୋଟିଏ ପାର୍ଶ୍ୱରେ ଚାଲୁଥିବା କୁରନ ଘୋଷଙ୍କୁ ଚାପି ଦେଇଥିଲା।

# ନୂଆବର୍ଷରେ ତାପମାତ୍ରା ୧୧ ଡିଗ୍ରୀ

**କୋଲକାତା, ୧।୧ (ସଂଚାର ବ୍ୟୁରୋ):** ନୂତନ ବର୍ଷର ପ୍ରଥମ ଦିନରେ ଶୀତ ତା'ର ପୁରୁଣା ରୂପ ବଜାୟ ରଖିଛି। ଜାନୁଆରୀ ୧ ତାରିଖରେ କୋଲକାତାର ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ୍ ରହିଥିଲା। ଏଦିନ ତିଲୋତ୍ତମାରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ସେଲସିୟସ୍ ଥିଲା, ଯାହା ସ୍ୱାଭାବିକ ଅପେକ୍ଷା ୨.୬ ଡିଗ୍ରୀ କମ୍। କିନ୍ତୁ ଏଥର ଶୀତର ଗତି ଧୀର ହେବାକୁ ଯାଉଛି ବୋଲି ପୂର୍ବାନୁମାନ କରାଯାଇଛି। ଆଲିପୁର ପାଣିପାଗ ବିଭାଗ ଜଣାଇଛି ଯେ, ଦକ୍ଷିଣବଙ୍ଗର ଜିଲ୍ଲାଗୁଡ଼ିକର ସର୍ବନିମ୍ନ ତାପମାତ୍ରା ଆଗାମୀ ତିନି ଦିନ ମଧରେ ଦୁଇରୁ ତିନି ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ। ତେବେ, ଆଗାମୀ ଚାରି ଦିନ ମଧରେ ତାପମାତ୍ରାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ, ଉତ୍ତରବଙ୍ଗର ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ ଆଗାମୀ ତିନି ଦିନ ମଧରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଆଗାମୀ ଚାରି ଦିନ ମଧରେ ସର୍ବନିମ୍ନ ତାପମାତ୍ରା ଦୁଇରୁ ତିନି ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ।

**● ହରିୟାଣା ସରକାରଙ୍କ ଉଲ୍ଲେଖନୀୟ ପଦକ୍ଷେପ**

# ପିଲା ସ୍କୁଲରେ ଭଲ ମାର୍କ ରଖିଲେ ମା'ଙ୍କୁ ମିଳିବ ବୃତ୍ତି

**● ପ୍ରତି ମାସରେ ୨୧୦୦ ଟଙ୍କା ଆର୍ଥିକ ସହାୟତା**

**● ଲଞ୍ଚ ହେଲା ଲାଡୋ ଲକ୍ଷ୍ମୀ ଆପ୍**



**ଚଣ୍ଡିଗଡ଼ ୧।୧:** ବର୍ଷର ପ୍ରଥମ ଦିନରେ ହରିୟାଣା ମନ୍ତ୍ରିମଣ୍ଡଳ ବୈଠକରେ ରାଜ୍ୟ ସରକାର 'ଲାଡୋ ଲକ୍ଷ୍ମୀ' ଯୋଜନା ସମ୍ପ୍ରସାରଣକୁ ମଞ୍ଜୁରୀ ଦିଆଯାଇଛି। ଏହି ଯୋଜନାର ଲାଭ ହରିୟାଣାରେ ସେହି ମହିଳାମାନଙ୍କୁ ମିଳିବ ଯେଉଁମାନଙ୍କ ପିଲା ୧୦ମ ଓ ଦ୍ୱାଦଶ ପରୀକ୍ଷାରେ ୮୦% ବା ତଦୁର୍ଦ୍ଧ୍ୱ ନମ୍ବର ରଖି ଉତୀର୍ଣ୍ଣ ହେବେ। ଏପରି ମେଧାବୀ ଛାତ୍ରଛାତ୍ରୀଙ୍କ ମାଆ ମାନଙ୍କୁ ପ୍ରତି ମାସରେ ୨,୧ ୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ କହିଛନ୍ତି ଯେ, ଏହି ନିଷ୍ପତ୍ତି ମହିଳାମାନଙ୍କୁ ଆତ୍ମନିର୍ଭର କରିବା ଓ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ସଂକଳ୍ପକୁ ଦର୍ଶାଉଛି। ଯୋଜନାର ସମ୍ପ୍ରସାରଣ ଯୋଗୁ ରାଜ୍ୟରେ ଶିକ୍ଷା ପ୍ରତି ସକରାତ୍ମକ ପରିବେଶ ସୃଷ୍ଟି ହେବ। ଏହା ଦ୍ୱାରା ଅଭିଭାବକ ସେମାନଙ୍କ ପିଲାଙ୍କ ପାଠ ପଢା ଉପରେ ଅଧିକ ଧ୍ୟାନ ଦେବେ। ଲାଡୋ ଲକ୍ଷ୍ମୀ ଯୋଜନା ହରିୟାଣା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ମହିଳା ସଶକ୍ତିକରଣ ଓ ଆର୍ଥିକ ସହାୟତା ଯୋଜନା। ଏହାର ଉଦ୍ଦେଶ୍ୟ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ସହ ଆର୍ଥିକ ରୂପେ ମଜଭୁତ କରିବା।

ଏହି ଯୋଜନାରେ ଗରିବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ମହିଳାମାନଙ୍କୁ ସାମିଲ କରାଯାଉଛି। ଏଥିରେ ସେମାନଙ୍କୁ ସବୁ ମାସରେ ସିଧା ଆର୍ଥିକ ସହାୟତା ଦିଆଯାଉଛି। ଏହା ଦ୍ୱାରା ସେମାନେ ନିଜେ ନିଜର ଆବଶ୍ୟକତା ପୂରଣ କରିପାରୁଥିବା ବେଳେ ପରିବାର ଉପରେ ସେମାନଙ୍କୁ ନିର୍ଭର ରହିବାକୁ ପଡୁ ନାହିଁ। ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରତି ମାସରେ ୨,୧୦୦ ଟଙ୍କା ଦିଆଯାଉଛି। ଏହି ଆର୍ଥିକ ସହାୟତାରେ ମହିଳା ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ସମେତ ପିଲାଙ୍କ ଶିକ୍ଷା ଓ ଛୋଟମୋଟ କାରବାରରେ ନିବେଶ କରିପାରୁଛନ୍ତି। ସରକାର ଲାଡୋ ଲକ୍ଷ୍ମୀ ଆପ ଲଞ୍ଚ କରିଛନ୍ତି। ଏହି ଆପ ମାଧମରେ ମହିଳାମାନେ ଅନଲାଇନରେ ଆବେଦନ କରିପାରୁଛନ୍ତି ଓ ଯୋଜନା ପାଇଁ ନିଜର ପାତ୍ରତା ଯାଞ୍ଚ କରିପାରୁଛନ୍ତି।

**● ଏସ୍‌ଆଇଆର ସଞ୍ଜୀବନୀ**

# ୩୦ ବର୍ଷ ପରେ ଫେରିଲେ ଘରକୁ

**ମୁଜଫରନଗର, ୧।୧:** ପାଖାପାଖି ୩୦ ବର୍ଷ ପରେ ଜଣେ ୭୯ ବର୍ଷ ବୟସ୍କ ବ୍ୟକ୍ତି ପଶ୍ଚିମବଙ୍ଗ ବିଶେଷ ଗହନ ପୁନର୍ନିରୀକ୍ଷଣ (ଏସଆଇଆର) ନିମନ୍ତେ କାଗଜପତ୍ର ଏକତ୍ର କରିବାକୁ ଘରକୁ ଫେରିଛନ୍ତି। ପରିବାର ଲୋକେ ତାଙ୍କୁ ମୃତ ବୋଲି ଭାବି ନେଇଥିଲେ। କାରଣ ଦୀର୍ଘ ବର୍ଷରୁ ତାଙ୍କର କୌଣସି ଖୋଜ ଖବର ନଥିଲା। ତେବେ ସେ ଅଚାନକ ଘରକୁ ଫେରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏସଆଇଆର ଯୋଗୁ ପରିବାର ପୁଣି ଏକତ୍ର ହୋଇଥିବା ବେଳେ ଘରକୁ ପୁଣି ଖୁସି ଫେରିଛି। ମୁଜଫର ନଗର ଖତୌଲୀର ବାସିନ୍ଦା ସରିଫ ଅହମଦ (୭୯) ତାଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ବିବାହ କରିଥିଲେ। ତେବେ ୧୯୯୭ ମସିହାରେ ରୋଜଗାର ଅନ୍ୱେଷଣରେ ସେ କୋଲକାତା ଯାଇଥିଲେ ଯେ ଆଉ ଘରକୁ ଫେରିନଥିଲେ। ଏପରିକି ସେ ଘରକୁ ଚିଠିପତ୍ର ମଧ ଲେଖୁନଥିଲେ। ଏଣୁ ସେ ପରିବାର ଲୋକଙ୍କ ପାଇଁ ଏକପ୍ରକାର 'ନିଖୋଜ' ଥିଲେ। ପରିବାର ଲୋକେ ତାଙ୍କର ଖୋଜ ଖବର ନେବାକୁ ଅନେକ ଚେଷ୍ଟା କରିଥିଲେ। ହେଲେ କୋଲକାତା ସହରରେ ତାଙ୍କୁ ଖୋଜିବେ କେଉଁଠି? ତାଙ୍କର ପତା ଠିକଣା ନଥିବାରୁ ପରିବାର ଲୋକେ ଅନେକ ବର୍ଷ ପରେ ମୃତ ଭାବି ନେଇଥିଲେ। ତେବେ ପଶ୍ଚିମବଙ୍ଗରେ ଚାଲିଥିବା ଏସଆଇଆର ଅଭ୍ୟାସ ନିମନ୍ତେ କାଗଜପତ୍ର ସଂଗ୍ରହ ପାଇଁ ସରିଫ ଡିସେମ୍ବର ୨୯ ତାରିଖ ଦିନ ଘରକୁ ଫେରିଥିବା ତାଙ୍କ ପୁତୁରା ୱସିମ ଗଣମାଧ୍ୟମକୁ କହିଛନ୍ତି। ୱସିମ କହିଛନ୍ତି ଯେ ତାଙ୍କୁ ଖୋଜିବା ପାଇଁ ବହୁତ ଚେଷ୍ଟା କରାଯାଇଥିଲା। ଏପରିକି ଆମେ ପଶ୍ଚିମବଙ୍ଗ ମଧ ଯାଇଥିଲୁ। ତାଙ୍କ ଦ୍ୱିତୀୟ ପତ୍ନୀ ଦେଇଥିବା ଠିକଣାରେ ବି ଖୋଜାଖୋଜି କରିଥିଲୁ, ହେଲେ ସବୁ ଉଦ୍ୟମ ବିଫଳ ହୋଇଥିଲା। ଦୀର୍ଘ ବର୍ଷରୁ ଘର ପରିବାର ସହ ସମ୍ପର୍କ ନଥିବାରୁ ତାଙ୍କର ୪ ଝିଅ ତାଙ୍କୁ ମୃତ ମାନି ନେଇଥିଲେ। ସରିଫ କହିଛନ୍ତି ପଶ୍ଚିମବଙ୍ଗ ଏସଆଇଆର ନିମନ୍ତେ କାଗଜପତ୍ର ପାଇଁ ସେ ନିଜ ଘରକୁ ଫେରିଥିଲେ। ଏଣୁ ଏସଆଇଆର ଯୋଗୁ ପୁଣି ଥରେ ପୈତୃକ ସ୍ଥାନକୁ ଆସିବାକୁ ତାଙ୍କୁ ପ୍ରେରଣା ମିଳିଛି। ସେ ଫେରିବା ପରେ ଜାଣିବାକୁ ପାଇଛନ୍ତି ଯେ ତାଙ୍କ ପିତା ଓ ଭାଇଙ୍କ ସମେତ ପରିବାରର ଅନେକ ନିକଟ ସମ୍ପର୍କୀୟଙ୍କ ପରଲୋକ ହୋଇସାରିଛି। ତେବେ ୱସିମ କହିଛନ୍ତି ଯେ ପରିବାରର ବଳକା ସଦସ୍ୟ ତାଙ୍କୁ ପାଇ ବେଶ୍ ଖୁସି ଅଛନ୍ତି। ଏତେ ବର୍ଷ ପରେ ତାଙ୍କୁ ଦେଖିବା ଆମ ଲାଗି ବାସ୍ତବରେ ଭାବୁକ ଅନୁଭବ। ତେବେ ସଂକ୍ଷିପ୍ତ ଯାତ୍ରାରେ ସରିଫ ଏସଆଇଆର ପାଇଁ କାଗଜପତ୍ର ସଂଗ୍ରହ କରି ମେଦିନପୁର ଜିଲ୍ଲା ଘରକୁ ଫେରି ଯାଇଛନ୍ତି।

# ଜନସଂଖ୍ୟାର ୧୩ ପ୍ରତିଶତ ବରିଷ୍ଠ ନାଗରିକ



**ଭୁବନେଶ୍ୱର, ୧।୧:** ଓଡ଼ିଶାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୬୧ଲକ୍ଷରୁ ଅଧିକ। ମୋଟ ଜନସଂଖ୍ୟାର ପ୍ରାୟ ୧୩ ପ୍ରତିଶତ ବୋଲି ରାଜ୍ୟ ସରକାର ଅନୁମାନ କରୁଛନ୍ତି। ୨୦୨୬ ମାର୍ଚ୍ଚ ପହିଲା ସୁଦ୍ଧା ରାଜ୍ୟର ଜନସଂଖ୍ୟା ୪ କୋଟି ୭୧ଲକ୍ଷକୁ ଟପିଯାଇପାରେ। ଏଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ୨ କୋଟି ୩୪ଲକ୍ଷ ୫୫ ହଜାର ଓ ପୁରୁଷଙ୍କ ସଂଖ୍ୟା ୨ କୋଟି ୩୬ଲକ୍ଷ ୯୨ ହଜାର ହୋଇପାରେ ବୋଲି ରାଜ୍ୟ ସରକାରଙ୍କ ହିସାବରୁ ଜଣାପଡିଛି।

ରାଜ୍ୟ ଜନସଂଖ୍ୟାର ୨୧.୮ ପ୍ରତିଶତଙ୍କ ବୟସ ୧୪ବର୍ଷରୁ କମ୍ ଥିବାବେଳେ ୬୫.୨ ପ୍ରତିଶତଙ୍କ ବୟସ ୧୫ରୁ ୫୯ବର୍ଷ ବୋଲି କୁହାଯାଉଛି। ଓଡ଼ିଶାରେ ସାଧାରଣ ଲୋକଙ୍କ ହାରାହାରି ଆୟୁ କିଛିମାତ୍ରାରେ ବଢ଼ିଛି। ସରକାରୀ ତଥ୍ୟ ମୁତାବକ ରାଜ୍ୟରେ ମୁଣ୍ଡପିଛା ଆୟ ବଢ଼ିବଢ଼ି ଚାଲିଛି। ୨୦୧୧-୧୨ ମସିହାରେ ଓଡ଼ିଶାରେ ମୁଣ୍ଡପିଛା ବାର୍ଷିକ ହାରାହାରି ଆୟ ୪୮,୩୮୭ ଟଙ୍କା ଥିବାବେଳେ ୨୦୨୪-୨୫ ବର୍ଷରେ ତାହା ୧,୮୨,୫୪୮ ଟଙ୍କାକୁ ଛୁଇଁଛି। ଓଡ଼ିଶା ସରକାରଙ୍କ ବଜେଟ୍ ବି ଇତିମଧ୍ୟରେ ବୃଦ୍ଧି ପାଇ ୩ଲକ୍ଷ କୋଟି ଟଙ୍କାକୁ ଟପିସାରିଲାଣି। କ୍ରମାଗତ ଭାବରେ ସରକାରଙ୍କ ବିଭିନ୍ନ ମିଶନ ଓ ଯୋଜନା ସତ୍ତ୍ୱେ ଓଡ଼ିଶା ଏବେ ବି ଡାଲି, ଚିନି, ତେଲ, ଆଳୁ, ପିଆଜ, ରସୁଣ, କପଡ଼ା, ଲୁଣ ଆଦି ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ବାଧ ହେଉଛି। ଏସବୁ କ୍ଷେତ୍ରରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ଲାଗି କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ କେଉଁ ଅଞ୍ଚଳରେ କେଉଁ କିସମର ଅର୍ଥକାରୀ ଫସଲ ଉତ୍ପାଦନ ହୋଇପାରିବ ତାହାର ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରିବା ଲାଗି ଅର୍ଥନୀତି ବିଶାରଦମାନେ ମତବ୍ୟକ୍ତ କରୁଛନ୍ତି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା...

ଓଡ଼ିଶା... ଅବସରରେ ପ୍ରିୟଙ୍କା ଗାନ୍ଧୀ ବିରାଟ ମହିଳା ସମାବେଶକୁ ସମ୍ବର୍ଦ୍ଧନା କରିପାରନ୍ତି। ସେହିପରି ପରବର୍ତ୍ତୀ ସମୟରେ କଂଗ୍ରେସର ପୂର୍ବତନ ଅଧକ୍ଷ ତଥା ସାଂସଦ ରାହୁଲ ଗାନ୍ଧୀ ମଧ ଓଡିଶା ଆସିବାର ସମ୍ଭାବନା ରହିଛି। ଏହି ଗସ୍ତ ସମୟରେ ରାହୁଲ ଗାନ୍ଧୀ ୧୦ ଜିଲ୍ଲାରେ ହେବାକୁ ଥିବା କର୍ମୀ ସମାବେଶରେ ଯୋଗ ଦେବେ। ଏହାସହିତ କର୍ମୀମାନଙ୍କୁ ରାଜ୍ୟରେ କିପରି କଂଗ୍ରେସ ମଜବୁତ୍ ହେବ, ସେନେଇ ଗୁରୁମନ୍ତ୍ର ମଧ ଦେବେ।

## ଅନୁ...

ଦାୟିତ୍ୱ ଦିଆଯାଇଛି। ସେ ପୂର୍ବପରି ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଇପିକଲର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ।

ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶୁଭୋ ଶର୍ମାଙ୍କୁ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଅବକାରୀ ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସମବାୟ ବିଭାଗର ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର ଓ ଓସଡମାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ମଧୁମିତା ରଥଙ୍କୁ ନୟାଗଡ ଜିଲ୍ଲାପାଳ ଭାବେ ବଦଳି କରାଯାଇଥିବା ବେଳେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଗଜପତି ବଦଳି କରାଯାଇଛି।

## କାହାକୁ...

ନବୀନଙ୍କୁ ନୂଆବର୍ଷ ଶୁଭେଚ୍ଛା ଜଣାଇବା ସହ କିଛି ଯୁବନେତା ସଙ୍ଗଠନ ସଜଡାଯିବା ଉପରେ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ବର୍ଗର ନେତାମାନେ ମେଳି କରୁଛନ୍ତି। ଯାହାର ଭାବନାକୁ ଆଘାତ ଆସୁଛି ସେମାନେ ମେଳି କରୁଛନ୍ତି। ତେଣୁ ସଙ୍ଗଠନର ମଙ୍ଗ ଧରିଥିବା କାର୍ପେଟବାରମାନେ ସବୁ ନେତାଙ୍କ ମାନସିକତା ଦେଖି ସଙ୍ଗଠନ ସଜାଡିବାର ଆବଶ୍ୟକତା ରହିଛି ବୋଲି କିଛି ଯୁବନେତା କହିଛନ୍ତି। କେବଳ ସଙ୍ଗଠନ ନେତା ହୋଇଗଲେ ଦଳ ସଙ୍ଗଠିତ ହୋଇଯିବନି ବୋଲି ସେମାନେ କହିଛନ୍ତି।

## ସ୍ଥାୟୀ...

ମୁଖ୍ୟ ଶାସନ ସଚିବ, ପୂର୍ବତନ ଉନ୍ନୟନ କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଏବଂ ମୁଖ୍ୟତଃ ଜନଜାତିମାନଙ୍କର ଦୀର୍ଘଦିନବ୍ୟାପୀ ରହିଆସିଥିବା ଅସମାହିତ ପ୍ରସଙ୍ଗଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ୧୦ ଟି ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ, ବିଚାରାଧୀନ ଶତାଧିକ ମାମଲାଗୁଡିକୁ ଜିଲ୍ଲାପାଳ ନିୟମିତ ଭାବରେ ପ୍ରତ୍ୟେକ ପନ୍ଦର ଦିନରେ ସମୀକ୍ଷା କରି ଏହାର ଅଗ୍ରଗତି ନେଇ ଦକ୍ଷିଣାଞ୍ଚଳ ଆରଡିସି ଓ ସରକାରଙ୍କୁ ଅବଗତ କରାଇବେ। ଭୂମିହୀନ ତଥା ବାସଗୃହହୀନ ଜନଜାତି ପରିବାରକୁ ଏଫଆରଏ (ଜଙ୍ଗଲ ଅଧିକାର ଆଇନ) ଏବଂ ଓଡ଼ିଶା ରାଜ୍ୟ ଜମି ପଞ୍ଜିକରଣ ଆଇନ ଅଧୀନରେ ସ୍ଥାୟୀ ପଟ୍ଟା ପ୍ରଦାନର ଶୀଘ୍ର ବ୍ୟବସ୍ଥା କରାଯିବ। ଏହାର ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ମାସରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ସରକାରଙ୍କୁ ଅବଗତ କରାଇବେ। ମାଛକୁଣ୍ଡ ଜଳସେଚନ ପ୍ରକଳ୍ପରେ ବିସ୍ଥାପିତ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଜଳସେଚନ ବିଭାଗ ସହ ସମନ୍ୱୟ ରଖି ଏହି ସମସ୍ୟାର ଦୀର୍ଘ ମିଆଦି ସମାଧାନ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଣମାଧମକୁ ସୂଚନା ଦେଇଛନ୍ତି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତ୍ୟେକ ତିନି ମାସରେ ମାଲକାନଗିରି ଜିଲ୍ଲାର ଏସବୁ ନିର୍ଦ୍ଦେଶନାମା ତଥା ଅନ୍ୟାନ୍ୟ ରାଜସ୍ୱ ମାମଲା ଉପରେ ସମୀକ୍ଷା କରି ସରକାରଙ୍କୁ ରିପୋର୍ଟ ଦେବେ। ଜନଜାତି ତଥା ଅନ୍ୟାନ୍ୟ ବର୍ଗର ଲୋକମାନଙ୍କର ଜଳଭଣ୍ଡାର ପାଖରେ ଥିରବା ଉଚ୍ଚ ଚାଷଜମିରେ ଜଳସେଚନ ସୁବିଧା ପାଇଁ ଜଳ ସମ୍ପଦ ବିଭାଗ ଯୋଜନା ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ କୃଷି ଉନ୍ନୟନ ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଓ ପ୍ରଧାନମନ୍ତ୍ରୀ ଲଘୁ ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା ଅଧୀନରେ ଜନଜାତି ବର୍ଗର ଲୋକେ କିପରି ଲାଭବାନ ହୋଇପାରିବେ ତା'ର ବ୍ୟବସ୍ଥା କରାଯିବ। ପ୍ରାଥମିକ ବିଦ୍ୟାଳୟରେ କୋୟା, ଦିଦାଇ, ବଣ୍ଡା ଜନଜାତି ଭାଷାର ଖାଲିଥିବା ଶିକ୍ଷକ ପଦକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ପୂରଣ କରାଯିବ। ଜନଜାତି ତଥା ଅନ୍ୟାନ୍ୟ ବର୍ଗର ଛାତ୍ରଛାତ୍ରୀମାନେ ଯେପରି ଦଶମ ଶ୍ରେଣୀ ପରେ ମଧ ପଢା ଜାରି ରଖି ପାରିବେ, ତାହା ନିମନ୍ତେ ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାର ଉଚ୍ଚ ମାଧମିକ ବିଦ୍ୟାଳୟ ଗୁଡିକରେ ଅଧିକ ସଂଖ୍ୟକ ଆସନ ସୃଷ୍ଟି କରାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ରାଖେଲଗୁଡା-ଏମ.ଭି.-୨୬ ଗାଁର ମୃତ ଲାକେ ପଡିଆମିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦଶ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯିବ। ମାଲକାନଗିରି ଜିଲ୍ଲା ପ୍ରଶାସନର ରିପୋର୍ଟ ଭିତ୍ତରେ ଏମ.ଭି.୨୬ ଗ୍ରାମର ପ୍ରତ୍ୟେକ ଆଂଶିକ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ସର୍ବାଧିକ ୭୫,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯିବ। ସେହିପରି କ୍ଷତିଗ୍ରସ୍ତ ଦୋକାନ ମରାମତି ପାଇଁ ସର୍ବାଧିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମାଲକାନଗିରି ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି।

## ତୁଟିଲା...

ଚାଷୀଙ୍କ ଧାନ କିଣାଯିବ। ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଧାନ କିଣା ଚାଲିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ସେପଟେ, ତୁଟିଛି ଅରୁଆ, ଉଷୁନା ବିବାଦ। ଓଡ଼ିଶାରୁ ୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଇବ କେନ୍ଦ୍ର। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଓ ୧ ଲକ୍ଷ ମେଟ୍ରିକ୍ ଟନ୍ ଅରୁଆ ଚାଉଳ ଉଠାଇବ କେନ୍ଦ୍ର। ରାଜ୍ୟରେ ମୋଟ୍ ୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅଛି। ବାକି ୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ନିଲାମ କରାଯିବ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

## ନବବର୍ଷରେ...

ସେବା ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ମୁଖ୍ୟମନ୍ତ୍ରୀଙ୍କ ଶାସନ-ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ ଏବଂ ଚଳଚଞ୍ଚଳ କରିବା ପାଇଁ ଦୃଢ ସଂକଳ୍ପକୁ ସୂଚାଉଛି। ଏଥି ସହିତ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିୟମିତ ଭାବେ ସମୀକ୍ଷା ଓ ମୂଲ୍ୟାୟନ କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଛି। ଗବେଷଣା ଓ ମୂଲ୍ୟାୟନକୁ ଜୋର୍ ଦେବା ପାଇଁ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢି ତୋଳିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁପ୍ରକାର ସରକାରୀ କାର୍ଯ୍ୟ, ବିଶେଷ ଭାବେ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟକୁ କେବଳ ଓଡ଼ିଆ ଭାଷାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟ ଠାରୁ ବ୍ଲକ ସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶକୁ କଡାକଡ଼ି ଭାବେ ପାଳନ କରିବା ପାଇଁ କୁହାଯାଇଛି। ଏହି ଦିଗରେ ଖିଲାପକାରୀଙ୍କୁ କୈଫିୟତ ତଲବ କରିବା ପାଇଁ ବି କୁହାଯାଇଛି। ତେଣୁ ଓଡ଼ିଆ ଭାଷାକୁ ସରକାରୀ ଭାଷାରେ ବ୍ୟବହାର କରିବା ପାଇଁ ପ୍ରତିବଦ୍ଧତାର ବାର୍ତ୍ତା ମଧ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତର ସହିତ ବିଚାରକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ ଓ ତହସିଲ ସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀଙ୍କୁ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଛନ୍ତି। ଲୋକଙ୍କ ସମସ୍ୟାକୁ ନିଜ ଆଖିରେ ଦେଖି ତାହାର ସମାଧାନ କରିବା ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ପରାମର୍ଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସହିତ ସବୁ ଅଧିକାରୀଙ୍କୁ ପରିଦର୍ଶନର ଫଳାଫଳ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯାହା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନରେ ବିବେଚିତ ହେବ।ଏହି ପନ୍ଦର-ସୂତ୍ରୀ ପରାମର୍ଶ ରାଜ୍ୟ ଶାସନ ପ୍ରଶାସନକୁ ନିଶ୍ଚିତ ଭାବେ ଚଳଚଞ୍ଚଳ କରିବ। ଏହି ନିର୍ଦ୍ଦେଶିକାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ, ଲୋକାଭିମୁଖୀ, ତଥା ଗତିଶୀଳ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ନୂଆବର୍ଷକୁ ଦୃଷ୍ଟିରେ ରଖି ନୂଆ ମୁଖ୍ୟ ଶାସନ ସଚିବଙ୍କୁ ଏହି ପତ୍ର କେତେଦୂର ପ୍ରଶାସନକୁ ଚଳଚଞ୍ଚଳ କରିପାରୁଛି ତାହା ଦେଖିବାକୁ ବାକି ରହିଲା।

## ସ୍ୱିଜରଲ୍ୟାଣ୍ଡ...

କେଉଁ କାରଣ ପାଇଁ ଏଭଳି ନାଟକୀୟ ପରିସ୍ଥିତ ସୃଷ୍ଟି ହେଲା ତାହା ଜାଣିବା ପାଇଁ କର୍ତ୍ତୃପକ୍ଷତଦନ୍ତ ଆରମ୍ଭ କରିଛନ୍ତି। ତେବେ ଶୋକସନ୍ତପ୍ତ ପରିବାର ପ୍ରତି ସମ୍ମାନ ଜଣାଇ ସେ ବର୍ତ୍ତମାନ କୌଣସି ଅଧିକ ବିବରଣୀ ଦେଇପାରିବେ ନାହିଁ ବୋଲି କହିଛନ୍ତି। ସୁନ୍ଦର ସ୍ୱିସ୍ ଆଲପ୍ସର ମଧଭାଗରେ ଅବସ୍ଥିତ କ୍ରାନ୍ସ-ମୋଣ୍ଟାନା ଏକ ଅତ୍ୟନ୍ତ ଲୋକପ୍ରିୟ ପର୍ଯ୍ୟଟନ ସ୍ଥାନ। ସ୍କିଇଂ, ସ୍ନୋବୋର୍ଡିଂ ଏବଂ ଗଲ୍ଫ ଭଳି ଆମୋଦଦାୟକ କ୍ରୀଡ଼ା ପାଇଁ ଏହା ବିଶ୍ୱରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ପ୍ରତିବର୍ଷ ସ୍ୱିଜରଲ୍ୟାଣ୍ଡ ବିପଦ ସହିତ ସଂଘର୍ଷ କରେ, ବିଶେଷକରି ଗରମ ଏବଂ ଶୁଷ୍କ ସମୟରେ। ପ୍ରକୃତରେ, ୨୦୦୧ରୁ ୨୦୨୪ ପର୍ଯ୍ୟନ୍ତ,ଅଗ୍ନିକାଣ୍ଡ ଯୋଗୁ ସ୍ୱିଜରଲ୍ୟାଣ୍ଡ ଏହାର ୩ ପ୍ରତିଶତରୁ ଅଧିକ ଜଙ୍ଗଲ ହରାଇ ସାରିଛି। ତେଣୁ ଜଙ୍ଗଲ ନିଆଁ ସ୍ୱିଜରଲ୍ୟାଣ୍ଡର ସବୁଠାରୁ ବଡ଼ ବିପଦ। ହେଲେ ଏଭଳି ମନୁଷ୍ୟକୃତ ବିସ୍ଫୋରଣ ସ୍ୱିଜରଲ୍ୟାଣ୍ଡକୁ ଥରାଇ ଦେଇଛି।

## ବଢ଼ିଲା...

ହୋଇନାହିଁ। ଆଇଓସିଏଲ ତଥ୍ୟ ଅନୁଯାୟୀ, ଜାତୀୟ ରାଜଧାନୀ ଦିଲ୍ଲୀରେ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୮୫୩ ଟଙ୍କା , କୋଲକାତାରେ ୮୭୯ ଟଙ୍କା, ମୁମ୍ବାଇରେ ୮୫୨.୫୦ ଟଙ୍କା ଏବଂ ଚେନ୍ନାଇରେ ୮୬୮.୫୦ ଟଙ୍କା ରହିଛି। ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ଶେଷ ପରିବର୍ତ୍ତନ ଏପ୍ରିଲ ୨୦୨୫ରେ ହୋଇଥିଲା।

## ୨୦୨୬...

ଦୃଶ୍ୟ ବେଶ୍ ରୋଚକ ହେବ। ଜଣେ ଅନ୍ୟଜଣକ ଗୋଡ଼ ଟାଣି ଆଗକୁ ଯିବାକୁ ଯେଉଁ ପ୍ରୟାସ କରିବେ ତାହା ଦଳର ମୁଖ୍ୟମାନଙ୍କୁ ବେଶ୍ ଅଡୁଆରେ ପକାଇବ। ରାଜନୀତି ପାଇଁ ଘର ସଜାଡୁ ସଜାଡୁ ସେମାନଙ୍କର ଅଧିକାଂଶ ସମୟ ଯିବ ବୋଲି ନେତାମାନେ ବିଚାରିଲେଣି। ତେଣୁ ନୂଆବର୍ଷ ଆରମ୍ଭରୁ ପଡିଆରା ଲଢେଇରେ ମାତିଥିବା ନେତା ଓ କର୍ମୀଙ୍କୁ ମନାଇବା ଏବେ ତିନିଦଳର ବରିଷ୍ଠ ନେତାଙ୍କ ପାଇଁ ମୁଖ୍ୟ କାର୍ଯ୍ୟ ହୋଇଥିବା ବେଳେ ସେମାନେ ଏଥିରେ ସଫଳ ନହେଲେ ତେବେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିବ ବୋଲି ଆକଳନ କରାଯାଉଛି।

## ରାଇରଙ୍ଗପୁରରେ...

ଭାରତ ବର୍ତ୍ତମାନ 'ଏଆଇ ଇମ୍ପାକ୍ଟ' ସମ୍ମିଳନୀ କରୁଛି। ଯେଉଁ ସମୟରେ ବିଶ୍ୱ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ନେଇ ଆଶଙ୍କା କରୁଛି, ଭାରତ ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରିବା ଉଚିତ୍। ନୂଆପିଢ଼ିକୁ ଏଆଇ ମାଧମରେ ଶିକ୍ଷାଦାନର ବ୍ୟବସ୍ଥା କରାଯିବ। 'ଏଆଇ ଫର୍ ଅଲ୍' ଆଗାମୀ ଦିନରେ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ। ଟେକ୍ନୋଲୋଜିର ବ୍ୟବହାର କରି ଆମେ ଏକ ସ୍ୱାଭିମାନୀ ଓ ସମୃଦ୍ଧ 'ନୂଆ ଭାରତ' ଗଠନ କରିବା ପାଇଁ ସଙ୍କଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲା ବେଳେ ବାରିପଦାରୁ ଭିସି ମାଧମରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ଭାରତ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

## ନବବର୍ଷରେ ପୂର୍ବତନ ବିଧାୟକ କଲେ ବୃକ୍ଷରୋପଣ



ନୀଳଗିରି, ୧।୧ (ସଂଚାର ବ୍ୟୁରୋ): ନବ ବର୍ଷ ଅବସରରେ ସଜନାଗଡ଼ ପଂଚାୟତ ବିଜେଡି ନେତା ଉପେନ୍ଦ୍ର ନାୟକଙ୍କ ନେତୃତ୍ୱରେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଆଜି ଅପରାହ୍ନ ୩ଟା ସମୟରେ ନୀଳଗିରି ବ୍ଲକ ଅଧିନସ୍ଥ ସଜନାଗଡ଼ ପଞ୍ଚାୟତ ହାଇସ୍କୁଲ ସମ୍ମୁଖ ପଡିଆରେ ବିଭିନ୍ନ ପ୍ରକାର ଔଷଧୀୟ ଗଛ ଲଗାଇଛନ୍ତି। ନୂଆ ବର୍ଷ ରେ ବିଭିନ୍ନ ନେତା ମଜା ମଉଆଲା ରେ ମାତି ଥିବା ବେଳେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ତାଙ୍କ ଜନ୍ମ ଦିନ ରେ ୫୦ରୁ ଅଧିକ ଗଛ ଲଗାଇ ନୂଆବର୍ଷରେ ସମାଜକୁ ନୂଆ ବାର୍ତା ଦେଇଛନ୍ତି । ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଜେଡି ନେତା ଚିନ୍ମୟ ସିଂ, କୃଷ୍ଣଚନ୍ଦ୍ର ବାଗ, ରବୀନ୍ଦ୍ର ମହାଳିକ, ରଘୁନାଥପାତ୍ର ସମେତ ବହୁ ଯୁବକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଳାଶ୍ରମ ଅନ୍ତେବାସୀଙ୍କ ସହ ନୂଆବର୍ଷ ପାଳିଲା ଫୁଲବାଣୀ ଫୁଟବଲ୍ କ୍ଲବ



ଫୁଲବାଣୀ,୧।୧ (ସଂଚାର ବ୍ୟୁରୋ): ନୂଆ ବର୍ଷକୁ ସମସ୍ତେ ଭୋଜି ଭାତ ଓ ନୂଆ ନୂଆ ଜାଗା ବୁଲିବା ଏବଂ ପରିବାର ସହ ପାଳନ କରିଥାନ୍ତି । କିନ୍ତୁ ଫୁଲବାଣୀ ଫୁଟବଲ୍ କ୍ଲବ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି ଏହି ନୂଆ ବର୍ଷର ଆରମ୍ଭକୁ। ଫୁଲବାଣୀ କେନ୍ଦୁପଦରରେ ଥିବା ଉତ୍କଳ ବାଳାଶ୍ରମ ଠାରେ ଥିବା ୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କୁ କମଳ, ଖାତା, ବହି, ସାର୍ଟ ଓ ଖାଦ୍ୟ ବାଣ୍ଟି ଥିଲେ । ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଓ ଫୁଟବଲ କ୍ଲବର ସମସ୍ତ ସଦସ୍ୟ ଏହି ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନୂଆ ବର୍ଷରେ ଏହି ଅନାଥାଶ୍ରମ ପିଲାଙ୍କ ମୁହଁରେ ହସ ଦେଇ ଏହି ଫୁଟବଲ କ୍ଲବର ସଦସ୍ୟ ବହୁ ଖୁସି ବୋଲି କହିଛନ୍ତି । ବାଳାଶ୍ରମରେ ଚଳିତ ବର୍ଷ ଏହି ଭଳି ସମସ୍ତେ ଆସି ଆମ ସହ ନୂଆବର୍ଷକୁ ପାଳିଛନ୍ତି ଆମେ ବହୁତ ଖୁସି ବୋଲି କହିଛନ୍ତି ଏଠି ରହୁଥିବା ଅନ୍ତେବାସୀ। ପିଲାମାନଙ୍କୁ ଭବିଷ୍ୟତ ଉଜ୍ଜ୍ୱଳ ହେଉ ବୋଲି ଫୁଲବାଣୀ ପୂର୍ବତନ ବିଧାୟକ କହିଥିଲେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ଦେବେନ୍ଦ୍ର କହଁର, ବିକ୍ରମ ବେହେରା, ସୁଜିତ ବେହେରାଙ୍କ ସହ ଫୁଟବଲ କ୍ଲବର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ସାଇ ଜରାଶ୍ରମ ଅନ୍ତେବାସୀଙ୍କ ନୂତନବର୍ଷ ପାଳନ




ପାରାଦୀପ, ୧।୧ (ସଂଚାର ବ୍ୟୁରୋ): ନୂଆବର୍ଷକୁ କିଏ କେତେ ଜାକଜମକରେ ପାଳନ କରୁଥିବା ବେଳେ କିଏ କେବେ ଚିନ୍ତା କରିଛି ନିଜ ପରିବାର ଠାରୁ ଅଲଗା ହୋଇ ରହୁଥିବା ବୃଦ୍ଧ ବାପା ମାଆଙ୍କ କଥା। ସେମାନଙ୍କୁ ଆଜି ପୁଅଝିଅର ସ୍ନେହ ଦେବା ସହ ସେମାନଙ୍କ ଓଠରେ ହସ ଫୁଟାଇବା ପାଇଁ କିଛି ମୁହୂର୍ତ୍ତ ପାଇଁ ହେଲେ ବି ଆଗେଇ ଆସିଛି ସାରଥୀ ପରିବାର। ପାରାଦୀପର ସାଇ ଜରାଶ୍ରମରେ ରହୁଛନ୍ତି ୩୩ଜଣ ବୃଦ୍ଧବୃଦ୍ଧା। କାହାକୁ ପୁଅବୋହୂ ଘରୁ ବାହାର କରି ଦେଇଥିବା ବେଳେ କିଏ ନିର୍ଯ୍ୟାତନା ସହି ନପାରି ଘରୁ ପଳାଇ ଆସିଛି ଏମିତି କି ଅନେକଙ୍କର କେହି ନାହାଁନ୍ତି। ସବୁଠାରୁ ବଡ ଦୁଃଖ ଲାଗେ ପରିବାରର ସମସ୍ତେ ଥାଇ ମଧ ନିର୍ଯ୍ୟାତିତ ଓ ଅବହେଳିତ ହୋଇ ସେମାନଙ୍କ ଶେଷ ଠିକଣା ପାଲଟିଛି ବୃଦ୍ଧାଶ୍ରମ । ଦିନେ ଯେଉଁ ବାପା ମାଆ ପିଲାଙ୍କ ଅଳିଅଝଟକୁ ପୂରଣ କରିବା ପାଇଁ ସବୁକିଛି ହରାଇ ଦେଇଥାନ୍ତି। ଆଜି ସେ ବାପା ମାଆକୁ ପର କରି ଦେଇଛନ୍ତି। ଆଜି ନୂତନବର୍ଷ ରେ କିଏ କେତେ ମାଛ ମାଂସ ଖାଇ ନାଚଗୀତ ରେ ମସଗୁଲ ହେଉଥିବା ବେଳେ ପାରାଦୀପ ର ସାରଥୀ ପରିବାର ତରଫରୁ ଭଜନ କୀର୍ତ୍ତନ ଓ ନାଚଗୀତ ମାଧମରେ ସାଇ ଜରାଶ୍ରମରେ ରହୁଥିବା ଅନ୍ତେବାସୀ ଙ୍କ ମୁହଁରେ ଟିକିଏ ହସ ଫୁଟାଇ ପାରିଛନ୍ତି। ଏହି ଅବସରରେ ସେମାନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରି ସେମାନଙ୍କ ଠାରୁ ଆଶିର୍ବାଦ ଗ୍ରହଣ କରିବା ସହିତ ଖୁସି ଅନୁଭବ କରିଛନ୍ତି ବୋଲି କହିଛନ୍ତି ସାରଥୀ ପରିବାର । ସାରଥୀ ଙ୍କ ବାଣୀ ଥିଲା 'ଗରିବ କୁ ଦେଖ ଗୋବିନ୍ଦ କୁ ଦେଖ'। ସେବା ହିଁ ବଡ ଧର୍ମ। ସାରଥୀ ଙ୍କ ବାଣୀକୁ ସ୍ମରଣ କରି ପାରାଦୀପ ସାରଥୀ ପରିବାର ତରଫରୁ ସେବା କାର୍ଯ୍ୟ ରେ ନିୟୋଜିତ ହେବା ସହିତ ବାପାମାଆଙ୍କୁ ଜରାଶ୍ରମରେ ଛାଡି ଦେଇଥିବା ପିଲାମାନେ ତାଙ୍କର ଭୂଲ କୁ ସ୍ୱିକାର କରି ବାପାମାଆଙ୍କୁ ଘରକୁ ଫେରାଇ ନେବାପାଇଁ ଅନୁରୋଧ କରିଛନ୍ତି ସାରଥୀ ଭକ୍ତ।

ଢାଙ୍କିଦେଲା ଘନ କୁହୁଡ଼ି

# ନୂଆବର୍ଷ ଅଧାଦିନ କୋହଲା ପାଗ



କାକଟପୁର/ଅସ୍ତରଙ୍ଗ,୧।୧ (ସଂଚାର ବ୍ୟୁରୋ): ନୂଆ ବର୍ଷର ରାତି ପାହିଲା। ହେଲେ ଦିଶିଲେନି ସୂର୍ଯ୍ୟ। ଢାଙ୍କି ହୋଇଥିଲା କୁହୁଡିର ଚାଦର। ପୂର୍ବାହ୍ନ ୧୦ଟା ଯାଏଁ ବାଟ ଘାଟ ଦେଖିବା ଓ ଚାଲିବାରେ କଷ୍ଟକର ହୋଇଗଲା। ଦିନରେ ବି ଲାଇଟି ଲଗାଇ ଚାଲିଲା ଗାଡି ମଟର। ଘନ କୁହୁଡି ଯୋଗୁଁ ବର୍ଷର ଆରମ୍ଭ ଦିନ ଏମିତି ଥିଲା ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ। କେବଳ କୁହୁଡି କଷ୍ଟ ଦେଲାନି, ଦିନ ସାରା କୋହଲା ପାଗ ଥରାଇଲା। ବିନା ଶୀତବସ୍ତ୍ରରେ ଘରୁ ବାହାରକୁ ବାହାରି ହେଲାନି।

ଶୀତ ଲହରି ଲାଗି ରହିଥିବା ବେଳେ ଅସ୍ତରଙ୍ଗ, କାକଟପୁର ରେ ଘନ କୁହୁଡି ଦେଖିବାକୁ ମିଳିଛି। ଗତ ଦୁଇ ଦିନ ସକାଳୁ କୁହୁଡି ଦେଖିବାକୁ ମିଳିଥିଲା ସତ କିନ୍ତୁ ବର୍ଷର ଶେଷ ଦିନ ଥିଲା ସବୁଠୁ ନିଆରା। ସକାଳ କେତେବେଳେ ହେଲା କିଛି ଜାଣି ହେଲାନି। ନିଦ ଭାଙ୍ଗିବା ବେଳକୁ ଚାରି ଆଡ଼େ ଖାଲି କୁହୁଡି ଆଉ କୁହୁଡି। କୁହୁଡି କୁ ଭେଦି ମର୍ଣ୍ଣି ୱାର୍କ କରିବା ବେଳେ କିମ୍ବା ଗାଡି ଚଳାଇବା ବେଳେ ପୋଷାକ ଓ ଶରୀର ଓଦା ହୋଇଯାଉଥିବା ଦେଖିବାକୁ ମିଳିଥିଲା। ସବୁଠୁ ବେଶି ହଇରାଣର ସାମ୍ନା କରିଥିଲେ ରାସ୍ତାରେ ଯାତାୟାତ କରୁଥିବା ଗାଡି ମଟର। କୁହୁଡି ପ୍ରଭାବରେ ୨୦ମିଟର ରୁ ଅଧିକ ଦୂରତାରେ କିଛି ବି ଦିଶୁନଥିଲା। ସକାଳ କୁହୁଡି ରେ ଗାଡି ଚଳାଚଳ ରେ ସମସ୍ୟା ଉପୁଜିଥିଲେ ହେଁ ଏହାର ଭରପୁର ମଜା ନେଇଥିଲେ ଯୁବଗୋଷ୍ଠୀ। ଚା "ଖଟିରେ ଯୁବଗୋଷ୍ଠୀ ଦୀର୍ଘ ସମୟ ଧରି ଭିଡ଼ ଜମାଇଥିଲେ। ଦିନ ସାରା କୋହଲା ପାଗ ଜନ ଜୀବନ କୁ ପ୍ରଭାବିତ କରିଥିଲା।

## ପ୍ରଦୂଷଣ ସେଣ୍ଟର ଯାଞ୍ଚ କଲେ ସଡ଼କ ପରିବହନ ଅଧିକାରୀ ଦଳ

ବଲାଙ୍ଗିର,୧।୧ (ସଂଚାର ବ୍ୟୁରୋ): ବଲାଙ୍ଗିର ସହର, ଟିଟିଲାଗଡ଼ ଓ ତୁଷୁରା ଅଞ୍ଚଳରେ ଚାଲିଥିବା ପ୍ରଦୂଷଣ ସେଂଟର ମାନଙ୍କୁ ଏସଟିଏ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ଯାଞ୍ଚ କରାଯାଇଛି। ଯାନବାହନ କିପରି ସାର୍ଟିଫିକେଟ ଓ ପ୍ରଦୂଷଣ ଟେଷ୍ଟ ଚାଲିଛି ତା' ଉପରେ ଯାଞ୍ଚ କରିଥିଲେ। ବଲାଙ୍ଗିର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି କହିଛନ୍ତି ସେମାନଙ୍କ ଯାଞ୍ଚ ସମୟରେ ଦୁଇଟି କେନ୍ଦ୍ରର ଭୁଲ ବାହାରୁ ଥିଲା ବଲାଙ୍ଗିର ୧ ଓ ତୁଷୁରା ୧ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଦେଇ ପରେ ଠିକ୍ ହେଲା ପରେ ଖୋଲା ଯାଇଛି।

ଜିଲ୍ଲାରେ ୧୬ କେନ୍ଦ୍ର ଅଛି ସେଥିରୁ ବଲାଙ୍ଗିରରେ ୮ ଗୋଟି। ଜନସାଧାରଣ ଠକାମୀର ଶିକାର ନହୋଇ ସଠିକ ସ୍ଥାନରେ ପ୍ରଦୂଷଣ ସାର୍ଟିଫିକେଟ କରାନ୍ତୁ। ନିଜ ନିଜ ଗାଡି ମାନଙ୍କ ପ୍ରଦୂଷଣ ସାର୍ଟିଫିକେଟ ଠିକ୍ ସ୍ଥାନରେ ନିର୍ଦ୍ଧାରିତ ସମୟ ଭିତରେ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ନୀଳଗିରିରେ କୁମ୍ଭୀର ଆତଙ୍କ

## କୁମ୍ଭୀର ଆକ୍ରମଣରେ ଇଟାଭାଟି ଶ୍ରମିକ ଗୁରୁତର



ନୀଳଗିରି,୧।୧ (ସଂଚାର ବ୍ୟୁରୋ): ନୀଳଗିରିରେ କୁମ୍ଭୀର ଆତଙ୍କ ଦେଖିବାକୁ ମିଳିଥିବା ବେଳେ ଜୈନିକ ଅଣଓଡ଼ିଆ ଇଟାଭାଟି ଶ୍ରମିକ ଆକ୍ରମଣର ଶିକାର ହୋଇ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଯୋଗ୍ୟ ନୀଳଗିରି ଏନେସି ଅଧିନସ୍ଥ ୪ନମ୍ବର ୱାର୍ଡ ମିରିଗିଣି ଗ୍ରାମରେ ଲକ୍ଷ୍ମୀ ଇଟାଭାଟିରେ ଝାଡ଼ଖଣ୍ଡ ରାଜ୍ୟର ବସନ୍ତରାୟ ଅଞ୍ଚଳର ପଞ୍ଚୁ ମାଝୀର ପୁଅ ମୁନା ମାଝୀ(୩୦) ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସକାଳେ ପ୍ରାୟ ଆଠଟା ସମୟରେ ଇଟାଭାଟି ନିକଟରେ ଯାଇଥିବା କଲରା ନଦୀର ସଙ୍ଗମସ୍ଥଳରେ ଥିବା ଗଣ୍ଡକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ଏକ କୁମ୍ଭୀର ସଦୃଶ ଜଳଜନ୍ତୁ ମୁନା ମାଝୀର ବାମ ଗୋଡରେ କାମୁଡି ଗୁରୁତର କରି ପକାଇଥିଲା। ଗୁରୁତର ଅବସ୍ଥାରେ ଭାଟିର ଅନ୍ୟ ଶ୍ରମିକମାନେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଏବେ ସେ ନୀଳଗିରି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।

ଖବରପାଇ ନୀଳଗିରି ରେଞ୍ଜ ଅଧିକାରୀ ମନୱର ଖାଁ ମେଡିକାଲରେ ପହଞ୍ଚି ମୁନା ମାଝୀଙ୍କ ସହ ଘଟଣା ବାବଦରେ ପଚାରି ବୁଝିଥିଲେ। ପରେ ଡାକ୍ତରଙ୍କ ସହ ଘଟଣା ବାବଦରେ ପଚାରି ବୁଝିଛନ୍ତି। ପରେ ମୁନା ମାଝୀର ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।

ଉକ୍ତ କୁମ୍ଭୀରଟି ହଦଗଡ଼ ବ୍ୟାରେଜରୁ ସାଳନ୍ଦୀ କେନାଲରେ ଆସି ଥାଇ ପାରେ ବୋଲି ଅନୁମାନ କରାଯାଉଛି । ଉକ୍ତ ଖବର ପ୍ରଚାରିତ ହେବା କ୍ଷଣି ଇଟା ଭାଟିରେ ଥବା ଶ୍ରମିକ ଓ ମିରିଗିଣି ଗାଁରେ କୋକୁଆ ଭୟ ସୃଷ୍ଟି ହୋଇଛି।



## ନୂଆବର୍ଷରେ ମା' ମଙ୍ଗଳାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କାକଟପୁର/ଅସ୍ତରଙ୍ଗ,୧।୧ (ସଂଚାର ବ୍ୟୁରୋ): ବଦଳି ଯାଇଛି କ୍ୟାଲେଣ୍ଡର। ସବୁଠି ଖୁସି, ସବୁଠି ଉତ୍ସାହ। ୨୦୨୫ ବିଦାୟ ଦେଇ ୨୦୨୬କୁ ସମସ୍ତେ ସ୍ୱାଗତ କରିଛନ୍ତି । ନୂଆବର୍ଷ ସକାଳୁ ମା'ଙ୍କ ଆଶୀର୍ବାଦ କୃପା ଲାଭ କରି ବର୍ଷ ଆରମ୍ଭ କରିବାକୁ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରାତଃରୁ ମା'ଙ୍କ ସକାଳ ଧୂପ, ମଇଲମ, ଅବକାଶ ନୀତି ସମେତ ବିଭିନ୍ନ ନୀତିକାନ୍ତି ପରେ ମା'ଙ୍କୁ ଦର୍ଶନ କରୁଛନ୍ତି ଶତାଧିକ ଶ୍ରଦ୍ଧାଳୁ। ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟାରିକେଟ ମାଧ୍ୟମରେ ଧାଡିରେ ଯାଇ ମା'ଙ୍କ କୃପା ଲାଭ କରୁଛନ୍ତି । ନୂଆବର୍ଷ ଓ ପୁରୁଣା ବର୍ଷ ଭିତରେ ବେଶି କିଛି ଫରକ ନ ଥାଏ, ନ ଥାଏ ବି ସାମଞ୍ଜସ୍ୟ। ନୂଆବର୍ଷ କେବଳ ଗୋଟେ କ୍ୟାଲେଣ୍ଡର ପରିବର୍ତ୍ତନ। ତାରିଖର ଭିଡ଼, ସଂଖ୍ୟା ମାନଙ୍କର ସାପ ସିଢି ଖେଳ।

## ସାତଦିନ ମଧ୍ୟରେ ଧାନକିଣା ନହେଲେ ରାସ୍ତାରୋକ କରିବାକୁ ଚେତାବନୀ ଦେଲା ସିପିଆଇ (ଏମ)



ନୀଳଗିରି, ୧।୧ (ସଂଚାର ବ୍ୟୁରୋ): ଆଗାମୀ ୭ଦିନ ମଧରେ ଔପଚାରିକ ଭାବେ ନୀଳଗିରି ଉପଖଣ୍ଡରେ ଚାଷୀଙ୍କ ଠାରୁ ଧାନକିଣା ନଗଲେ ରାସ୍ତାରୋକ କରିବେ ବୋଲି ଆଜି ଅପରାହ୍ନ ତିନିଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସିପିଆଇ(ଏମ)ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର। ନୀଳଗିରି ସହର ସ୍ଥିତ ସିପିଆଇ ଏମ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀଯୁକ୍ତ ପାତ୍ର ପ୍ରଥମେ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ପରେ ନୀଳଗିରିର ସମସ୍ତଙ୍କର ସାମ୍ବାଦିକ ବନ୍ଧୁମାନଙ୍କର ସତ୍ୟ, ନିର୍ଭୀକ ଏବଂ ସାଧୁ ଉଦ୍ୟମ ଫଳରେ ୨୦୨୫ ମସିହାରେ ନୀଳଗିରି ପ୍ରଶାସନ ଅଞ୍ଚଳର ୪ଟି ପ୍ରମୁଖ ସମସ୍ୟା ସମାଧାନ କରିବାକୁ ଯାଉଥିବା ସୂଚାଇଥିଲେ। ମୁଖ୍ୟତଃ ନୀଳଗିରିର ଐତିହ୍ୟ କୁହାଯାଉଥିବା ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲ ଡିଭିଜନ ପୋତି ପକାଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ସିପିଆଇ (ଏମ) ଏବଂ ଅନ୍ୟ ରାଜନୈତିକ ଦଳଙ୍କ ସହିତ ବିଭିନ୍ନ ସାମାଜିକ ସଂଗଠନର ପ୍ରବଳବିରୋଧ ପରେ ପୁନର୍ବାର ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି। ସ୍ଥାନୀୟ ପ୍ରଶାସନ ଇକୋ ସେନ୍ସେଟିଭ ଜୋନ ବାହାନାରେ ଅଭୟାରଣ୍ୟ ଅଞ୍ଚଳର ବାସିନ୍ଦାମାନଙ୍କୁ ଉଚ୍ଛେଦ ଆଳରେ ବାରମ୍ବାର ନୋଟିସ ଲଗାଇବା ବନ୍ଦ ରହିଥିବାରୁ ସାମ୍ବାଦିକଙ୍କ ପାଇଁ ଏହା ସମ୍ଭବ ହୋଇଛି। ଏତଦଭିନ୍ନ କୁଳଡିହା ଅଭୟାରଣ୍ୟରେ ବନବିଭାଗ ଶିକାରୀ ବାହାନାରେ ଗିରଫ କରି ଅକଥନୀୟ ନିର୍ଯାତନା ଦେଉଥିବା ବେଳେ ଏବେ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କମହେବା ସହିତ କେସିପୁର ପଞ୍ଚାୟତ କଇମହୁଡ଼ି ଗ୍ରାମର ମକରା ସୋରେନ ଗୟଳ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ ହେଁ ବନବିଭାଗ କୌଣସି କ୍ଷତିପୂରଣ ଦେଉନଥିବା ବେଳେ ଜୀବନଜୀବିକା ଏବଂ ଭିଟାମାଟି ସୁରକ୍ଷାମଞ୍ଚର ବିକ୍ଷୋଭ, ଦୃଢ଼ଦାବୀ ପରେ ବିଭାଗ ମୃତ ମକରା ସୋରେନର ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ଏବଂ ଏହାର କାର୍ଯ୍ୟକାରୀ ହେଉଥିବାରୁ ଗଣମାଧମର ଗଣମାଧମର ପ୍ରତିନିଧିମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ।

## ବିଞ୍ଝାରପୁରରେ ନୂତନ ଅଭିଲେଖାଗାର ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠ ଉଦଘାଟିତ



ଯାଜପୁର,୧।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ମାଂସଡ଼ାଠାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ନୂତନ ଅଭିଲେଖାଗାର ଗୃହ ଏବଂ କମ୍ପ୍ୟୁଟର ପ୍ରକୋଷ୍ଠକୁ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଉଦଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଜିଲ୍ଲା ରେଜିଷ୍ଟ୍ରାର ଶ୍ରୀ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ସବରେଜିଷ୍ଟ୍ରାର ହରପ୍ରିୟା ପୃଷ୍ଟି, ବିଂଝାରପୁର ଭାରପ୍ରାପ୍ତ ତହସିଲଦାର ଶ୍ରୀ ରବିନାରାୟଣ ପାଢ଼ୀ ଏବଂ ମାଂସଡ଼ା ଉପନିବନ୍ଧକ ଶ୍ରୀ ସୁବ୍ରତ କୁମାର ବାରିକ ଯୋଗ ଦେଇଥିଲେ। ଉଦଘାଟନ କରିବା ସହ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀମାନଙ୍କ ସହ ନୂତନ ଅଭିଲେଖ ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠ ପରିଦର୍ଶନ କରିଥିଲେ। ମୋଟ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ ନଭେମ୍ବର ମାସରେ ଶେଷ ହୋଇଥିଲା। ଏଥିରେ ଆଧୁନିକ ରେକର୍ଡ ରୁମ୍ ସହ ସ୍ୱତନ୍ତ୍ର ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ରହିଛି। ନୂତନ ଅଭିଲେଖାଗାରରେ ଜନସାଧାରଣଙ୍କ ବହୁମୂଲ୍ୟ ଦସ୍ତାବିଜ, ଦଲିଲ୍ ଏବଂ ନଥିପତ୍ର ସୁରକ୍ଷିତ ଭାବେ ରହିପାରିବ। ଏହାସହ କମ୍ପ୍ୟୁଟର ପ୍ରକୋଷ୍ଠ ଓ ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ସୁବିଧା ଉପଲବ୍ଧ ହେବା ଯୋଗୁଁ ଲୋକେ ସହଜରେ ତଥା ଶୀଘ୍ର ସେବା ପାଇପାରିବେ ଏବଂ ନୂତନ ଗୃହ ନିର୍ମାଣ ହେବା ପରେ ସୁରୁଖୁରୁରେ ସେବା ମିଳିପାରିବ।

## ସୋଆ ଆଇଡିଏସ୍ ପକ୍ଷରୁ ହ୍ୱାଇଟ କୋଟ ନ୍ୟୁ ଇୟର ଶପଥ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧।୧ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ଗୁରୁବାର ନୂଆବର୍ଷ ପାଳନ ସହ ହ୍ୱାଇଟ କୋଟ ନୂଆବର୍ଷ ଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଆସିଷ୍ଟାଂଟ ପ୍ରଫେସର ସୌମ୍ୟରଞ୍ଜନ ପାଢ଼ି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ନୂଆବର୍ଷ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ହ୍ୱାଇଟ କୋଟକୁ ଦାୟିତ୍ୱ ଏବଂ ସତ୍ୟତାର ପ୍ରତୀକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ନିଜ ବୃତିକୁ ଉତ୍ସର୍ଗୀକୃତ ଓ ନୈତିକତାର ସହ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଅନୁଷ୍ଠାନରେ ପ୍ରଥମ ଥର ପାଇଁ ନୂଆବର୍ଷରେ ହ୍ୱାଇଟକୋଟ ନୂଆବର୍ଷ ଶପଥ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଏହାକୁ ଏକ ବାର୍ଷିକ ପ୍ରଥା ଭାବେ ପାଳନ କରାଯିବ ବୋଲି ଡିନ୍ କହିଥିଲେ। ହି ଅବସରରେ ସମସ୍ତ ବିଭାଗୀୟ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଫ୍ୟାକଲ୍ଟି ମେମ୍ବର୍ସ, ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଏବଂ ଇନଟର୍ଣ୍ଣ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ।

## ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ନୀଳଗିରି,୧।୧ (ସଂଚାର ବ୍ୟୁରୋ): ନୀଳଗିରି ଥାନା ଅଧିନ ନରସିଂହପୁର ଗ୍ରାଃପ ପୁରୁଣା ଗାଁର ରାମକୃଷ୍ଣ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ଆଲିସା ମହାପାତ୍ର ନୀଳଗିରି ଏନଏସି ଅଧିନ ନିଜଗଡ଼ ଗ୍ରାମର ଅଜୟ ନାୟକଙ୍କ ଘରେ ଦୀର୍ଘ ବର୍ଷ ହେବ ଭଡ଼ା ସୂତ୍ରରେ ରହି ଆସୁଥିଲେ। ତାଙ୍କର ଏକ ମାତ୍ର ପିଲା ପୁତ୍ର ଅଙ୍କିତ ମହାପାତ୍ର (୧୩) ଜାମୁଡିହା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଅଧ୍ୟୟନରତ ମେଧାବୀ ଛାତ୍ର ଥିଲେ। ତେବେ ଅଙ୍କିତ ସାଙ୍ଗ ପିଲାଙ୍କ ସହିତ ପିକନିକ ପାର୍ଟି ମନେଇବାକୁ ଯିବାପାଇଁ ଜିଦ ଧରିଥିଲେ। ଏଥିରେ ମାଆ ବାରଣ କରିଥିଲେ। ତେବେ ଆଜି ବାପା ରାମକୃଷ୍ଣ ଘରେ ନଥିବା ବେଳେ ମାଆ ଆଲିସା ମନ୍ଦିରକୁ ଠାକୁର ଦର୍ଶନ ପାଇଁ ଯାଇଥିଲେ। ଘରେ ଅଙ୍କିତ ଏକୁଟିଆ ଥିବାବେଳେ ଅପରାହ୍ନ ପ୍ରାୟ ୨ଘଟିକା ୪୦ ମିନିଟ ସମୟରେ ମାଆ ଘରକୁ ଫେରିବା ପରେ ଅଙ୍କିତ ବେକରେ ଆପ୍ରୋନ ଲଗାଇ ଘର ଛାତ ପଙ୍ଖାରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ପୁଅର ଏଭଳି ଅବସ୍ଥା ଦେଖି ମାଆ କାନ୍ଦି କାନ୍ଦି ପଡୋଶୀ ଙ୍କୁ ଡାକିଥିଲେ। ପଡୋଶୀ ସଙ୍ଗେ ସଙ୍ଗେ ପହଞ୍ଚି ଅଙ୍କିତ କୁ ପଙ୍ଖାରୁ ଉଦ୍ଧାର କରି ନୀଳଗିରି ମେଡିକାଲ କୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଟୋ ଧକ୍କାରେ ମାଆ-ପୁଅ ଗୁରୁତର



ବାଲିଅନ୍ତା,୧।୧ (ସଂଚାର ବ୍ୟୁରୋ): ବାଳକାଟି ଫାଣ୍ଡି ଅଧୀନ ବାଳକାଟି - ଝିଣ୍ଟି ମୁଖ୍ୟ ଗ୍ରାମ ଉନ୍ନୟନ ରାସ୍ତାରେ ଆଜି ସନ୍ଧ୍ୟା ୬ଟା ବେଳେ ଏକ ଯାତ୍ରୀବାହୀ ଅଟୋ ଧକ୍କାରେ ମାଆ ପୁଅ ଗୁରୁତର ଆହତ ହୋଇଛନ୍ତି। ଆହତ ମା ପୁଅ ହେଲେ ବାଲିପାଟଣା ଥାନା ଅଧୀନ ଝିଣ୍ଟିଶାସନ ଗ୍ରାମର ବସନ୍ତ ସ୍ୱାଇଁ ଓ ତାଙ୍କ ପୁଅ ଚିନ୍ମୟ ଓରଫ କାଳିଆ ସ୍ୱାଇଁ । ସ୍ଥାନୀୟ ଲୋକ ଏନେଇ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଜଣାଇ ଥିଲେ । ହେଲେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ସମାଜସେବୀ ପ୍ରଦୀପ୍ତ ମହାନ୍ତି ଉଭୟ ମାଆ ପୁଅଙ୍କୁ ଉଦ୍ଧାର କରି ପ୍ରଥମେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ । ହେଲେ ବସନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ମୁଣ୍ଡରେ ଗଭୀର କ୍ଷତାକ୍ତ ହୋଇଛି। ଏବେ ବସନ୍ତ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି ।

# ସୁନା ବ୍ୟବସାୟ ନାଁରେ ଗ୍ରାହକଙ୍କୁ ଠକେଇ

### କ୍ୟାରେଟ୍ କମ୍ ସାଙ୍ଗକୁ ଓଜନରେ ଚାଲାକି

### ଜିଏସ୍‌ଟି ବିଲ୍ ବିନା ବ୍ୟବସାୟ

### ହେଉନି ତଦାରଖ



ଯାଜପୁର,୧।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ସୁନା କିଣିବା ଏବେ ଗ୍ରାହକଙ୍କ ପାଇଁ ସଞ୍ଚୟ ନୁହେଁ, ଲୁଟ ହୋଇପଡ଼ିଛି। ସୁନା ବ୍ୟବସାୟ ନାଁରେ ଗ୍ରାହକଙ୍କୁ ଠକିବା ଅଭିଯୋଗ ଦିନକୁ ଦିନ ଗମ୍ଭୀର ଆକାର ନେଉଥିବା ବେଳେ, ପ୍ରଶାସନ ଏପର୍ଯ୍ୟନ୍ତ ନିରବ ଦର୍ଶକ ଭୂମିକାରେ ରହିଛି।

ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ, କେତେକ ସୁନା ଦୋକାନରେ କ୍ୟାରେଟ୍ କମ୍ ଥିଲେ ମଧ ପୁରା ଦାମ ନିଆଯାଉଛି, ଓଜନରେ ଲୁଚା ଚାଲାକି, ମେକିଂ ଚାର୍ଜରେ ଅସ୍ପଷ୍ଟତା, ଏପରିକି ଜିଏସଟି ବିଲ୍ ନ ଦେଇ ଖୋଲାମେଲା ବ୍ୟବସାୟ ଚାଲିଛି। ପ୍ରଶ୍ନ କଲେ କେତେକ ଗ୍ରାହକଙ୍କୁ ଧମକ ଓ ଭ୍ରମକ ଉତ୍ତରର ସମ୍ମୁଖୀନ ହେଉଥିବା ଅଭିଯୋଗ ମଧ ଆସୁଛି। ପ୍ରଶାସନିକ ଅବହେଳା—ଠକେଇକୁ ମୌନ ସମର୍ଥନ? ସବୁଠୁ ଗୁରୁତର ପ୍ରଶ୍ନ - ଏତେ ଅଭିଯୋଗ ସତ୍ତ୍ୱେ ଯାଞ୍ଚ କାହିଁକି ନାହିଁ? ଲିଗାଲ୍ ମେଟ୍ରୋଲୋଜି, ଗ୍ରାହକ ସୁରକ୍ଷା ବିଭାଗ ଓ ବାଣିଜ୍ୟକର ବିଭାଗ ଥିଲେ ମଧ ନିୟମିତ ଚଢ଼ାଉ, ମାପ ଯନ୍ତ୍ର ଯାଞ୍ଚ, କ୍ୟାରେଟ୍ ସ୍ୟାମ୍ପଲ୍ ଟେଷ୍ଟ - ଏସବୁ କାଗଜରେ ସୀମିତ ଥିବା ଭଳି ଦେଖାଯାଉଛି। ଯେଉଁଠି ନିରୀକ୍ଷଣ ନାହିଁ, ସେଠି ଅନିୟମ ସ୍ୱାଭାବିକ - ଏହି ସତ୍ୟକୁ ପ୍ରଶାସନ ଅଣଦେଖା କରୁଛି କି, ନା କାହାର ସୁରକ୍ଷା କରୁଛି - ତାହା ଏବେ ସନ୍ଦେହରେ। ପ୍ରଶାସନ ନିରବତା ଏବେ ଅପରାଧ ବଢ଼ାଉଛି।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ଯାଜପୁର,୧।୧ (ସଂଚାର ବ୍ୟୁରୋ): ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ କୁସୁମା ଯାଏଁ ଏକ ସଡ଼କ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଏହି ଶୋଭାଯାତ୍ରାର ଉଦଘାଟନ କରିଥିଲେ। ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ ହେଉ ଥିବା ବେଳେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗକୁ ନେଇ ସଚେତନତା ରାଲି କରାଯାଇଛି। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟ ପାନ କରି ଗାଡ଼ି ଚଳାଇବା, ହେଲମେଟ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଲାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ। ତେଣୁ ଏସବୁକୁ ରୋକିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ରାଲି ମାଧମରେ ସଡ଼କ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା ରାଲିରେ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।ଯାଜପୁର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାରେ ବ୍ୟାପକ ଭାବେ ଗାଡି, ମୋଟର ସାଇକେଲ ଆଦି ତନଖି କରାଯାଉଛି।

## ୧୮ ମୋବାଇଲ ଓ ୨ ଇଅର ବୋଟ ଉଦ୍ଧାର



ପାରାଦୀପ,୧।୧ (ସଂଚାର ବ୍ୟୁରୋ): ପାରାଦୀପ ଉପକଣ୍ଠ ଗଡ ବଜାରରେ ଥିବା ବିକାଶ ବେହାରଙ୍କ ମୋବାଇଲ ରିପେୟାର ସପରୁ ଗତକାଲି ମଧ୍ୟାହ୍ନ ସମୟରେ ୧୮ ମୋବାଇଲ ଓ ୨ ଇଅର ବୋଟ ଚୋରି ହୋଇଥିବା ପାରାଦୀପ ଲକ ଥାନାରେ ବିକାଶ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାର ତଦନ୍ତ କରି ଗଡରେ ରହୁଥିବା ସିଜୁ ବଗଦିଆ ଗ୍ରାମର ରଘୁ ମଲ୍ଲିକଙ୍କୁ ଗିରଫ କରି ତା ନିକଟରୁ ୧୮ ଚୋରି ମୋବାଇଲ ଓ ୨ ଇଅର ବୋଟ ଉଦ୍ଧାର କରିଛି। ଗତବର୍ଷ ରଘୁ ଏକ ଡକାୟତି ଘଟଣାରେ ଗିରଫ ହୋଇଥିବା ବେଳେ ସେ ଜଣେ ପେସାଦାର ଚୋର ବୋଲି ପୋଲିସ ପ୍ରକାଶ କରିଛି। ୪୨୮ ନମ୍ବର ମାମଲା ରୁଜୁ କରି ରଘୁକୁ କୋର୍ଟ ଚାଲାଣ କରାଯାଇଛି।

ଅନୁ ଗର୍ଗଙ୍କ ପ୍ରଥମ ସଚିବସ୍ତରୀୟ ବୈଠକ


# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ କାର୍ଯ୍ୟସୂଚୀକୁ ପ୍ରାଥମିକତା



● ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ବୃଦ୍ଧି ଉପରେ ଗୁରୁତ୍ୱ
● ମିଶନ ପାୱାର ଜରିଆରେ ସବୁ ଗାଁକୁ ବିଦ୍ୟୁତ ଓ ପାଣି

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ ପରେ ଆଜି ପ୍ରଥମ ସଚିବସ୍ତରୀୟ ବୈଠକରେ ଅଧକ୍ଷତା କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସବୁ ବିଭାଗର ସଚିବମାନଙ୍କ ସହିତ ଆଲୋଚନା କରି ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ଟି କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିବା ନେଇ ସଚିବମାନଙ୍କ ସହ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

ଶାସନ ପରିଚାଳନାକୁ ଦକ୍ଷ, ଉତ୍ତରଦାୟୀ ଓ ଲୋକାଭିମୁଖୀ କରିବା, ଓଡ଼ିଶା ଭିଜନ ଲକ୍ଷ୍ୟ ୨୦୩୬ ଓ ୨୦୪୭ ହାସଲ ପାଇଁ ପ୍ରଥମେ ୨ବର୍ଷିଆ ଆକ୍ସନ ପ୍ଲାନର କାର୍ଯ୍ୟକାରିତା ସମୀକ୍ଷା, ଅବିବୃଦ୍ଧି ହାରକୁ ଦୁଇ ଅଙ୍କ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟଭିତ୍ତିକ କାର୍ଯ୍ୟ, ରାଜ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା। ପ୍ରଭାବଶାଳୀ ଓ ନିର୍ମଳ ଶାସନ ବ୍ୟବସ୍ଥା ପାଇଁ ଆପାରଗ ଓ ଅଯୋଗ୍ୟ କର୍ମଚାରୀମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା, ମିଶନ କର୍ମଯୋଗୀ ଅଧୀନରେ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ ନିମନ୍ତେ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତି, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରକଳ୍ପଗୁଡ଼ିକର ଗୁଣାତ୍ମକତା ବଜାୟ ରଖିବା ସହିତ ପ୍ରକଳ୍ପ କାର୍ଯ୍ୟକାରିତା ତ୍ୱରାନ୍ୱିତ କରାଯିବା ପାଇଁ ପ୍ରକଳ୍ପୱାରୀ ତଦାରଖ, ବଜେଟ୍ ଅନୁମୋଦିତ ଖର୍ଚ୍ଚ ଓ ଏହାର ଫଳାଫଳ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ଏଥିସହିତ ରାଜ୍ୟର ଦୀର୍ଘମିଆଦି ବିକାଶ ପାଇଁ ଭିତ୍ତିଭୂମି, ଶିଳ୍ପ, ବନ୍ଦର, ସଡକ, ସେତୁ, ପାନୀୟ ଜଳ, ଜଳସେଚନ, ଶକ୍ତି ଓ ସହରାଞ୍ଚଳ ବିକାଶରେ ପୁଞ୍ଜି ବ୍ୟୟକୁ ତ୍ୱରାନ୍ୱିତ କରାଯିବା ଏବଂ ଗ୍ରାମୀଣ ବିକାଶ ପାଇଁ ମିଶନ ପାୱାର କାର୍ଯ୍ୟକ୍ରମ ଦ୍ୱାରା ପ୍ରତି ଗାଁକୁ ବିଦ୍ୟୁତ ଶକ୍ତି, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଏବଂ ସବୁ ଦିନିଆ ରାସ୍ତା ସୁବିଧା ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଥିଲେ। ଜନ ଅଭିଯୋଗଗୁଡ଼ିକ ୧୦ଦିନ ଭିତରେ ଫଇସଲା କରି ବିବରଣୀ ପ୍ରଦାନ କରିବା, ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ଜିଲ୍ଲା ଗସ୍ତ ବିବରଣୀ ପରିଦର୍ଶନ ପୋର୍ଟାଲରେ ଉଲ୍ଲେଖ କରିବା ଓ ଏହାର କାର୍ଯ୍ୟାନୁଷ୍ଠାନ ସଂପର୍କରେ ଅନୁସରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ସରିବାକୁ ଆଉ ତିନି ମାସ ରହିଥିବା ବେଳେ ବିଭିନ୍ନ ବିଭାଗଙ୍କୁ ୨୦୨୫-୨୬ ବଜେଟ୍ ଅନୁମୋଦିତ ପ୍ରସ୍ତାବ କାର୍ଯ୍ୟକାରୀ କରି ଖର୍ଚ୍ଚ ବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ଏଥିସହିତ ରାଜ୍ୟର ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ କରିବାକୁ ସେ ପରାମର୍ଶ ଦେଇଥିଲେ।



## ଜଗା ଦର୍ଶନ କଲେ ଲକ୍ଷାଧିକ ଭକ୍ତ

**ପୁରୀ, ୧ ।୧(ସଂଚାର ବ୍ୟୁରୋ):** ଇଂରାଜୀ ନୂଆବର୍ଷ ୨୦୨୬ ଉପଲେକ୍ଷ ଲକ୍ଷାଧିକ ଭକ୍ତ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ରାତି ୨ଟାରୁ ଶ୍ରୀମନ୍ଦିର ଖୋଲାଯାଇ ଭକ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। କଡା ସୁରକ୍ଷା ବଳୟରେ ଶ୍ରୀମନ୍ଦିର ଭିତର ଓ ବାହାର ରହିଥିଲା। ଶ୍ରୀମନ୍ଦିରକୁ ଯାଉଥିବା ଭକ୍ତମାନେ ବଗଲା ଧର୍ମଶାଳାଠାରୁ ବ୍ୟାରିକେଡ ଭିତରେ ଯାଇ ସିଂହଦ୍ୱାର ଦେଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଭକ୍ତମାନେ ବଡଦାଣ୍ଡ ମଝିରେ ବ୍ୟାରିକେଡ ମଧ୍ୟରେ ଯାଉଥିବାବେଳେ ୱାନ ୱେ ଟ୍ରାଫିକ ପରି ଅନ୍ୟ ଭକ୍ତମାନେ ସାଇଡରେ ଯାଉଥିଲେ। ସିଂହଦ୍ୱାର ଦ୍ୱାରରେ ପ୍ରବେଶ କରି ଉତ୍ତରଦ୍ୱାର, ଦକ୍ଷିଣଦ୍ୱାର ଓ ପଶ୍ଚିମଦ୍ୱାରରେ ପ୍ରସ୍ଥାନ କରୁଥିଲେ। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ରାତି ୧୧ଟା ପର୍ଯ୍ୟନ୍ତ ଦର୍ଶନ ବ୍ୟବସ୍ଥା ଚାଲୁ ରହିଥିଲା। ପୁରୀ ଏସପି ପ୍ରତୀକ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୭୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଅତିସୁନ୍ଦର ଭାବେ ଟ୍ରାଫିକ ସୁପରିଚାଳନା କରାଯାଇଥିଲା। ୩୪୪ଟି ଗୁପ୍ତ ଗୁଇନ୍ଦା କ୍ୟାମେରା ଭକ୍ତ ଓ ସହରରେ ପ୍ରବେଶ କରୁଥିବା ବ୍ୟକ୍ତିମାନଙ୍କ ଉପରେ ନଜର ରଖିଥିଲା। ବ୍ୟାରିକେଡ ନିକଟରେ ପାନୀୟଜଳ, ସିଲିଂ ଫ୍ୟାନ ଓ ଶୌଚାଳୟର ସୁବିଧା କରାଯାଇଥିଲା। ନୂଆବର୍ଷ ପାଇଁ ପୁରୀ ବେଳାଭୂମି ମଧ ଲୋକାରଣ୍ୟ ହୋଇପଡିଥିଲା।

ନୌବାଣିଜ୍ୟ ପରମ୍ପରା ହେବ ପୁନର୍ଜୀବିତ

## ଓଡ଼ିଶାରୁ ବାଲି ଯାତ୍ରାକରିବ ପାରମ୍ପରିକ ଜାହାଜ

**କଟକ,୧।୧ (ସଂଚାର ବ୍ୟୁରୋ):** ନୂଆ ରୂପନେବ ଓଡ଼ିଶା ନୌବାଣିଜ୍ୟ ଇତିହାସ। ଓଡ଼ିଶାରୁ ବାଲି ଯାତ୍ରାକରିବ ପାରମ୍ପରିକ ଜାହାଜ। ୨୦୨୬ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଇତିହାସକୁ ପୁଣିଥରେ ଆଖି ସାମ୍ନାକୁ ଆଣିବ 'ଆଇଏନଏସଭି କୌଣ୍ଡିନ୍ୟ'।



ସିଲେଇ କୌଶଳ ଦ୍ୱାରା ପାରମ୍ପରିକ ଶୈଳୀରେ ନିର୍ମିତ ଏହି ଜାହଜ 'ଆଇଏନଏସଭି କୌଣ୍ଡିନ୍ୟ' କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଓଡ଼ିଶାରୁ ବାଲି ଦେଶକୁ ଯାତ୍ରାକରିବ ବୋଲି ଜାହାଜର ନିର୍ମାତା ତଥା ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା କମିଟି ସଦସ୍ୟ ସଞ୍ଜୀବ ସାନ୍ୟାଲ୍ କହିଛନ୍ତି। ଜାତୀୟ ସ୍ତରର ଏକ ଚର୍ଚ୍ଚିତ ପଡକାଷ୍ଟ୍ରେ ସଞ୍ଜୀବ ଏଭଳି ମତ ଦେଇଛନ୍ତି।ନିକଟରେ ଏହି ଜାହାଜ ଗୁଜରାଟର ପୋରବନ୍ଦରରୁ ଓମାନର ମସ୍କଟ ପର୍ଯ୍ୟନ୍ତ ଏକ ଐତିହାସିକ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରା ଭାରତୀୟ ନାବିକମାନଙ୍କ ଦ୍ୱାରା ନିଆଯାଇଥିବା ଶହ ଶହ ବର୍ଷର ପୁରୁଣା ସମୁଦ୍ର ପଥକୁ ପୁନର୍ବାର ଅନୁସରଣ କରି, ଭାରତ ଏବଂ ଓମାନ ମଧ୍ୟରେ ଐତିହାସିକ ସାମୁଦ୍ରିକ ସଂଯୋଗକୁ ପ୍ରତିଷ୍ଠା କରିବ। ଓମାନରୁ ଫେରିବା ପରେ ଦ୍ୱିତୀୟ ଯୋଜନା ଓଡ଼ିଶାକୁ ନେଇ ରହିଛି। ପ୍ରାଚୀନ କଳିଙ୍ଗରେ ସାଧବପୁଅମାନେ କେମିତି କରୁଥିଲେ ନୌବାଣିଜ୍ୟ, ବିଶାଳ ସମୁଦ୍ର ପଥରେ କେମିତି ବୋଇତରେ ସାତଦରିଆ ପାର୍ ହେଉଥିଲେ, କୌଣସି ପ୍ରକାର ଯନ୍ତ୍ରଚାଳିତ ବ୍ୟବସ୍ଥାର ସାହାରା ନନେଇ ଓଡ଼ିଶା ମାଟିରୁ ସାଧବ ପୁଅମାନେ ବାଣିଜ୍ୟ କରିବାକୁ କିଭଳି ଯାଉଥିଲେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶକୁ ତାହା ଏବେ ଏହି 'ଆଇଏନ୍ଏସ୍ କୌଣ୍ଡିନ୍ୟ' ଦ୍ୱାରା ସତ ହେବାକୁ ଯାଉଛି।

ଭୁବନେଶ୍ୱରରେ ପ୍ରମୁଖ ଶାସନ ସଚିବଙ୍କ ରାତ୍ରିକାଳୀନ ପରିଦର୍ଶନ

## ସ୍ୱଚ୍ଛତା କାର୍ଯ୍ୟର ସମୀକ୍ଷା କଲେ

**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଗତକାଲି ରାତିରେ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଚାଲୁଥିବା ସ୍ୱଚ୍ଛତା କାର୍ଯ୍ୟର କ୍ଷେତ୍ର ପରିଦର୍ଶନ ସହିତ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହ ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା, ସାନିଟେସନ ଉପ କମିଶନର ଏନ୍ ଗଣେଶ ବାବୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ରାତ୍ରିକାଳୀନ ପରିଦର୍ଶନ ସମୟରେ ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ବାଣିଜ୍ୟିକ ଓ ଯାନ୍ତ୍ରିକ ସ୍ୱିପିଂ କାର୍ଯ୍ୟର ସମ୍ପୂର୍ଣ୍ଣ ଅବଲୋକନ କରି ସ୍ୱଚ୍ଛତା ବ୍ୟବସ୍ଥାର ପ୍ରଭାବଶୀଳତା, କାର୍ଯ୍ୟ ପ୍ରଣାଳୀ ଓ କ୍ଷେତ୍ର ଆବରଣକୁ ମୂଲ୍ୟାଙ୍କନ କରିଥିଲେ। ସେ କାର୍ଯ୍ୟରତ ସ୍ୱଚ୍ଛତା କର୍ମଚାରୀଙ୍କ ସହ ଆଲୋଚନା କରି ତାଙ୍କ ନିଷ୍ଠା ଓ ପରିଶ୍ରମ ପ୍ରତି ସ୍ୱୀକୃତି ଜଣାଇଥିଲେ। ଶ୍ରୀମତୀ ପାଢ଼ୀ ରାତିହେଉ କି ଦିନ ସହରକୁ ସ୍ୱଚ୍ଛ, ସୁଚିତ୍ର ଓ ସୁସ୍ଥ ରଖିବା ପାଇଁ ଅବିରତ ଭାବେ କାର୍ଯ୍ୟରତ ସ୍ୱଚ୍ଛତା କର୍ମଚାରୀ ଓ ବିଏମ୍‌ସି କର୍ମକର୍ତ୍ତାଙ୍କ ପ୍ରଶଂସା କରିଥିଲେ। ସେ ଯାନ୍ତ୍ରିକ ସ୍ୱଚ୍ଛତା ପ୍ରଣାଳୀର କାର୍ଯ୍ୟକାରିତାକୁ ଉଲ୍ଲେଖ କରି ସହରର ସ୍ୱଚ୍ଛତା ମାନକୁ ଆହୁରି ସୁଦୃଢ଼ କରିବା ପାଇଁ ନିୟମିତ ଓ ସୁସଂଗଠିତ ସଫାଇ କାର୍ଯ୍ୟ ଅତ୍ୟାବଶ୍ୟକ ବୋଲି କହିଥିଲେ। ଏହି ପରିଦର୍ଶନ ରାଜ୍ୟ ସରକାରଙ୍କ ସହରୀ ସ୍ୱଚ୍ଛତା ବ୍ୟବସ୍ଥା ସୁଦୃଢ଼ିକରଣ, ସେବା ଗୁଣମାନ ବୃଦ୍ଧି ଓ ନାଗରିକମାନଙ୍କ ପାଇଁ ସ୍ୱଚ୍ଛ, ସୁସ୍ଥ ଓ ବାସଯୋଗ୍ୟ ପରିବେଶ ସୁନିଶ୍ଚିତ କରିବା ପ୍ରତି ସରକାରଙ୍କ ଦୃଢ଼ ସଙ୍କଳ୍ପକୁ ପୁନରୁଚ୍ଚାରଣ କରେ।

● ଧୋକା ଦେଲା ଗୁଗୁଲ ମ୍ୟାପ

## ଘର ଉପରେ ମାଡ଼ିଗଲା ଟ୍ରକ୍

**ଭଦ୍ରକ, ୧ ।୧(ସଂଚାର ବ୍ୟୁରୋ):** ଧୋକା ଦେଲା ଗୁଗୁଲ ମ୍ୟାପ। ଘର ଉପରେ ମାଡିଗଲା ଟ୍ରକ୍। ଦୁର୍ଘଟଣାରେ ଭାଙ୍ଗିଯାଇଛି ଘର। ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ। ଆଜି ଭୋର୍ ସମୟରେ କଟକରୁ ଏକ ଟ୍ରକ ଧାମରା ବନ୍ଦର ଅଭିମୁଖେ ଯାଉଥିବା ସମୟରେ ଘଟିଥିଲା ଏହି ଦୁର୍ଘଟଣା। ନୂଆ କରି ଧାମରାକୁ ଗାଡି ନେଇ ଯାଉଥିବା ଡ୍ରାଇଭରକୁ ରାସ୍ତା ଜଣା ନଥିବାରୁ ସେ ଗୁଗଲ ମ୍ୟାପ ଦେଖି ଗାଡି ଚଳାଉଥିଲେ । ଏହି ସମୟରେ ଅସାବଧାନତାବଶତଃ ଘଟିଥିଲା ଦୁର୍ଘଟଣା।

ଭଦ୍ରକ- ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟସ୍ଥ ପାତ୍ରସାହି ରାସ୍ତାରେ ଗାଡି ଚଳାଇ ଗାଁ ଭିତରେ ଟ୍ରକକୁ ପୂରାଇ ଦେଇଥିଲେ। ଅଣଓସରିଆ ଗାଁ ଭିତରେ ବଡ ଟ୍ରକଟି ଆଉ ବୁଲି ନ ପାରି ରମେଶ ଦାସଙ୍କ ଘର ଉପରେ ମାଡି ଯାଇଥିଲା। ଏହା ଦେଖି ଗାଁ ଲୋକେ ବାଂଶଡା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଂଶଡା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଗାଡିକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡିଛି।

### ସ୍କୁଟି-ବାଇକ୍ ଧକ୍କା: ୨ ମୃତ

**ଗଞ୍ଜାମ,୧ ।୧(ସଂଚାର ବ୍ୟୁରୋ):** କବିସୂର୍ଯ୍ୟ ନଗର ବଢ଼ାମ୍ବ ଛକରେ ଗତ ରାତିରେ ସ୍କୁଟି ଓ ବାଇକ ମୁହାଁମୁହିଁ ଧକ୍କାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ହେଲେ କୋଦଳାସହର କୁମୁଟି ସାହିର ରୁଦ୍ରନାରାୟଣ ଦାଶ ଓ ରସ୍ମିରଞ୍ଜନ ପାଢ଼ୀ। ଆହତ ହୋଇଥିବା ତିନି ଜଣକୁ ଗୁରୁତର ଅବସ୍ଥାରେ କବିସୂର୍ଯ୍ୟ ନଗର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ସ୍କୁଟି ଜବତ କରିଛି। ମୃତକ ଦୁଇ ଜଣ ଯୁବକଙ୍କ ଶବ ଜବତ କରି ଡାକ୍ତରଖାନାରେ ଆଜି ବ୍ୟବଛେଦ ପରେ ପରିବାରର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଛି ।

● ନୂଆବର୍ଷ ବଣଭୋଜିରେ ରକ୍ତାକ୍ତ ସଂଘର୍ଷ

## ଯୁବକଙ୍କୁ ଭୁସିଦେଲେ ବିଅର ବୋତଲ

● ଥାନାରେ ୨ ଅଟକ
● ପୁଲିସର ଛାନଭିନ୍ ଜାରି

**କୋଣାର୍କ,୧।୧(ସଂଚାର ବ୍ୟୁରୋ) :** ପ୍ରଥମେ ବଚସା ପରେ ରକ୍ତପାତ। ବେକରେ ପଶିଲା ବିଅର ବୋତଲ। ଯୁକ୍ତିତର୍କ ପରେ ପିକିନିକରେ ଯୁବକକୁ ମଦ ବୋତଲ ଭୁସିଦେଲେ। ଏଭଳି ଅଘଟଣ ଘଟିଛି ପୁରୀ ଜିଲ୍ଲା କାକଟପୁର ଥାନା ନିକଟସ୍ଥ ରାମେଶ୍ୱରରେ ଜଙ୍ଗଲରେ। ପିକିନିକରେ ବାଣଭୋଜି କରୁଥିବା ବେଳେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ଗାଡି ଚାଳକକୁ ମଦ ବୋତଲ ଭୁସିଦେଲେ ଯୁବକ। ଗୁରୁତର ଯୁବକ ଜଣକ ସୋରଭା ପଞ୍ଚାୟତ ମୁରୁଡା ଗାଁର ପିଣ୍ଟୁ ନାୟକ। ବେକରେ ମଦ ବୋତଲ ପଶିଯିବାରୁ ଶକ୍ତ ଆଘାତ ଲଗିଥିବାରୁ ଯୁବକଙ୍କୁ ପ୍ରଥମେ ଚାରିଛକ ମେଡିକାଲ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରେ କାକଟପୁର ପୁଲିସ ଦୁଇ ଜଣଙ୍କୁ ଥାନାରେ ଅଟକରଖି ପଚରା ଉଚରା କରୁଛି। ଭୋଜି ବେଳେ ମଦ ପିଇ ଯୁବକମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉତ୍ୟକ୍ତ ହୋଇ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ଏବଂ ବିଅର ବୋତଲରେ ଆକ୍ରମଣ ହୋଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିବଛି। ଘଟଣାସ୍ଥଳରେ ପହଞ୍ଚି କାକଟପୁର ପୁଲିସ ତଦନ୍ତ ଚଳାଇଛି।

### ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ପିଟି ପିଟି ହତ୍ୟା

**ଦିଗପହଣ୍ଡି, ୧।୧ (ସଂଚାର ବ୍ୟୁରୋ) :** ନୂଆବର୍ଷରେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମରେ ଜଣେ ବୃଦ୍ଧ ସନିଆ ଗୌଡ଼(୮୫)ଙ୍କୁ ଗୁରୁବାର ସକାଳ ପ୍ରାୟ ସାଢ଼େ ୯ ଟାରେ ବିଭତ୍ସ ଭାବେ ହତ୍ୟା କରାଯାଇଛି। ଖବରପାଇ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ,ଏଏସ୍ଆଇ ସି. ତାରକେଶ୍ୱର ରାଓ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରିବା ସହ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସିନ୍ଧବା ଗ୍ରାମର ଶିବ ଗୌଡ଼ ଏବଂ ଚିକୁନ ଗୌଡ଼ ନାମକ ୨ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ମାରାଥନ ଜେରା କରୁଥିବା ଜଣାପଡିଛି। ସନ୍ୟାସୀଙ୍କ ପୁଅ ବିଚିତ୍ର ଗୌଡ଼ଙ୍କ ଏତଲାକୁ ଭିତ୍ତିକରି ଥାନା ମାମଲା ନଂ.୧/୨୬ ଅନୁଯାୟୀ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି।

## ଚଳିତବର୍ଷ ଅସ୍ୱାଭାବିକ ରହିବ ପାଣିପାଗ

**ଭୁବନେଶ୍ୱର,୧।୧ :** ଜଳବାୟୁ ପରିବର୍ତ୍ତନ ସହ ବଦଳୁଛି ପାଣିପାଗର ମିଜାଜ। ୨୦୨୬ରେ ବି ଜଳବାୟୁରେ ଦେଖିବାକୁ ମିଳିବ ବ୍ୟତିକ୍ରମ। ଯାହା ଫଳରେ ଲମ୍ବି ଯାଇପାରେ ଗ୍ରୀଷ୍ମ ଋତୁର ଅବଧି। ଏପରିକି ବର୍ଷା ଋତୁରେ ଅନୁଭୂତ ହୋଇପାରେ ଗ୍ରୀଷ୍ମଭଳି ତାତି। ଖାଲି ସେତିକି ନୁହେଁ, ବର୍ଷାର ପରିମାଣ ମଧ କମିବାର ଆଶଙ୍କା ରହିଛି। ବର୍ଷା ଋତୁରେ ମଧ ଅନିୟମିତ ହେବ ବର୍ଷାର ଅବଧି। କେଉଁଠି ହେବ, ଆଉ କେଉଁଠି ଶୁଖିଯିବ। ମଝିରେ ମଝିରେ ହଜିଯାଇପାରେ ମୌସୁମୀ।



୨୦୨୬ରେ ଏମିତି ପାଣିପାଗ ଜନଜୀବନକୁ ନାକେଦମ କରିପାରେ। ଦୀର୍ଘମିଆଦି ମଡେଲକୁ ନେଇ ବିଶିଷ୍ଟ ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ୨୦୨୬ ପାଇଁ ଏଭଳି ପାଣିପାଗର ପୂର୍ବାନୁମାନ କରିଛନ୍ତି। ସେ କହିଛନ୍ତି, ଏନସୋର ତିନୋଟି ସ୍ଥିତି (ଲା-ନିନା, ଏଲ୍-ନିନୋ, ନ୍ୟୁଟ୍ରାଲ) ଏବଂ ଭାରତୀୟ ମହାସାଗରର ଡାଇପୋଲ୍ (ଆଇଓଡି) ମାନଦଣ୍ଡ ପାଣିପାଗକୁ ପ୍ରଭାବିତ କରିଥାଏ। ଗତ ୫ ବର୍ଷ ହେବ ଭାରତରେ ହାରାହାରି ଭଲ ବର୍ଷା ରହୁଛି।

ଲା-ନିନା ସ୍ଥିତି ଥିବାରୁ ୨ ବର୍ଷ ହେବ ଓଡ଼ିଶାରେ ସ୍ୱାଭାବିକ କିମ୍ବା ତାଠାରୁ ଅଧିକ ବର୍ଷା ହେଉଛି। ବର୍ତ୍ତମାନ ଲା-ନିନା ସ୍ଥିତି ରହିଛି। ଜାନୁଆରୀ ପରେ ନ୍ୟୁଟ୍ରାଲ୍ ସ୍ଥିତି ଆସିବ, ଯାହାକି ପ୍ରାୟ ୩ ମାସ ରହିବ। ଜୁନ ଶେଷ ବେଳକୁ ଏଲ୍-ନିନୋ ସ୍ଥିତି ଆସିବା ସମ୍ଭାବନା ଅଛି। ଏଲ-ନିନୋ ସ୍ଥିତିରେ ତାତି ବଢ଼ିବା ସହ ବର୍ଷା ଅନିୟମିତ କିମ୍ବା କମ ହୋଇଥାଏ। ସେହିପରି ଆଇଓଡି ପଜିଟିଭ ରହିଲେ ଭଲ ବର୍ଷା ଓ ନେଗେଟିଭ ହେଲେ କମ ବର୍ଷା ହୁଏ।

୩ ମାସ ପରେ ନ୍ୟୁଟ୍ରାଲ ସ୍ଥିତି ଆସିବ। ତାପରେ ପଜିଟିଭ ହେବା ସମ୍ଭାବନା କମ୍। ଏହା ମଧ ସଙ୍କେତ ଦେଖାଉଛି, ଏ ବର୍ଷ କମ୍ ବର୍ଷା ହେବ। ମଡେଲରୁ ଅନୁମାନ କରାଯାଉଛି, ଫେବୃଆରୀ ଓ ମାର୍ଚ୍ଚରେ ତାପମାତ୍ରା ସ୍ୱାଭାବିକ ରହିବ। କିମ୍ବା ସାମାନ୍ୟ ଅଧିକ ରହିପାରେ। ଏପ୍ରିଲରୁ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିପାରେ। ହେଲେ ଜୁନ ଶେଷ ବେଳକୁ ଏଲ-ନିନୋ ସ୍ଥିତି ଯୋଗୁ ଗରମ ଅବଧି ଲମ୍ବିବା ଆଶଙ୍କା ରହିଛି। ଗ୍ରୀଷ୍ମ ଅବଧି ବଢ଼ିଲେ ଜୁନ, ଜୁଲାଇ ଓ ଅଗଷ୍ଟରେ ବି ଅସ୍ୱାଭାବିକ ଗରମ ଅସ୍ତବ୍ୟସ୍ତ କରିପାରେ।

ଚିନ୍ତାର ବିଷୟ ହେଲା, ଏଲ-ନିନୋ ପ୍ରଭାବରେ ମୌସୁମୀ ପାଇଁ ପାଗ ପ୍ରତିକୂଳ ରହିବ। ଏହା ପ୍ରଭାବରେ ବର୍ଷା ବାଧାପ୍ରାପ୍ତ ହେବ। ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷା କମିଲେ ଚାଷ ଗୁରୁତର ଭାବେ ପ୍ରଭାବିତ ହେବ। ଏହି ସମୟରେ ଧାନ ରୁଆ କାମ ଆଗକୁ ବଢ଼ିଥାଏ। ବିଲ ଶୁଖିଲେ ପଡ଼ିଲେ ମରୁଡ଼ି ଆଶଙ୍କା ଦେଖା ଦେଇପାରେ। ୨୦୨୩ରେ ଏଲ୍-ନିନୋ ପ୍ରଭାବରେ ରାଜ୍ୟରେ ଭୟାନକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ୨୦୨୫ରେ ଗ୍ରୀଷ୍ମ ଅବଧି ସେତେ ଯନ୍ତ୍ରଣାଦାୟକ ନଥିଲା। ବର୍ଷା ମଧ ଭଲ ହୋଇଥିଲା। ଏପରିକି ଲା-ନିନା ସ୍ଥିତି ଯୋଗୁ ଏଥର ଶୀତ ମଧ ଲମ୍ବା ରହିଛି।

ବଡ଼ଦିନରୁ ଜିରୋ ନାଇଟ୍ ଝୁମିଲେ ରାଜଧାନୀବାସୀ

## ପିଇଗଲେ ୩୨ କୋଟିର ମଦ

**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ନୂଆବର୍ଷରେ ମାତାଲ ହେଲେ ରାଜଧାନୀବାସୀ। ମଦ ପିଇ ଉଡ଼ାଇଦେଲେ କୋଟି କୋଟି ଟଙ୍କା। ନିଶାପାଣିରେ ୩୨ କୋଟି ଉଡ଼ାଇ ଦେଲେ ଭୁବନେଶ୍ୱରିଆ। ୭ ଦିନରେ ୩୨ କୋଟି ଟଙ୍କାର ମଦ ପିଇ ଦେଇଛନ୍ତି ରାଜଧାନୀ ବାସିନ୍ଦା। ତେବେ ବଡ଼ଦିନରୁ ଜିରୋ ନାଇଟ ଭିତରେ ମଦରେ ଉଡିଯାଇଛି କୋଟି କୋଟି ଟଙ୍କା।



ଡିସେମ୍ବର ୨୫ରୁ ୩୧ ତାରିଖ ଭିତରେ ୩୨ କୋଟି ଟଙ୍କା ମଦ ପିଇ ଉଡାଇ ଦେଇଛନ୍ତି ଲୋକେ। ତେବେ ୩୨ କୋଟିରୁ ୩ କୋଟି ୫୬ ଲକ୍ଷ ୧୧ ହଜାର ଟଙ୍କାର ବିୟର ପିଇଛନ୍ତି ରାଜଧାନୀବାସୀ। ୨୮ କୋଟି ୪ ଲକ୍ଷ ୮୧ ହଜାର ଟଙ୍କାର ବିଦେଶୀ ମଦ ପିଇଛନ୍ତି। ୯୪ ଲକ୍ଷ ୨୦ ହଜାର ଟଙ୍କାର ଦେଶୀ ମଦ ପିଇଛନ୍ତି ଭୁବନେଶ୍ୱର ଲୋକେ। ଅଢେଇ ଲକ୍ଷ ଲିଟର ବିଦେଶୀ ମଦ, ଦେଢ଼ଲକ୍ଷ ଲିଟର ଦେଶୀ ମଦ ଏବଂ ୧ ଲକ୍ଷ ୭୮ ହଜାର ଲିଟର ବିୟର ପିଇଛନ୍ତି ରାଜଧାନୀବାସୀ।

## ଏକ ହଜାରରୁ ଉର୍ଦ୍ଧ୍ୱ କଳାକାର ଭତ୍ତା ପାଇବାରୁ ବଞ୍ଚିତ

**ନବରଙ୍ଗପୁର,୧।୧ (ସଂଚାର ବ୍ୟୁରୋ):** ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବେ ହଜିବାକୁ ବସିଛି। ଅଳ୍ପ କିଛି କଳାକାର ଏହାକୁ ବଞ୍ଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ହେଲେ ତାକୁ ପ୍ରଶାସନ ତରଫରୁ ସେଭଳି ପ୍ରୋତ୍ସାହନ କିମ୍ବା ଉତ୍ସାହିତ କରାଯାଉନି। ବହୁ ବର୍ଷିୟାନ କଳାକାରଙ୍କୁ ଭତ୍ତା, ବୀମାରେ ସାମିଲ କରାଯାଉନି। ନବରଂଗପୁର ଜିଲ୍ଲାର ଏକହଜାରରୁ ଉର୍ଦ୍ଧ୍ୱ କଳାକାର ଭତ୍ତା ପାଇବାରୁ ବଂଚିତ ବୋଲି କହିଛନ୍ତି ସଂଗୀତଜ୍ଞ ବାଲାଜୀ କିଶୋର ରାୟ, ପାପାଡାହାଣ୍ଡି ବ୍ଲକର ଡୁମ୍ବ୍ରୀ ପଂଚାୟତର ରାଜାମାଟୁ ଗାଁର ୯୦ବର୍ଷିୟ ଗୀତ କୁଡ଼ିଆ ମୁକୁନ୍ଦ ଗୌଡ଼ ଓ ନନ୍ଦାହାଣ୍ଡି ବ୍ଲକର ଏକମ୍ବା ଗାଁର ଏକମ୍ବା କିଙ୍ଗ ବାରମ୍ବାର ଆବେଦନ କରିବା ସହ ବ୍ଲକ, ପଂଚାୟତ, ବିଧାୟକ, ଜିଲ୍ଲାପାଳ ଆଦିଙ୍କ ନିକଟକୁ ଯାଇ ଥକି ପଡିଥିବା କହିଛନ୍ତି।

## ନନ୍ଦନକାନନକୁ ରେକର୍ଡ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ

**ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ):** ୨୦୨୫ ମସିହାରେ ଭୁବନେଶ୍ୱରରେ ଅବସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ସର୍ବାଧିକ ପର୍ଯ୍ୟଟକମାନଙ୍କ ଆଗମନ ହୋଇଥିବା ନେଇ ରେକର୍ଡ କରାଯାଇଛି। ୨୦୨୪ ମସିହାରେ ମୋଟ ୩୭,୯୯,୬୩୨ ପର୍ଯ୍ୟଟକ ନନ୍ଦନକାନନ ଭ୍ରମଣ କରିବାକୁ ଆସିଥିବା ବେଳେ ୨୦୨୫ ମସିହା ମଧ୍ୟରେ ମୋଟ ୪୦,୨୦,୫୩୯ ଜଣ ଲୋକ ଆସିଥିବା ନେଇ ଚିଡ଼ିଆଖାନା କର୍ତ୍ତୃପକ୍ଷ ଗୁରୁବାର ଦିନ କହିଛନ୍ତି। ଏଥିସହିତ ଏହି ସମସ୍ତ ଉତ୍ସରୁ ସଂଗ୍ରହ ହୋଇଥିବା ରାଜସ୍ୱ ୨୩.୨୩ କୋଟି ଟଙ୍କାରୁ ଅଧିକ ଥିଲା। ଯାହା ୨୦୨୪ ତୁଳନାରେ ପ୍ରାୟ ୧.୦୬ କୋଟି ଟଙ୍କା ଅଧିକ ଥିବା ନେଇ ମଧ



କୁହାଯାଇଛି। ମୋଟ ପର୍ଯ୍ୟଟକ ମାନଙ୍କ ମଧ୍ୟରୁ, ୩୮,୪୩,୦୨୮ ଜଣ ପର୍ଯ୍ୟଟକ ନନ୍ଦନକାନନ ପରିଦର୍ଶନ କରିଥିବା ବେଳେ ୧,୭୭,୫୧୧ ଜଣ ବୋଟାନିକଲ୍ ଗାର୍ଡେନ ପରିଦର୍ଶନ କରିଥିବା ନେଇ ସୂଚନା ମିଳିଛି। ପର୍ଯ୍ୟଟକ ଏବଂ ରୋଜଗାର ଉଭୟ ବୃଦ୍ଧି ପାଇଁ ଉନ୍ନତ ସୁବିଧା, ପ୍ରଭାବଶାଳୀ ପରିଚାଳନା ଏବଂ ଏନଜେଡପିର ସଂରକ୍ଷଣ, ଶିକ୍ଷା ଏବଂ ପରିବେଶ ପର୍ଯ୍ୟଟନ ପଦକ୍ଷେପ ପାଇଁ ଦୃଢ଼ ଜନସମର୍ଥନକୁ ଅଧିକାରୀମାନେ ଦାୟୀ କରିଛନ୍ତି। ବର୍ତ୍ତମାନ ନନ୍ଦନକାନନ ୧୬୦ ପ୍ରଜାତିର ପ୍ରାୟ ୪,୦୦୦ ପ୍ରାଣୀ ଏବଂ ପକ୍ଷୀ ରହୁଛନ୍ତି। ଯେଉଁଥିରେ ୪୮ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୭୭ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ଏବଂ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅନ୍ତର୍ଭୁକ୍ତ ରହିଛନ୍ତି। ତେବେ ୧୯୬୦ ମସିହାରେ ପ୍ରତିଷ୍ଠିତ ଏହି ଚିଡ଼ିଆଖାନା ଡିସେମ୍ବର ୨୯ ତାରିଖରେ ଏହାର ୬୬ତମ ପ୍ରତିଷ୍ଠା ଦିବସ ପାଳନ କରିଥିଲା।

## ରାଜଧାନୀରେ ୩୭୦ ପାର୍ କଲା ପ୍ରଦୂଷଣ ମାତ୍ରା

**ଭୁବନେଶ୍ୱର,୧।୧ (ସଂଚାର ବ୍ୟୁରୋ):** ରାଜଧାନୀ ବାୟୁରେ ବିଷ। କମିଛି ଭୁବନେଶ୍ୱର ବାୟୁର ଗୁଣବତ୍ତା। ୩୭୦ ପାର କଲା ରାଜଧାନୀର ବାୟୁ ପ୍ରଦୂଷଣ ମାତ୍ରା ବା ଏକ୍ୟୁଆଇ। ଭୁବନେଶ୍ୱରର ଦିଲ୍ଲୀ ପରି ପରିସ୍ଥିତି ହେବାକୁ ଯାଉଛି। ଏବେଠୁ ସଚେତନ ନ ହେଲେ ପ୍ରଦୂଷଣରେ ଅଣନିଶ୍ୱାସୀ ହେବ ରାଜଧାନୀ ବୋଲି ପରିବେଶବିତମାନେ ଚେତାଇ ଦେଇଛନ୍ତି।



ଗୁରବାର ୩୭୦ ପାର କରିଛି ରାଜଧାନୀର ଏକ୍ୟୁଆଇ। କଳିଙ୍ଗ ହସ୍ପିଟାଲ ପାଖରେ ସର୍ବାଧିକ ୩୭୭ ପାର କରିଛି। ସଚେତନ ନହେଲେ ପ୍ରଦୂଷଣରେ ଅଣନିଶ୍ୱାସୀ ହେବ ରାଜଧାନୀ। ଶୀତ ଦିନରେ ହେଉଥିବା ପ୍ରଦ୍ୟୁଷଣ ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି। ଡିଏଭି ୟୁନିଟ ୮ରେ ଏକ୍ୟୁଆଇ ସ୍ତର ୩୫୭ ଥିବା ବେଳେ ମଞ୍ଚେଶ୍ୱରରେ ୩୨୯ ରହିଛି। ସେମିତି ମାଷ୍ଟର କ୍ୟାଣ୍ଟିନରେ ୩୫୧, ରମାଦେବୀ କଲେଜ ପାଖରେ ୩୭୦, ଇନ୍ଫୋସିଟିରେ ୩୪୬, କିଟ୍ ୩୫୪, ଲିଙ୍ଗରାଜ ମନ୍ଦିର ପାଖରେ ୩୪୮, କଳିଙ୍ଗ ହସ୍ପିଟାଲ ପାଖରେ ସର୍ବାଧିକ ୩୭୭ ରହିଛି। ରାଜଧାନୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଯୋଜନା ହୋଇନି। ଏପଟେ ଲୋକ ସଚେତନ ହେଉନାହାନ୍ତି। ବହୁ ସଂଖ୍ୟାରେ ଯାନବାହାନ ଚଳାଚଳ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଘରୋଇ ପ୍ରତିଷ୍ଠାନ, ଦ୍ରୁତ ସହରୀକରଣ ଏବଂ ବେଲଗାମ ଚାଲିଥିବା ନିର୍ମାଣ କାମ ଦ୍ୱାରା ବଢୁଛି ପ୍ରଦୂଷଣ। ତେଣୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏକ ଦୀର୍ଘ ସ୍ଥାୟୀ ଯୋଜନାର ଆବଶ୍ୟକତା ରହିଛି। ସଚେତନ ନହେଲେ ପ୍ରଦୂଷଣରେ ଅଣନିଶ୍ୱାସୀ ହେବ ରାଜଧାନୀ। ଆଗକୁ ଭୁବନେଶ୍ୱର ସ୍ଥିତି ଦିଲ୍ଲୀ ପରି ହୋଇଯିବ ବୋଲି ଆକଳନ କରିଛନ୍ତି ପରିବେଶବିତ୍।

ସେପଟେ ଦିଲ୍ଲୀରେ ଦିନକୁ ଦିନ ବିଗିଡ଼ିବାରେ ଲାଗୁଛି ସ୍ଥିତି। ଦିଲ୍ଲୀ-ଏନସିଆରରେ ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଗୁରୁବାରଠାରୁ ଦିଲ୍ଲୀର ସମସ୍ତ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନରେ ୫୦ ପ୍ରତିଶତ କର୍ମଚାରୀ ଘରୁ କାମ କରିବା ବାଧତାମୂଳକ କରାଯାଇଛି। ପ୍ରଦୂଷଣ ସ୍ତର ଏବଂ ରାସ୍ତାରେ ଯାନବାହାନ ସଂଖ୍ୟା ହ୍ରାସ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥାଗୁଡ଼ିକୁ ଭାରୀ ଜରିମାନା ଦେବାକୁ ପଡିବ। ପ୍ରଦୂଷଣ ନିୟମ ଅନୁଯାୟୀ ଲାଗୁ ହୋଇଥିବା ନିର୍ମାଣ ନିଷେଧ ଦ୍ୱାରା ପ୍ରଭାବିତ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ଦିଲ୍ଲୀ ସରକାର ୧୦ ହଜାର ଟଙ୍କ କ୍ଷତିପୂରଣ ପ୍ରଦାନ କରିବେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ





## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୩,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୩,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୩,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୨୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୩,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୧୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୪,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୦୬୦ ଓ ୧,୨୩,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୮,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଡିଜିଟାଲ ପେମେଣ୍ଟର ଲୋକପ୍ରିୟତା, ବର୍ଷକରେ ୨ହଜାର ଏଟିଏମ୍ ବନ୍ଦ


ନୂଆଦିଲ୍ଲୀ, ୩୧।୧୨: ଡିଜିଟାଲ ପେମେଣ୍ଟର ବର୍ଦ୍ଧିତ ଲୋକପ୍ରିୟତା ଯୋଗୁଁ ଏବେ ଏଟିଏମ୍ ବ୍ୟବହାର ବଡ଼ ଆକାରରେ କମିଯାଇଛି। ଫଳରେ ଅଟୋମେଟେଡ୍ ଟେଲର ମେଶନ୍ ସଂଖ୍ୟା ସଂକୁଚିତ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର 'ଟ୍ରେଣ୍ଡ୍ ଆଣ୍ଡ୍ ପ୍ରୋଗ୍ରେସ ଅଫ୍ ବ୍ୟାଙ୍କିଙ୍ଗ୍ ଇନ୍ ଇଣ୍ଡିଆ' ରିପୋର୍ଟ ମୁତାବକ ୨୦୨୪-୨୫ରେ ଦେଶରେ ମୋଟ ଏଟିଏମ୍ ସଂଖ୍ୟା ୨,୩୬୦ ୟୁନିଟ୍ ହ୍ରାସ ପାଇଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଦେଶରେ ମୋଟ ଏଟିଏମ୍ ସଂଖ୍ୟା ୨,୫୧,୦୫୭ ରହିଛି, ଯାହାକି ୨୦୨୪ ମାର୍ଚ୍ଚରେ ୨,୫୩,୪୧୭ ଥିଲା। ଆର୍‌ବିଆଇ ମୁତାବକ, ଗ୍ରାହକ ଦୈନିକ ଟ୍ରାଞ୍ଜାକ୍ସନ ପାଇଁ ନଗଦ ଉଠାଣ ପରିବର୍ତ୍ତେ ଡିଜିଟାଲ ଚ୍ୟାନେଲଗୁଡ଼ିକର ଅଧିକ ବ୍ୟବହାର କରୁଛନ୍ତି, ଯାହାଦ୍ୱାରା ଏଟିଏମ୍‌ର ଆବଶ୍ୟକତା ହ୍ରାସ ପାଇଛି। ଏଟିଏମ୍ ବନ୍ଦ କରିବାରେ ଘରୋଇ ବ୍ୟାଙ୍କଗୁଡ଼ିକ ସବୁଠୁ ଆଗରେ ଅଛନ୍ତି। ଏମାନଙ୍କ ଏଟିଏମ୍ ସଂଖ୍ୟା ୭୯,୮୮୪ରୁ କମି ୭୭,୧୧୭ ହୋଇଛି, ଯାହା ସବୁଠାରୁ ଦ୍ରୁତ ହ୍ରାସ। ସେହିଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ନେଟ୍ ୱର୍କ ଏବେ ବି ସବୁଠୁ ବଡ଼ ରହିଛି। ତଥାପି ଏଟିଏମ୍ ସଂଖ୍ୟା ଏମାନଙ୍କର ବି ହ୍ରାସ ପାଇଛି। ଏହା ୧,୩୪,୬୯୪ରୁ ହ୍ରାସ ପାଇ ୧,୩୩,୫୪୪ ହୋଇଛି। ଆର୍‌ବିଆଇ ଅନୁସାରେ, ରାଷ୍ଟ୍ରାୟତ୍ତ ଏବଂ ଘରୋଇ ଉଭୟ ବ୍ୟାଙ୍କ ସହରରେ ଥିବା ନିଜର ଅଫ୍-ସାଇଟ୍ ଏଟିଏମ୍(ଯାହାକି ବ୍ୟାଙ୍କ ଶାଖାଠାରୁ ଦୂରରେ ଥାଏ)ଗୁଡ଼ିକୁ ବନ୍ଦ କରିଦେଇଛନ୍ତି। ଯେଉଁଠି ବ୍ୟାଙ୍କ-ଓନ୍ଡ ଏଟିଏମ୍ ସଂଖ୍ୟା କମ୍ ହୋଇଛି, ସ୍ୱତନ୍ତ୍ର ରୂପେ ସଞ୍ଚାଳିତ ହେଉଥିବା ହ୍ୱାଇଟ୍-ଲେବଲ୍ ଏଟିଏମ୍ ସଂଖ୍ୟାରେ ବୃଦ୍ଧି ଘଟିଛି। ଏହା ୩୪,୬୦୨ରୁ ବଢ଼ି ୩୬,୨୧୬ ହୋଇଛି। ଏଟିଏମ୍ କମ୍ ହେବା ସତ୍ତ୍ୱେ ବ୍ୟାଙ୍କଗୁଡ଼ିକର ମୋଟ ଶାଖା ବୃଦ୍ଧି ପାଇଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଦେଶରେ ମୋଟ ଶାଖା ସଂଖ୍ୟା ୧.୬୪ ଲକ୍ଷ ହୋଇଛି, ଯାହା ଗତବର୍ଷ ତୁଳନାରେ ୨.୮% ଅଧିକ। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏ କ୍ଷେତ୍ରରେ ଆଗରେ ଅଛନ୍ତି। ନୂଆ ଶାଖା ଖୋଲିବାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅଂଶ ବଢ଼ିଛି। ଅନ୍ୟପକ୍ଷରେ, ଘରୋଇ ବ୍ୟାଙ୍କଗୁଡ଼ିକର ଅଂଶ ପୂର୍ବ ବର୍ଷର ୬୭.୩%ରୁ କମି ୫୧.୮% ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ନିଜର ଦୁଇ ତୃତୀୟାଂଶରୁ ଅଧିକ ଶାଖା ଗ୍ରାମୀଣ ଏବଂ ସହରାଞ୍ଚଳ କ୍ଷେତ୍ରରେ ଖୋଲିଛନ୍ତି। ଏହାର ବିପରୀତ ଘରୋଇ ବ୍ୟାଙ୍କଗୁଡ଼ିକ ନିଜର ମାତ୍ର ୩୭.୫% ଶାଖା ହିଁ ଗ୍ରାମୀଣ ଏବଂ ଅର୍ଦ୍ଧ ସହରାଞ୍ଚଳ କ୍ଷେତ୍ରରେ ଖୋଲିଛନ୍ତି। ସେମାନେ ଏବେ ବି ମହାନଗର ଏବଂ ସହରାଞ୍ଚଳ ଉପରେ ଅଧିକ ଧ୍ୟାନ ଦେଉଛନ୍ତି।






## 'ହାପି ନ୍ୟୁ ଇୟର' ମେସେଜ୍ ପାଇଁ ହ୍ୟାକ୍ ହେଉଛି ଫୋନ୍

ନୂଆଦିଲ୍ଲୀ, ୧।୧: ନୂଆବର୍ଷରେ ଲୋକେ ପରସ୍ପରକୁ ନବବର୍ଷର ଶୁଭେଚ୍ଛା ଜଣାଉଥିବା ବେଳେ ଏବେ ନୂଆବର୍ଷକୁ ନେଇ ଏକ ନୂଆ ଠକେଇ କାରବାର ସାମନାକୁ ଆସିଛି। ହାଇଦ୍ରାବାଦ ସାଇବର କ୍ରାଇମ୍ ୟୁନିଟ୍ ଏନେଇ ସତର୍କତା ଜାରି କରିଛି। ହ୍ୱାଟ୍ସଆପ୍ ୟୁଜର୍ସମାନଙ୍କୁ ଏକ ନୂତନ ପ୍ରକାର ହ୍ୱାଟ୍ସଆପ୍ ଠକେଇ ବିଷୟରେ ସତର୍କ କରିଛି, ଯାହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ହାଇଦ୍ରାବାଦ ସାଇବର କ୍ରାଇମ୍ ୟୁନିଟ୍ କହିଛି ଯେ, ହ୍ୱାଟ୍ସଆପ୍‌ରେ ନକଲି 'ହାପି ନ୍ୟୁ ଇୟର' ଶୁଭେଚ୍ଛା, ଉପହାର ଅଫର୍, ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଡିଲ୍, ଯାତ୍ରା ରିହାତି ଏବଂ ଇଭେଣ୍ଟ ଟିକେଟ୍ ଭଳି ସ୍କାମ୍ ବ୍ୟାପକ ଭାବେ ପ୍ରସାରିତ ହେଉଛି। ଏହି ନକଲି ଲିଙ୍କଗୁଡ଼ିକ ଉପରେ କ୍ଲିକ୍ କରିବା ଦ୍ୱାରା ଆପଣ ସାଇବର ଠକେଇର ଶିକାର ହୋଇପାରନ୍ତି।




ଏପରି ସନ୍ଦେହଜନକ ଲିଙ୍କ ଉପରେ କ୍ଲିକ୍ କରିବା ଦ୍ୱାରା ଆପଣଙ୍କ ମୋବାଇଲ ଫୋନ୍ ରେ କ୍ଷତିକାରକ ଆପ୍ଲିକେସନ୍ ସଂସ୍ଥାପନ ହୋଇପାରେ। ଏହା ଓଟିପି ଏବଂ ବ୍ୟାଙ୍କିଂ ବିବରଣୀ ଚୋରି, ହ୍ୱାଟ୍ସଆପ୍ ଆକାଉଣ୍ଟର ଅବବ୍ୟବହାର ଏବଂ ଅନ୍ୟାନ୍ୟ ଗୁରୁତର ସାଇବର ବିପଦ ସୃଷ୍ଟି କରିପାରେ। ଏଥିପାଇଁ ସତର୍କ ରୁହନ୍ତୁ। ସନ୍ଦିଗ୍ଧ କିମ୍ବା ଅଜଣା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ନାହିଁ। ସାଇବର ଠକେଇ କ୍ଷେତ୍ରରେ ତୁରନ୍ତ ୧୯୩୦କୁ କଲ୍ କରନ୍ତୁ ନଚେତ୍ http://cybercrime.gov.inରେ ରିପୋର୍ଟ କରନ୍ତୁ। ଅଜଣା କିମ୍ବା ଅନାବଶ୍ୟକ ଲିଙ୍ଗଗୁଡ଼ିକ ଉପରେ କ୍ଲିକ୍ କରନ୍ତୁ ନାହିଁ। ଯେ କୌଣସି ଫରୱାର୍ଡ ହୋଇଥିବା ମେସେଜ ସହିତ ଜଡ଼ିତ ହେବା ପୂର୍ବରୁ ସର୍ବଦା ମେସେଜ୍ ପଠାଇଥିବା ଲୋକଙ୍କ ନମ୍ବର ଯାଞ୍ଚ କରନ୍ତୁ। ଆପଣଙ୍କ ହ୍ୱାଟ୍ସଆପ୍‌କୁ ଅପଡେଟ୍ ରଖନ୍ତୁ ଏବଂ ନିୟମିତ ଭାବେ ଫୋନର ସୁରକ୍ଷା ସେଟିଂସକୁ ଯାଞ୍ଚ କରନ୍ତୁ। ଯେ କୌଣସି ସନ୍ଦିଗ୍ଧ ମେସେଜ ଆସିଲେ ସାଇବର ଅପରାଧ ହେଲ୍ପଲାଇନ କିମ୍ବା ସରକାରଙ୍କ ସାଇବର ଅପରାଧ ପୋର୍ଟାଲ ମାଧ୍ୟମରେ ରିପୋର୍ଟ କରନ୍ତୁ।

# ଭାରତ ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା

ନୂଆଦିଲ୍ଲୀ, ୩୧।୧୨: ଭାରତ ପାଇଁ ନିର୍ଣ୍ଣାୟକ ମୁହୂର୍ତ୍ତ। ୨୦୨୫ରେ ନୋମିନାଲ ଜିଡିପି ଆଧାରରେ ଜାପାନକୁ ପଛରେ ପକାଇ ଏହା ହୋଇଛି ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା। ସରକାରଙ୍କ ବର୍ଷ ଶେଷ ଅର୍ଥନୈତିକ ସମୀକ୍ଷା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ୨୦୨୬ ପ୍ରଥମାର୍ଦ୍ଧରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(IMF) ଦ୍ୱାରା ଜାରି ହେବାକୁ ଥିବା ତଥ୍ୟରୁ ଏହା ନିଶ୍ଚିତ ହୋଇଯିବ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ, ଆଗାମୀ କିଛି ବର୍ଷରେ ଜର୍ମାନିକୁ ଟପିବ ଭାରତ। ଏଥିସହିତ ଏହା ଆମେରିକା ଓ ଚୀନ୍ ପରେ ହେବ ତୃତୀୟ ବୃହତ୍ ଅର୍ଥନୀତି। ସରକାରୀ ବିବୃତି ଅନୁସାରେ, ଭାରତର ଜିଡିପି ବର୍ତ୍ତମାନ ରହିଛି ୪.୧୮ ଟ୍ରିଲିୟନ ଡଲାର। ଏଥିସହିତ ଏହା




ଜାପାନକୁ ଟପି ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା ପାଲଟିଛି। ଆଗାମୀ ଅଢ଼େଇରୁ ୩ ବର୍ଷରେ ଅର୍ଥାତ୍ ୨୦୩୦ ସୁଦ୍ଧା ଦେଶର ଜିଡିପି ୭.୩ ଟ୍ରିଲିୟନ ଡଲାର ଛୁଇଁବ ଏବଂ ଜର୍ମାନିକୁ ପଛରେ ପକାଇ ଭାରତ ପାଲଟିବ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା।

ଗତ କିଛି ବର୍ଷ ହେବ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତିର ମାନ୍ୟତା ବଜାୟ ରଖିଛି। ଗତ ୧୦ ବର୍ଷରେ ଅର୍ଥନୀତିର ଆକାର ଦୁଇଗୁଣା ହୋଇଛି। ଏବେ ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା ହେବାକୁ ଅଗ୍ରସର ହେଉଛି ଭାରତ। ଆଇଏମ୍‌ଏଫ୍ ଆକଳନ କରିଛି ଯେ, ୨୦୨୬ରେ ଭାରତୀୟ ଅର୍ଥନୀତିର ଆକାର ହେବ ୪.୫୧ ଟ୍ରିଲିୟନ ଡଲାର, ଯାହାକି ଜାପାନର ୪.୪୬ ଟ୍ରିଲିୟନ ଡଲାରଠାରୁ ସାମାନ୍ୟ ଅଧିକ। ଅଗଷ୍ଟରେ ଆମେରିକାର ଟାରିଫ୍ ଏବଂ ରୁଷ ତେଲ କ୍ରୟ ଉପରେ କଟକଣା ମଧ୍ୟରେ ଭାରତ ସରକାର

## ସରକାରଙ୍କ ବର୍ଷ ଶେଷ ଅର୍ଥନୈତିକ ସମୀକ୍ଷା

ଦେଶର ଭବିଷ୍ୟତକୁ ନେଇ ଆଶାବାଦୀ ରହିଛନ୍ତି। ଦେଶରେ ମୁଦ୍ରାସ୍ଫୀତି ଆର୍‌ବିଆଇର ଧାର୍ଯ୍ୟ ସୀମା ମଧ୍ୟରେ ରହିଛି। ବେକାରି ହାର କମିଛି ଏବଂ ରପ୍ତାନିରେ ଦେଖାଦେଇଛି ସୁଧାର। ଏସବୁ ଅର୍ଥନୀତିରେ ଉତ୍ସାହ ଆଣିଥିବା ସରକାରଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ବ୍ୟବସାୟଗୁଡ଼ିକୁ ଆବଶ୍ୟକତା ମୁତାବକ ଋଣ ଯୋଗାଣ ସହ ଚାହିଦା ବୃଦ୍ଧି ଅର୍ଥନୀତି ପାଇଁ ସହାୟକ ହୋଇଥିବା ଏଥିରେ କୁହାଯାଇଛି। ୨୦୨୫- ୨୬ର ଦ୍ୱିତୀୟ ତ୍ରୟମାସରେ ଦେଶର ବାସ୍ତବ ଜିଡିପି ୮.୨% ବଢ଼ିଛି, ଯାହାକି ପ୍ରଥମ ତ୍ରୟମାସରେ ଥିଲା ୭.୮%। ମଜଭୁତ ଘରୋଇ ଚାହିଦା ଯୋଗୁ ଏହା ସମ୍ଭବ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚଳିତ ଆର୍ଥିକବର୍ଷ ଦେଶର ଅଭିବୃଦ୍ଧି ୭.୩% ରହିବ ବୋଲି ଆର୍‌ବିଆଇ ଆକଳନ କରିଛି। ଆୟକର ଏବଂ ଜିଏସ୍‌ଟି ସଂସ୍କାର, ଅଶୋଧିତ ତୈଳ ଦରରେ ହ୍ରାସ ଓ ସରକାରଙ୍କ ପୁଞ୍ଜି ବ୍ୟୟରେ ବୃଦ୍ଧି ଅର୍ଥନୀତିର ଗତିକୁ ଦ୍ରୁତ କରିଥିବା ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନର ସଂସ୍କାର ପଦକ୍ଷେପ ଅଭିବୃଦ୍ଧିକୁ ଦ୍ରୁତ କରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ଅଚଳ ହେବ ପାନ୍ କାର୍ଡ, ବଢ଼ିବ କାର୍ ଦାମ୍

## ଜାନୁଆରୀରୁ ଗ୍ରାହକଙ୍କୁ ଝଟ୍‌କା

ନୂଆଦିଲ୍ଲୀ ୦୧/୦୧: ନୂଆବର୍ଷର ଆରମ୍ଭରୁ ଗ୍ରାହକଙ୍କୁ ଝଟ। ଜାନୁଆରୀ ୧ରୁ ଦେଶରେ ଅନେକ ଆର୍ଥିକ ନିୟମ ପରିବର୍ତ୍ତନ ହେବ। ସାଧାରଣ ଲୋକେ ହନ୍ତସନ୍ତ ହେବେ। ଯାହା ଶୁଣିବାକୁ ମିଳିଛି ଅଚଳ ହୋଇଯିବ ପାନ୍ କାର୍ଡ। ଏମିତିକି କାର୍ ଦାମ ବି ବଢିଯିବ। ଏଲପିଜି ଠାରୁ ବ୍ୟାଙ୍କ ନିୟମ, ବେତନ, ପେନସନ୍ ଯାଏଁ ଅନେକ ବଡ ବଡ ପରିବର୍ତ୍ତନ ହେବ।

**ନୂଆବର୍ଷରୁ କାମ କରିବନି ପାନ୍ କାର୍ଡ:** ଯଦି ଏ ଯାଏଁ ଆପଣ ପ୍ୟାନ୍-ଆଧାର ଲିଙ୍କ୍ କରିନାହାନ୍ତି, ତାହେଲେ ସମସ୍ୟାରେ ପଡିବେ। ଆଧାର ସହ ପ୍ୟାନ୍ କାର୍ଡ ଲିଙ୍କ୍ କରିବାର ଡିସେମ୍ବର ୩୧ ବା ଆଜି ହେଉଛି ଶେଷ ଦିନ। କାଲିଠୁ ବା ଜାନୁଆରୀ ୧ରୁ ଆପଣଙ୍କ ପ୍ୟାନ୍ କାର୍ଡ ଆଉ କାମ ନକରିପାରେ। ଡିଆକ୍ଟିଭ ହୋଇଯାଇପାରେ। ଯାହାଦ୍ୱାରା ଆପଣ ଆଇଟିଆର ରିଫଣ୍ଡ, ରସିଦ୍ ଓ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସୁବିଧା ପାଇପାରିବେ ନାହିଁ। ଏହାସହ ପାନ୍ କାର୍ଡ ନିଷ୍କ୍ରିୟ ହେବା ଯୋଗୁଁ ଅନେକ ସରକାରୀ ସୁବିଧାର ଲାଭ ପାଇବାରୁ ବି ବଞ୍ଚିତ ହୋଇପାରନ୍ତି।

**ମହଙ୍ଗା ହେବ କାର୍:** ୨୦୨୬ରେ ନୂଆ କାର୍ କିଣିବାକୁ ପ୍ଲାନ୍ କରିଛନ୍ତି କି ? ତାହେଲେ ଆପଣଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। କାରଣ ୨୦୨୬ ଜାନୁଆରୀରୁ ଅଟୋ ମୋବାଇଲ କମ୍ପାନୀଗୁଡିକ ନିଜର କାର୍ ଦାମ୍ ବଢ଼ାଇବାକୁ ଚିନ୍ତା କରୁଛନ୍ତି। ହୋଣ୍ଡା ଗାଡିର ଦାମ୍ ୧ରୁ ୨ ପ୍ରତିଶତ ବଢ଼ିପାରେ। ମର୍ସିଡିଜ୍-ବେଞ୍ଜ ଭଳି ବ୍ରାଣ୍ଡେଡ କାର ମୂଲ୍ୟ ୨ରୁ ୩ ପ୍ରତିଶତ ବଢ଼ିପାରେ। ନିସାନ୍, ବିଏମଡବ୍ଲୁ କାର୍ ୩ ପ୍ରତିଶତ ଯାଏଁ ମହଙ୍ଗା ହୋଇପାରେ।




**ଅଷ୍ଟମ ବେତନ କମିସନ ଲାଗୁ:** ନୂଆବର୍ଷର ପ୍ରଥମ ଦିନକୁ କେନ୍ଦ୍ରୀୟ କର୍ମଚାରୀ ଓ ପେନସନଭୋଗୀମାନେ ଅତି ଉତ୍ସାହର ସହ ଅପେକ୍ଷା କରିଛନ୍ତି। କାରଣ ସରକାର ୨୦୨୬ ଜାନୁଆରୀ ୧ରୁ ଅଷ୍ଟମ ବେତନ କମିସନ ଲାଗୁ କରିପାରନ୍ତି। ଯଦିଓ ଏହାକୁ ଲାଗୁ କରିବାକୁ ଅଧିକ ସମୟ ଲାଗିପାରେ। କିନ୍ତୁ ଅଷ୍ଟମ ବେତନ କମିଶନ ଲାଗୁ ହେବା ପରେ କର୍ମଚାରୀଙ୍କ ଦରମା ଓ ପେନସନ ୨୦୨୬ ଜାନୁଆରୀ ୧ରୁ ହିସାବ କରି ଦିଆଯିବ। କହିରଖୁଛୁ କି, ସପ୍ତମ ବେତନ କମିସନର ଅବଧି ଡିସେମ୍ବର ୩୧ରେ ଶେଷ ହେଉଛି।

**ଇପିଏଫଓ ନିୟମରେ ବଡ ପରିବର୍ତ୍ତନ:** ଇପିଏଫଓ ଟଙ୍କା ଉଠାଣ ଏକ ବଡ ଜଟିଳ ପ୍ରକ୍ରିୟା। ହେଲେ ନୂଆବର୍ଷରୁ ପିଏଫ୍ ଟଙ୍କା ଉଠାଇବା ପୂର୍ବପେକ୍ଷା ଅଧିକ ସରଳ ହୋଇଯିବ। ପୂର୍ବରୁ ଥିବା ୧୩ଟି ଭିନ୍ନ ଭିନ୍ନ ସର୍ତ୍ତ ବଦଳରେ ପିଏଫ୍ ଉଠାଣ ପାଇଁ କେବଳ ୩ଟି ମୁଖ୍ୟ ବର୍ଗ ରଖାଯାଇଛି- ଯେପରିକି ଜରୁରୀ ଆବଶ୍ୟକତା, ଘର ସହ ଜଡିତ ଖର୍ଚ୍ଚ ଓ ବିଶେଷ ପରିସ୍ଥିତି। ଯାହାଦ୍ୱାରା ମେଡିକାଲ ଏମର୍ଜେନ୍ସି କିମ୍ବା ବିବାହ ସମୟରେ ତୁରନ୍ତ ପିଏଫ୍ ଟଙ୍କା ଉଠାଇବା ପାଇଁ ଅଯଥା ଝିନଝଟ୍ ରହିବନି।

**ବ୍ୟାଙ୍କିଙ୍ଗ୍ ଓ ଟ୍ୟାକ୍ସ ସହ ଜଡିତ ନିୟମ:** ୨୦୨୬ରେ ବ୍ୟାଙ୍କିଙ୍ଗ୍ ଓ ଇନକମ୍ ଟ୍ୟାକ୍ସ ସହ ଜଡିତ ଅନେକ ନିୟମ ବଦଳିପାରେ। ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣ ବା ଅଇଟିଆର ଫର୍ମରେ ଏଣିକି ଅଧିକ ବିବରଣୀ ଦେବାକୁ ପଡିପାରେ। ଏପ୍ରିଲ ୨୦୨୬ରୁ କ୍ରେଡିଟ ସ୍କୋର କେବଳ ୭ ଦିନରେ ଅପଡେଟ୍ ହୋଇଯିବ, ଯାହାକି ପୂର୍ବରୁ ୧୫ ଦିନ ଲାଗୁଥିଲା। ୨୦୨୬ ଜାନୁଆରୀରୁ ଷ୍ଟେଟ ବ୍ୟାଙ୍କ୍, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଏଚଡିଏଫସି ଭଳି ବ୍ୟାଙ୍କଗୁଡିକର ଋଣ ସୁଧହାର କମିବ। ସେହିପରି ନୂଆବର୍ଷରୁ ନୂଆ ଫିକ୍ସଡ୍ ଡିପୋଜିଟ୍ ସୁଧହାର ମଧ୍ୟ ଲାଗୁହେବ।

**ବଦଳିବ ଏଲପିଜି ସିଲିଣ୍ଡର ଦର:** ତୈଳ କମ୍ପାନୀଗୁଡିକ ପ୍ରତି ମାସରେ ଏଲପିଜି ଗ୍ୟାସ୍ ସିଲିଣ୍ଡର ଦର ପରିବର୍ତ୍ତନ କରିଥାନ୍ତି। ତେଣୁ ଜାନୁଆରୀ ୧ରୁ ଏଲପିଜି ସିଲିଣ୍ଡର ଦାମ୍‌ରେ ହ୍ରାସ କିମ୍ବା ବୃଦ୍ଧି ଘଟିପାରେ। ଯାହାର ପ୍ରଭାବ ଆପଣଙ୍କ ରୋଷେଇ ବଜେଟ୍ ଉପରେ ପଡିବ।

**ସିଏନଜି, ପିଏନଜି ଓ ଏଟିଏଫ୍ ଦାମ୍:** ନୂଆବର୍ଷରୁ ରନ୍ଧନ ଗ୍ୟାସ୍ ସହ ସିଏନଜି, ପିଏନଜି ଓ ଏୟାର ଟର୍ବାଇନ ଫ୍ୟୁଏଲ ବା ଏଟିଏଫ୍ ଦର ବି ବଦଳିପାରେ। ଏଟିଏଫ୍ ଦାମ୍ ବଦଳିବା ଅର୍ଥ ସିଧାସଖଳ ବିମାନ ଯାତ୍ରା କରୁଥିବା ଯାତ୍ରୀଙ୍କ ପକେଟ୍ ଉପରେ ପ୍ରଭାବ ପକାଇବ।

# ନୂଆବର୍ଷରେ ଶ୍ରଦ୍ଧାକ୍ଷେତ୍ର ଲୋକାରଣ୍ୟ



ବାଲିଆପାଳ,୧।୧ (ସଂଚାର ବ୍ୟୁରୋ): ବର୍ଷର ପ୍ରଥମ ଦିନକୁ ସ୍ମରଣୀୟ କଲେ ବର୍ଷତମାମ ଭଲରେ କଟିଥାଏ,ଏଥିପାଇଁ ଆଜି ମହାପ୍ରଭୁଙ୍କ ଆର୍ଶୀବାଦ ନେବାପାଇଁ ବାଲିଆପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଆଜି ପ୍ରତ୍ୟୁଷରୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ହଜାର ହଜାର ଭକ୍ତ ଲମ୍ବା ଲାଇନରେ ଶୃଙ୍ଖଳିତ ଭାବେ ମନ୍ଦିର ପରିସରରେ ପ୍ରଦୀପ ପ୍ରଜଳ୍ବନ କରି,ବାଇଶି ପାହାଚରେ ନଡିଆ ବାଡେଇ,ପୂଜାର୍ଚ୍ଚନା କରିବା ସହ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ । ସେହିପରି ଆନନ୍ଦ ବଜାରରେ ପ୍ରସାଦ ସେବନ ପାଇଁ ଆଶାତୀତ ଗହଳୀ ପରିଲକ୍ଷିତ ହୋଇଥିଲା। ମନ୍ଦିର ବେଢାରେ ଅନେକ ଉଠାଦୋକାନୀ ସେମାନଙ୍କର ପସରା ମେଲାଇଥିଲେ । ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତରହି ଶାନ୍ତିଶୃଙ୍ଖଳା ରକ୍ଷାକରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ବାଲିଆପାଳ ପୋଲିସ ପକ୍ଷରୁ ଭିଡକୁ ନିୟନ୍ତ୍ରଣ କରାଯାଇଥିଲା । ସେହିପରି ସ୍ଥାନୀୟ ଖଗଡେଶ୍ୱର ଶୈବପୀଠ,ଲଙ୍ଗଳେଶ୍ୱର ହରପାର୍ବତୀ ପୀଠରେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ସେହିପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମନୋରମ ତଗରା ବେଳାଭୂମି,ଯମୁନାଶୂଳ ବେଳାଭୂମି ରେ ହଜାର ହଜାର ଦର୍ଶକ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବା ସହ ବଣଭୋଜିର ମଜା ନେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଭିଡ ଜମାଇଥିଲେ ।

# ମହିଳାଙ୍କ ଆଶ୍ରୟସ୍ଥଳୀ ପାଲଟିଛି ଖୋଲା ଆକାଶ

## ଶୀତଦିନେ ଥଣ୍ଡା, କାକରରେ କଟୁଛି ଜୀବନ



କନ୍ଧମାଳ,୧।୧ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷ ହେଲା ଖରା ବର୍ଷା ଶୀତ ଦିନେ ଥଣ୍ଡା କାକରରେ କଟୁଛି ଜୀବନ ଜଣେ ବ୍ୟକ୍ତିଙ୍କୁ ସମାଜରେ ବଞ୍ଚି ରହିବାକୁ ହେଲେ ଖାଦ୍ୟ, ବସ୍ତ୍ର ଓ ବାସଗୃହର ନିହାତି ଆବଶ୍ୟକତା ରହିଛି। ଏଥି ମଧ୍ୟରୁ ଗୋଟିଏ ମଧ ନ ଥିଲେ ଦୁନିଆରେ ବଞ୍ଚିବା କାଠିକର ପାଠ ହୋଇଯିବ। ତେବେ ଜଣେ ମହିଳା ପୌଷ ମାସର ଭୀଷଣ ଥଣ୍ଡାରେ ଖୋଲା ଆକାଶ ତଳେ ଆଶ୍ରୟ ନେଇ ବଞ୍ଚିବାର ସଂଘର୍ଷ କରୁଛନ୍ତି।

ସାରଙ୍ଗଡ଼ ଜଣେ ବ୍ୟକ୍ତିଙ୍କୁ ସମାଜରେ ବଞ୍ଚି ରହିବାକୁ ହେଲେ ଖାଦ୍ୟ, ବସ୍ତ୍ର ଓ ବାସଗୃହର ନିହାତି ଆବଶ୍ୟକତା ରହିଛି। ଏଥି ମଧ୍ୟରୁ ଗୋଟିଏ ମଧ ନ ଥିଲେ ଦୁନିଆରେ ବଞ୍ଚିବା କାଠିକର ପାଠ ହୋଇଯିବ। ତେବେ ଜଣେ ମହିଳା ପୌଷ ମାସର ଭୀଷଣ ଥଣ୍ଡାରେ ଖୋଲା ଆକାଶ ତଳେ ଆଶ୍ରୟ ନେଇ ବଞ୍ଚିବାର ସଂଘର୍ଷ କରୁଛନ୍ତି। ଖାଦ୍ୟ ଅଭାବ ସାଙ୍ଗକୁ ବାସ ହିନ ରହିଥିବାରୁ ମହିଳାଙ୍କ ଜୀବନ ଦୁର୍ବିସହ ହୋଇ ପଡିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ଛକର ଅନ୍ୟାନ୍ୟ ବାରଣ୍ଡାରେ।

ଜଣେ ଅଜଣା ମହିଳା ବୟସ ଆନୁମାନିକ ୬୦ ଉର୍ଦ୍ଧ୍ୱ ହେବ ଦୀର୍ଘ ବର୍ଷ ହେଲା ସାରଙ୍ଗଡ଼ ମେଡିକାଲ ଛକ ପାଖରେ ଆଶ୍ରୟ ନେଇଛନ୍ତି। କେଉଁ କାରଣରୁ ଏହି ମହିଳା ଜଣକ ସାରଙ୍ଗଡ଼ର ମେଡିକାଲ ଛକରେ ଖୋଲା ଆକାଶ ତଳେ ରହିବା ପାଇଁ ନିଷ୍ପତି ନେଲେ ତାହା ଜଣା ପଡ଼ି ନ ଥିବା ବେଳେ ମାନ ଅଭିମାନ କରି ଘରୁ ବାହାରି ଆସିଥିବା ଅନୁମାନ କରାଯାଉଛି। ସାରଙ୍ଗଡ଼ ନିକଟରେ ପ୍ରତିଦିନ ଲୋକଙ୍କ ଅଇଁଠା ଖାଦ୍ୟ ଖାଇ ବଞ୍ଚନ୍ତି ସେଥିରେ ଅଇଁଠା ଖାଦ୍ୟ ମହିଳା ଖାଇ ରହି ଯାଉଛନ୍ତି। ଗୋଟିଏ ଲୁଗାରେ ଏହି ମହିଳା ଦୀର୍ଘ ବର୍ଷ ହେବ ଖୋଲା ଆକାଶ ତଳେ ଶୋଇଥିବା ଦେଖିବାକୁ ମିଳିଛି

# ୟୁଏନ ବୁକ ଅଫ ଆୱାର୍ଡ ରେକର୍ଡରେ ସ୍ଥାନ ପାଇଲେ ଡ଼ଃ ଅଜୟ ମୁଦୁଲି



ବାଲିକୁଦା, ୧।୧ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅଧିନସ୍ଥ ସାରଳା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଅଜୟ କୁମାର ମୁଦୁଲି ୟୁ ଏନ ବୁକ ଅଫ ବିଶ୍ୱ ରେକର୍ଡ ରେ ସ୍ଥାନ ପାଇବା ସହ ଓଡିଶା ଗୌରବ ସମ୍ମାନ ପାଇବାରେ ସକ୍ଷମ ହୋଇପାରିଛନ୍ତି। ଡ଼ଃ ମୁଦୁଲିଙ୍କ ଉତ୍ସର୍ଗୀକୃତ ଶିକ୍ଷାନୁଷ୍ଠାନ ଗଠନ, ସାମାଜିକ କଲ୍ୟାଣ ଓ ସଂସ୍କାରଭିମୁଖୀ ଶିକ୍ଷାଦାନ କୁ ବିଶ୍ୱ ଚାରିଟି ଫାଉଣ୍ଡେସନ ଭଞ୍ଜକଳା ମଣ୍ଡପ ବ୍ରହ୍ମପୁର (ଗଞ୍ଜାମ)ଠାରେ ସ୍ଥାନୀୟ ବ୍ରହ୍ମପୁର ମେୟର ରାଜଶ୍ରୀ ଦଳାଇଙ୍କ ଦ୍ୱାରା ଓଡିଶା ଗୌରବ ସମ୍ମାନ ରେ ମାନପତ୍ର ଏବଂ ମେଡାଲ ଦ୍ୱାରା ସମ୍ମାନୀତ କରାଯାଇଛି। ଡ଼ଃ ମୁଦୁଲି ପୂର୍ବରୁ ଭାରତ ଜ୍ୟୋତି ବେଳାଭୂମି ସେବା ସମ୍ମାନ, ଉତ୍କଳ ଶ୍ରୀ ସମ୍ମାନ, ଗୁରୁ ଶ୍ରୀ ସମ୍ମାନ, ଶ୍ରେଷ୍ଠ ବ୍ୟକ୍ତିତ୍ୱ ୨୦୨୫ ସମ୍ମାନ, ସୁବାଷ ବୋଷ ଆଇକନ ଆୱାର୍ଡ, ଶିକ୍ଷକ ନାୟକ ସମ୍ମାନ, ନ୍ୟାସନାଲ ଗ୍ଲୋବାଲ ଆୱାର୍ଡ, ଭାରତୀୟ ରତ୍ନ ଆୱାର୍ଡ, ପ୍ରାଇଡ ଅଫ ନେସନ ଆୱାର୍ଡ, ବସୁନ୍ଧରା ରକ୍ଷକ ସମ୍ମାନ, ଶ୍ରେଷ୍ଠ ସେବା ପୁରସ୍କାର, ନ୍ୟାସନାଲ ବୀର ରତ୍ନ ଆୱାର୍ଡ, ଅନ୍ତର୍ଜାତୀୟ ଶିକ୍ଷକ ସମ୍ମାନ,ମାଷ୍ଟର ଅଫ ଷ୍ଟଡିଜ, ନ୍ୟାସନାଲ ହ୍ୟୁମାନ ୱାର୍ଲଡ ରେକର୍ଡ ଗୋଲ୍ଡ଼ ମେଡାଲ ୨୦୨୫ ଆୱାର୍ଡ, ଡ଼ଃ ବି ଆର ଆମ୍ବେଦକର ଲିଗାସୀ ଆୱାର୍ଡ ୨୦୨୫, ବ୍ୟାସ ପ୍ରତିଭା ସମ୍ମାନ ୨୦୨୫, ମ୍ୟାନ ଅଫ ଦି ଇୟର ୨୦୨୫, ରବୀନ୍ଦ୍ର ନାଥ ଠାକୁର ଜାତୀୟ କାର୍ଯ୍ୟ ଦକ୍ଷତା ସମ୍ମାନ, ସୋସିଆଲ ହିରୋ ୨୦୨୫ ଏବଂ ଅଟଳ ବିହାରୀ ବାଜପେୟୀ ସେବା ସମ୍ମାନ ୨୦୨୫ ଡ଼ଃ ମୁଦୁଲି ବିଭିନ୍ନ ସଂସ୍ଥା ଦ୍ୱାରା ସମ୍ମାନୀତ ହୋଇଛନ୍ତି। ଏହି ସମ୍ମାନଜନକ କୃତିତ୍ୱ ପାଇଁ ବୁଦ୍ଧିଜୀବୀ ପରିଷଦ 'ଜାଗ୍ରତ' ବାଲିକୁଦାର ସଭାପତି ଶ୍ରୀଯୁକ୍ତ ପଦ୍ମ ଚରଣ ସ୍ୱାଇଁ, ଶ୍ରୀ ଗଙ୍ଗାଧର ଖିଟୁଆ, ଅଜୟ ଦାସ, ଶରତ ଚନ୍ଦ୍ର ମଲ୍ଲିକ, ପ୍ରାଣକୃଷ୍ଣ ପ୍ରଧାନ, ରବୀନ୍ଦ୍ର କୁମାର ସେଠୀ ଓ ପୂଜ୍ୟ ପୂଜା ସଂସଦ ବାଲିକୁଦା ଅଧକ୍ଷ କୈଳାଶ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ ଗନ୍ଧର୍ବ ଚରଣ ସାଉ, ହୃଷିକେଶ ଚଇନି ସମେତ ସ୍ଥାନୀୟ ଅଞ୍ଚଳର ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଡ଼ଃ ଅଜୟ କୁମାର ମୁଦୁଲିଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଲୋକଙ୍କ ଜୀବନଧାରାରେ ପରିବର୍ତ୍ତନ ଆଣିପାରିଛି ଟାଟା ଷ୍ଟିଲ୍ କଳିଙ୍ଗନଗର



ଯାଜପୁର ରୋଡ଼, ୧।୧ (ସଂଚାର ବ୍ୟୁରୋ): ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏକ ଶିଳ୍ପ ଶକ୍ତିକେନ୍ଦ୍ରରୁ ଓଡ଼ିଶାର କଳିଙ୍ଗନଗର ଅଞ୍ଚଳରେ ସାମାଜିକ ଗତିଶୀଳତାର ଏକ ପ୍ରାଥମିକତା ଦେଇ ଆସିଛି । ନିଜର କାର୍ଯ୍ୟକ୍ଷମ ଡିଏନଏ ମଧ୍ୟରେ ସ୍ଥାନୀୟ ଲୋକଙ୍କ କଲ୍ୟାଣକୁ ଅନ୍ତର୍ଭୁକ୍ତ କରି, ଏହି କେନ୍ଦ୍ର ଉତ୍ପାଦନକୁ ଗୁରୁତ୍ୱ ନ ଦେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଭାଗିତାରେ କାରଖାନା ଆଖପାଖ ଗ୍ରାମଗୁଡ଼ିକର ପ୍ରାୟ ୧୪ ଲକ୍ଷ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିପାରିଛି।

ସବୁଠାରୁ ଦୃଶ୍ୟମାନ ପରିବର୍ତ୍ତନ ହେଉଛି ଏହି ଅଂଚଳରେ ଏକ ନୂତନ ଶ୍ରେଣୀର ମହିଳା ନେତୃତ୍ୱର ଅଭ୍ୟୁଦୟ। 'ଦିଶା' କାର୍ଯ୍ୟକ୍ରମ ମାଧ୍ୟମରେ ୧,୫୦୦ ରୁ ଅଧିକ ମହିଳା ଡିଜିଟାଲ୍ ସାକ୍ଷରତା ଏବଂ ସ୍ୱାଧୀନ ଆର୍ଥିକ ପରିଚାଳନାରେ ଦକ୍ଷତା ହାସଲ କରିଛନ୍ତି। ଏହି ସାମର୍ଥ୍ୟ ଘରର ଚାରିକାନ୍ଥରୁ ବୋର୍ଡରୁମ୍ ପର୍ଯ୍ୟନ୍ତ ପହଂଚି ନବଜୀବନ ସମବାୟ ସମିତି ଏବେ ବାର୍ଷିକ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ସଂଗ୍ରହ କରୁଛି ଏବଂ ପାରମ୍ପରିକ ସଉରା କଳାକୁ ମୁମ୍ବାଇର କାଳା ଘୋଡା ଆର୍ଟ ଫେଷ୍ଟିଭାଲ୍ ଭଳି ଜାତୀୟ ସ୍ତରର ମଂଚକୁ ନେଇପାରିଛି। ଦୀର୍ଘସ୍ଥାୟୀତ୍ୱ ପାଇଁ ପ୍ରୟାସ ମଧ ସେତିକି ମହତ୍ତ୍ୱାକାଂକ୍ଷୀ। ୩୦୦ ନିୟୁତ କ୍ୟୁବିକ୍ ଫୁଟ୍ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରି, ଟିଏସକେ ପ୍ରାୟ ୭୦୦ ଏକର ଶୁଷ୍କ ଜମିକୁ ଉର୍ବର ଏବଂ ଜଳବାୟୁ ସହନଶୀଳ ଚାଷଜମିରେ ପରିଣତ କରିଛି। ଏହି ପରିବେଶ ପରିଚାଳନା ସହିତ ଅଂଚଳର ଭବିଷ୍ୟତ ପ୍ରତି ପ୍ରତିବଦ୍ଧତା ସ୍ୱରୂପ 'ଜ୍ୟୋତି ଫେଲୋସିପ୍' ମାଧ୍ୟମରେ ନିକଟରେ ୮୩୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି, ଯେଉଁଥିରେ ୭୦% ହେଉଛନ୍ତି ଛାତ୍ରୀ। ଟାଟା ଷ୍ଟିଲ୍ ଫାଉଣ୍ଡେସନ ୩,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଭାଷା ଶିକ୍ଷା ମାଧମରେ ଆଦିବାସୀ ଐତିହ୍ୟର ସଂରକ୍ଷଣ ଦିଗରେ ମଧ କାର୍ଯ୍ୟ କରୁଛି। ଦାନଗଦିର ମଲ୍ଟି-ସ୍କିଲ୍ ସେଣ୍ଟର ଠାରୁ ଆରମ୍ଭ କରି ୩୯ଟି ପଞ୍ଚାୟତରେ ଚାଲିଥିବା ଅପପୁଷ୍ଟି ନିରାକରଣ ପ୍ରକଳ୍ପ ପର୍ଯ୍ୟନ୍ତ, ଟାଟା ଷ୍ଟିଲ୍ କଳିଙ୍ଗନଗରର ଏହି ଯାତ୍ରା ସାମଗ୍ରିକ ବିକାଶର ଏକ ଶ୍ରେଷ୍ଠ ଉଦାହରଣ।

# ପଏଁରୀ ତିହାର-୨୦୨୬ ଉଦ୍‌ଘାଟିତ



ସୁବର୍ଣ୍ଣପୁର,୧।୧(ସଂଚାର ବ୍ୟୁରୋ): ପଏଁରି ତିହାର ୨୦୨୬ ଆଜି ମହା ସମାରୋହରେ ମା' ସୁରେଶ୍ୱରୀ ମନ୍ଦିର କ୍ୟାମ୍ପସ ରେ ଉଦ୍‌ଘାଟିତ ହୋଇଯାଇଛି। ସୋନପୁରର ପଏଁରୀ ଅନୁଷ୍ଠାନ, କେନ୍ଦ୍ର ସଂସ୍କୃତି ବିଭାଗ, ନୂଆଁଦିଲ୍ଲୀ ସଂଗୀତ ନାଟକ ଏକାଡେମୀର ମିଳିତ ଅନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଯୋଗ ଦେଇ ସୁବର୍ଣ୍ଣପୁର ମାଟି ର କଳା ସଂସ୍କୃତି ରେ ମୁଁ ମତୁଆଲା ହୋଇ ଯାଇଛି ବୋଲି କହିଥିଲେ । ଏସପି ଶ୍ରୀ ନାରାୟଣ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏ କାର୍ଯ୍ୟ କ୍ରମ ର ଉଚ୍ଚ କୋଟୀର ଗୀତ ନାଚ ସାଂସ୍କୃତିକ କୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ତମ ଅତିଥି ଭାବେ ଅନୁଷ୍ଠାନ ର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ନାଟ୍ୟ ଶ୍ରୀ ଗଦାଧର ବାରିକ, ମମତା ଡୋରି ର ପ୍ରତିଷ୍ଠାତା ମମତା ଦାସ, ବିଗୁଲ ଟିଭି ର ଅଧକ୍ଷ ସନ୍ତୋଷ ମିଶ୍ର ଯୋଗ ଦେଇ ସୁବର୍ଣପୁରର କଳା ସଂସ୍କୃତି ପାଇଁ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି ବୋଲି କହିଥିଲେ। । ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଅତିଥି ପରିଚୟ ପ୍ରଦାନ କରି ଏ ଉତ୍ସବ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭ୍ୟ ସୁଶାନ୍ତ ସାହୁ ସଭା ସଂଯୋଜନା କରିଥିବାବେଳେ ଅନୁଷ୍ଠାନ ର ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ଦେଇଥିଲେ। ସେହି ଅବସରରେ କିଛି କଳାକାର ଙ୍କୁ ପଏଁରୀ ଯୁବ ପ୍ରତିଭା ସମ୍ମାନ ଏବଂ ମମତା ଫ୍ୟାସନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ, ବ୍ୟକ୍ତିବିଶେଷ, ସମ୍ବାଦିକଙ୍କୁ ସମ୍ବର୍ଧିତ କରାଯାଇଥିଲା।

# ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ନବବର୍ଷ ପାଳନ



ବୈଶିଙ୍ଗା,୧।୧(ସଂଚାର ବ୍ୟୁରୋ): ନୂତନ ବର୍ଷର ଅଭିନନ୍ଦନ ଓ ଶୁଭକାମନା ଜଣାଇ ଆଜି ଦିନ ବରିଷ୍ଠ ନାଗରିକ ବିକାଶ ମଞ୍ଚ,ବୈସିଙ୍ଗା ତରଫରୁ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର,ବୈସିଙ୍ଗା ଠାରେ ଉପସ୍ଥିତ ହୋଇ ୧୫ ଜଣ ରୋଗୀଙ୍କୁ ଫଳ, ବିସ୍କୁଟ, ପାଉରୋଟି ବଣ୍ଟା ଯାଇଥିଲା।ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଖଇରବଣୀ ବିଦ୍ୟାଳୟରକୁନି କୁନି ପିଲା ମାନଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ବଣ୍ଟା ଯାଇଥିଲା ।ସ୍ୱାସ୍ଥ୍ୟ କେନ୍ଦ୍ର ର ଡକ୍ଟର ତଥା ସହକର୍ମୀ ମାନେ ଆମକୁ ସହଯୋଗ କରିଥିଲେ ।

ପରେ ଉପସ୍ଥିତ ଥିବା ବରିଷ୍ଠ ମାନେ ଏକତ୍ରିତ ହୋଇ ବୈଶୀଙ୍ଗା ଥାନାର ଆଇଆଇସି ଙ୍କୁ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ଥିଲେ ।ବରିଷ୍ଠ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ୨୦୨୬ ଭଲରେ ଅତିବାହିତ ହେଉ ଆଇଆଇସି ପରାମର୍ଶ ଦେଇଥିଲେ।ଅଶ୍ୱିନୀ କୁମାର ମହାରଣା ସମ୍ପାଦକ ବରିଷ୍ଠ ମାନଙ୍କର ସୁରକ୍ଷା ଓ ଉଚିତ୍ ନ୍ୟାୟ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଦର୍ଶାଇଥିଲେ।

ପରେ ବିଧାୟକଙ୍କୁ ସାକ୍ଷାତ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇ ଥିଲେ, ତତ୍ ସହିତ ଏକ ଲିଖିତ ଦାବି ପତ୍ର ପ୍ରଦାନ କରିଥିଲେ ଯଥା - ବରିଷ୍ଠ ନାଗରିକ ବିକାଶ ମଞ୍ଚ ର ସ୍ଥାୟୀ ସଭାଗୃହ ପାଇଁ ଜମି ଓ ଗୃହ ନିର୍ମାଣ କରାଯାଉ, ମାସିକ ଭତ୍ତା ବୃଦ୍ଧି କରାଯାଉ,ବକେୟା ପଡିରହିଥିବା ସେମାନଙ୍କ ପାଇଁ ଭତ୍ତା ଲାଗୁ କରାଯାଉ,ବୈସିଙ୍ଗା ଥାନା ଦ୍ୱାରା ବରିଷ୍ଠ ମାନଙ୍କୁ ଉପେକ୍ଷା କରାଯାଇଅଛି ବୋଲି ଅନୁଭବ କଲାପରେ କିପରି ସୁରକ୍ଷା ମିଳିପାରିବ ସେଥିପାଇଁ ଚେଷ୍ଟା କରାଯାଉ,ବୈସିଙ୍ଗା ଥାନା ପାଖରେ ଆର ପଟକୁ ପାର ହେବା ପାଇଁ ଏକ ଗଳା ପୋଲ ର ବ୍ୟବସ୍ଥା କରାଯାଉ ବାଗ୍ରିପୋଷି ରୁ ପୁରୀ ସୁପର ଫାଷ୍ଟ ଟ୍ରେନ ଟିକୁ ପରିବର୍ତ୍ତନ କରାନଯାଇ ପୂର୍ବ ଭଳି ସୁପର ଫାଷ୍ଟ ଟ୍ରେନ୍ ରହୁ,ଇଶାଣପୁର ଗ୍ରାମ ର ଲୋକମାନଙ୍କ ଯିବା ଆସିବା ପାଇଁ ଟ୍ରେନ ଲାଇନ ତଳେ ଏକ ଗଳା ପୋଲୋର ଗେଟ୍ ନଂ ୭ ପାଖରେ ତୁରନ୍ତ ନିର୍ମାଣ କରାଯାଉ। ଏହାପରେ ପ୍ରିୟ ବିଧାୟକ ଖୁବ୍ ଶୀଘ୍ର ସ୍ଥାୟୀ ସଭାଗୃହ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଘଟଗାଁ ମା' ତାରିଣୀଙ୍କ ସୁନାବେଶ

କେନ୍ଦୁଝର,୧।୧(ସଂଚାର ବ୍ୟୁରୋ): ଆଜି ଇଂରାଜୀ ନବବର୍ଷ ଉପଲକ୍ଷେ ଘଟଗାଁ ତାରିଣୀଙ୍କ ପୀଠରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି। ଆଜି ଭୋରରୁ ମାଆଙ୍କ ପହଡ଼ ଖୋଲିବା ପରେ ମାଜଣା, ଷୋଡଶ ଉପଚାର ପୂଜା, ମାଙ୍କ ମଙ୍ଗଳ ଆଳତୀ, ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଘନ କୁହୁଡି ସତ୍ତ୍ୱେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପୂଜକ ମାନଙ୍କ ସଂଖ୍ୟାକୁ ବଢ଼ାଇ ଦେଇଛନ୍ତି ଏବଂ ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ଧାଡି ଦର୍ଶନର ବ୍ୟବସ୍ଥା କରାଯାଇଛି। ଦର୍ଶନ ଧାଡି ଏବଂ ଭୋଗ ଧାଡି ଅଲଗା କରାଯାଇଛି। ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ଧାଡିରେ ଅପେକ୍ଷାରତ ଭକ୍ତଙ୍କ ମନୋରଞ୍ଜନ ପାଇଁ ଭଜନ ପରିବେଶନର ବ୍ୟବସ୍ଥା ହୋଇଥିବା ବେଳେ, ପ୍ରସ୍ଥାନ ଦ୍ୱାରରେ ନଡ଼ିଆ ଲଡୁ ବଣ୍ଟନ ହେଉଛି।

# ରାଜ୍ୟସ୍ତରୀୟ ତାଇକୋଣ୍ଡ ଚମ୍ପିୟାନସିପରେ ୫ ବର୍ଷର ସାଇଅନୁସଙ୍କ କମାଲ

ବାରିପଦା,୧।୧(ସଂଚାର ବ୍ୟୁରୋ): ଭଦ୍ରକରେ ଅନୁଷ୍ଠିତ ହୋଇଥିବା ୨୨ତମ ରାଜ୍ୟସ୍ତରୀୟ ତାଇକୋଣ୍ଡ ଚାମ୍ପିୟାନସିପ - ୨୦୨୫ ରେ ମୟୁରଭଞ୍ଜର ୬ ବର୍ଷର ବାଳକ ସାଇଅନୁସ ପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ୫ ରୁ ୭ ବର୍ଷ ବର୍ଗର କ୍ୟାଡେଟ ବାଳକ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରି ନିଜ ବିଦ୍ୟାଳୟ



ତଥା ବାରିପଦାରେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ବାସିନ୍ଦା ମନୋରଞ୍ଜନ ପାତ୍ର ଓ ବବିତା ସାହା ପାତ୍ରଙ୍କ ପୁତ୍ର ସାଇଅନୁସ ଗୁରୁ ଯୋଗେଶ କୁମାର ମହାନ୍ତଙ୍କ ଠାରୁ ପ୍ରଶିକ୍ଷଣ ପାଇ ଏହି ପଦକ ହାସଲ କରିବା ସହ ଭବିଷ୍ୟତରେ ଜଣେ ଦକ୍ଷ ଖେଳାଳି ହୋଇ ଦେଶ ପାଇଁ ସୁନାମ ଆଣିପାରିବେ ବୋଲି ପିତାମାତା ଆଶାପୋଷଣ କରିଛନ୍ତି । ବର୍ତ୍ତମାନ ସେ ସେଣ୍ଟ ଇନିସ କନଭେଣ୍ଟ ସ୍କୁଲରେ ଏଲ କେ ଜି ର ଛାତ୍ର । ଖବର ପାଇ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



ସୁବର୍ଣ୍ଣପୁର,୧।୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଅପରାହ୍ନ ୫ ଟା ସମୟରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୁବର୍ଣ୍ଣପୁର ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ (ଓ.ପ୍ର.ସେ) ଙ୍କ ଅଧକ୍ଷତା କରିଥିଲେ। ସଭାରେ ୨୦୨୪ ଓ ୨୦୨୫ ମସିହାର ଜାନୁଆରୀରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଘଟିଥିବା ଦୁର୍ଘଟଣା ତଥ୍ୟ, ଦୁର୍ଘଟଣାର କାରଣ ମୋଟର ଯାନ ଆଇନ ର କଡା କଡି ଭାବେ କାର୍ଯ୍ୟକାରୀ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ଆସନ୍ତା ଜାନୁଆରୀରେ ପାଳିତ ହେବାକୁ ଥିବା ସଡ଼କ ସୁରକ୍ଷା ମାସ ବିଷୟରେ ମଧ ଆଲୋଚନା ହୋଇଥିଲା। ଆସନ୍ତା ମାସ ପ୍ରଥମ ସପ୍ତାହରେ ଏହା ଆରମ୍ଭ ହେବ ଯେଉଁଥିରେ ମାସର ପ୍ରତ୍ୟେକ ଦିନ ସଡ଼କ ଏବଂ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଚାଳକ ଏବଂ ପଥିକମାନଙ୍କ ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଏବଂ କଲେଜ ପିଲାଙ୍କୁ ନେଇ ଏକ ବିଶାଳ ରାଲିର ଆୟୋଜନ ହେବ, ପଥ ପ୍ରାନ୍ତ ନାଟକ, ରକ୍ତଦାନ ଶିବିର, ଆଖି ପରୀକ୍ଷା ଏବଂ ପ୍ରତିଦିନ କଡାକଡି ଭାବରେ ସଡ଼କ ସୁରକ୍ଷା ନିୟମ ଭଙ୍ଗ କରୁଥିବା ଲୋକଙ୍କ ଠାରୁ ଜୋରିମାନା ଆଦାୟ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସିଟିଜେନ୍ ଫୋରମ୍‌ର ବାର୍ଷିକ ଉତ୍ସବ ଓ ମୟୂରଭଞ୍ଜ ମିଶ୍ରଣ ଦିବସ

# ରାଜ୍ୟ ଓ ଦେଶ ପାଇଁ ମୟୂରଭଞ୍ଜର ଅବଦାନ ଅତୁଳନୀୟ



ବାରିପଦା,୧।୧(ସଂଚାର ବ୍ୟୁରୋ): ନବ ବର୍ଷରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍‌ର ୧୬ତମ ବାର୍ଷିକ ଉତ୍ସବ ଓ ୭୭ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଫୋରମର ସଭାପତି ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫୋରମ୍‌ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସ୍ୱାଗତ ଅଭିଭାଷଣରେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାର ଦ୍ୱିତୀୟ ଅଧ୍ୟାୟକୁ ସାର୍ବଜନୀନ ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ଫୋରମର ପୃଷ୍ଠପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଉପସ୍ଥିତ ରହି ଜିଲ୍ଲାର ବିକାଶ ଓ ଉନ୍ନତି ଦିଗରେ ସମସ୍ତଙ୍କ ପ୍ରଚେଷ୍ଟା ଜାରି ରହିବା ଉଚିତ ବୋଲି କହିଥିଲେ । ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା ସମ୍ପର୍କରେ ବହୁ ଅପ୍ରକାଶ୍ୟ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ ଯୋଗଦେଇ ରାଜ୍ୟ ଓ ଦେଶପାଇଁ ମୟୂରଭଞ୍ଜର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ, କଳା, ସଂସ୍କୃତି ଓ ଗମନାଗମନ କ୍ଷେତ୍ରରେ ମହାରାଜା ମାନଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଆଇଏସ ଅଧିକାରୀ ବିଜୟ ପୃଷ୍ଟିଙ୍କ ପ୍ରେରିତ ମୟୂରଭଞ୍ଜ ମିଶ୍ରଣର ତଥ୍ୟ ଉପସ୍ଥାପନ କରାଯାଇଥିଲା।

# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ନୂଆବର୍ଷ ପାଳନ



ଭୁବନେଶ୍ୱର,୧।୧(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଗୁରୁବାର ହସ୍ପିଟାଲ ପରିସରରେ ନୂଆବର୍ଷ ପାଳନ କରାଯାଇଛି।

ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ରଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା। ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ପ୍ରଫେସର (ଡାକ୍ତର) ମିଶ୍ର ୨୦୨୫ ବର୍ଷରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଯେଉଁ ସଫଳତା ହାସଲ କରିଛି ତାହାର ସମସ୍ତ ଶ୍ରେୟ ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସ୍‌କିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଜଣାଇଥିଲେ।

ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସହଯୋଗ ଓ ଅବଦାନ ଯୋଗୁଁ ଆଇଏମ୍‌ଏସ ଆଣ୍ଡ ସମ ହସ୍ପିଟାଲ୍ ଶୀର୍ଷରେ ପହଞ୍ଚିପାରିଛି ବୋଲି ପ୍ରଫେସର ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

କାର୍ଯ୍ୟକ୍ରମରେ ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସ୍‌କିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ ୨୦୨୫ରେ ଦେଶର ୧୫ତମ ଶ୍ରେଷ୍ଠ ମେଡିକାଲ୍ ଶିକ୍ଷାନୁଷ୍ଠାନ ଭାବରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ସ୍ଥାନୀତ ହୋଇଛି। ସ୍ୱାସ୍ଥ୍ୟ ସେବା, ବିଶ୍ୱାସ, ରୋଗୀଙ୍କ ମୁଖରେ ହସ ଫୁଟାଇବା, ଉତ୍ସାହର ସହ ସେବା ପ୍ରଦାନ କରିବା ସହିତ ନିଜର ଦାୟିତ୍ୱ ପ୍ରତି ତତ୍ପର ହେବା ପାଇଁ ମେଡିକାଲ୍ ସୁପରିଟେଣ୍ଡେଂଟ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ସେହିପରି ହସ୍ପିଟାଲ୍‌ର ସର୍ଜରୀ ବିଭାଗର ଏମିରେଟସ୍ ପ୍ରଫେସର ବିଶ୍ୱନାରାୟଣ ମହାନ୍ତି ଯୋଗ ଦେଇ କହିଥିଲେ ଯେ ଡାକ୍ତରୀ ଶିକ୍ଷା ଗ୍ରହଣ ନିମନ୍ତେ ଦେଶ ତଥା ବିଦେଶର ଛାତ୍ରଛାତ୍ରୀମାନଙ୍କର ପ୍ରଥମ ପସନ୍ଦ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍।

ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ଅବସରରେ ହସ୍ପିଟାଲ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କମ୍ୟୁନିଟି ମେଡିସିନ ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ସ୍ମିତି ମଧୁସିକ୍ତା ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ନବବର୍ଷ ବନ୍ଧୁମିଳନ



ବାଲିଆପାଳ,୧।୧(ସଂଚାର ବ୍ୟୁରୋ): ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ଇଂରାଜୀ ନବବର୍ଷ ଅବସରରେ ବନ୍ଧୁମିଳନ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପାରୁଳିଆ ଛକସ୍ଥିତ ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦର ଆବାହକ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ଅଜୟ କୁମାର ସାହୁ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ପୂଜ୍ୟପୂଜା ସଂସଦର ନଳିନୀ କାନ୍ତ ପାଢ଼ୀ, ଅର୍ଦ୍ଧେନ୍ଦୁ କୁମାର ପାଣିଗ୍ରାହୀ, ବିଜୟ କୁମାର ପାତ୍ର, ନବ କୁମାର ଦାସ,ଭୀମ ଚରଣ ବେହେରା, ସଚୀନ୍ଦ୍ର ନାଥ ନନ୍ଦୀ, ପ୍ରଫୁଲ୍ଲ କୁମାର ବାଗ,ପ୍ରକାଶ ଚନ୍ଦ୍ର ପ୍ରଧାନ,ପଦୀପ କୁମାରଦାସ, ପ୍ରିୟବ୍ରତ ଜେନା,ବରିଷ୍ଠସାମ୍ବାଦିକ ଅଜୟ କୁମାର ସାହୁ,ପଙ୍କଜ ସାହୁ, କବୟତ୍ରୀ ସ୍ନେହଲତା ନାୟକ, ବିଦ୍ୟୁତପଭା ସାମଲ, ସୁଜାତା ସାହୁ, ଜୟନ୍ତୀ ପ୍ରଧାନ,ସଞ୍ଜୁବାଳା ମହାନ୍ତି, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା,ରାଜେନ୍ଦ୍ର କୁମାର ବେହେରା,ଯୁଗଳ କିଶୋର ଜେନା,ସନ୍ୟାସୀ ପ୍ରଧାନ,ଅନାଦି ଚାଣ ଗିରି,କମଳ ଲୋଚନ ସାମଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କବୀ ସ୍ନେହଲତା ନାୟକଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା ।

# ସାଇନୋସାଇଟିସ୍‌ରୁ ମୁକ୍ତି ପାଇଁ କରନ୍ତୁ ଜଳନେତି



ଜଳନେତି ଦ୍ୱାରା ନାସାପଥ ଓ ସାଇନସ୍‌ରୁ ଲାଳ ଓ ମଇଳା ବାହାରିଯାଏ। ଏହାଦ୍ୱାରା ଶ୍ୱାସ, ନ୍ୟୁମୋନିଆ, ବ୍ରୋଙ୍କାଇଟିସ୍ ଏବଂ ଫୁସ୍‌ଫୁସ୍ ଯକ୍ଷ୍ମା ଆଦି ରୋଗରୁ ମୁକ୍ତି ମିଳେ। ଆଲର୍ଜି, ଥଣ୍ଡା, ସାଇନୋସାଇଟିସ୍ ସହ କାନ, ଆଖି, ଗଳାର ବିଭିନ୍ନ ସମସ୍ୟା ଉପଶମ ହୁଏ। ତା'ସହ ସମୀପ ଦୃଷ୍ଟି, ଆଲର୍ଜିକ୍ ନାସା ପ୍ରଦାହ, ପରାଗଜ୍ୱର, ଟନ୍‌ସିଲାଇଟିସ୍‌ରୁ ମୁକ୍ତି ମିଳେ। ଜଳନେତି ଦ୍ୱାରା ପିଲାଙ୍କ ମୁହଁ ବାଟେ ନିଶ୍ୱାସ ନେବା କମିଯାଏ। ମୁହଁର ମାଂସପେଶୀ ଟାଣିହୁଏ ନାହିଁ। ଅଭ୍ୟାସକାରୀର ଚେହେରା ସତେଜ୍ ଓ ଯୁବସୁଲଭ ହୁଏ। ମସ୍ତିଷ୍କରେ ଶୀତଳ ଓ ଶାନ୍ତ ଭାବ ଅନୁଭୂତ ହୁଏ। ଅପସ୍ମାର ଓ ଅର୍ଦ୍ଧକପାଳୀରୁ ଉପକାର ମିଳେ। ଜଳନେତି ନାକରେ ଥିବା ସ୍ନାୟୁଗୁଡ଼ିକର ଶେଷ ମୁଣ୍ଡକୁ ସକ୍ରିୟ କରେ। ମସ୍ତିଷ୍କ କାର୍ଯ୍ୟରେ ଏବଂ ବ୍ୟକ୍ତିର ସ୍ୱାସ୍ଥ୍ୟରେ ସର୍ବୋପରି ଉନ୍ନତି ହୁଏ। ଡାହାଣ ଓ ବାମ ନାସାରନ୍ଧ୍ରରେ ଭାରସାମ୍ୟ ଆସି ସ୍ୱାସ୍ଥ୍ୟରେ ଉନ୍ନତି ହୁଏ। ପାଚନ କ୍ରିୟା ଓ ରକ୍ତ ସଞ୍ଚାଳନ ପ୍ରଣାଳୀରେ ମଧ୍ୟ ଭାରସାମ୍ୟ ହୁଏ ବୋଲି ଯୋଗଗୁରୁ ଗଣେଶ୍ୱର ଗୋଛିକାର କହିଛନ୍ତି।

ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ 'ନେତି ଲୋଟା' ବ୍ୟବହାର କରାଯାଏ। ଏହା ପ୍ଲାଷ୍ଟିକ୍, ମାଟି, ପିତ୍ତଳ ବା ଅନ୍ୟ କୌଣସି ଧାତୁରୁ ହୋଇପାରେ ଯାହା ପାଣିକୁ ଯେପରି ଦୂଷିତ କରିବ ନାହିଁ। ଲୋଟାର ନଳୀ ମୁହଁର ଅଗ୍ରଭାଗ ଆରାମରେ ନାସାରନ୍ଧ୍ରରେ ଲାଗି ରହିବ ଯେପରି ପାଣି ଲିକ୍ କରି ବାହାରି ନ ଆସେ। ଏପରିକି ଚା' କେଟେଲ୍ ମଧ୍ୟ ବ୍ୟବହାର କରିହେବ। ଅଧା ଲିଟର ପାଣିରେ ଗୋଟିଏ ଚାମଚ ଲୁଣ ଭଲଭାବରେ ମିଶାଇବେ। ଲୁଣ ମିଶାଇବା ଦ୍ୱାରା ପାଣିର ଅସ୍‌କୋଟିକ୍ ଚାପ ଶରୀରର ଜଳୀୟ ଅଂଶର ଚାପ ସହ ସମାନ ରହିବ। ଏହାଦ୍ୱାରା ଶ୍ଳେଷ୍ମିକ ଝିଲ୍ଲୀର ଜ୍ୱଳନ କମିଯାଏ। ଜ୍ୱଳନ ବା କଷ୍ଟ ହେଲେ ଜାଣିବେ ବେଶୀ ବା କମ୍ ଲୁଣ ମିଶାଯାଇଛି।


### ପ୍ରଥମ ସ୍ଥିତିରେ ନାସାରନ୍ଧ୍ର ଧୋଇବା

- ନେତି ଲୋଟାକୁ ତିଆରି କରିଥିବା ଲୁଣ ପାଣିରେ ଭର୍ତ୍ତି କରନ୍ତୁ
- ଭଲ ଭାବରେ ଠିଆ ହୁଅନ୍ତୁ, ଗୋଡ଼ ଛାଡ଼ିକରି ରହିବ ଏବଂ ଦୁଇ ପାଦ ଉପରେ ଦେହର ଓଜନ ସମାନ ଭାବେ ପଡ଼ିବ
- ଏବେ ସାମାନାକୁ ଝୁଙ୍କନ୍ତୁ
- ପ୍ରାୟ ଗୋଟିଏ ମିନିଟ୍ ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଶିଥିଳ କରନ୍ତୁ।
- ମୁଣ୍ଡକୁ ଟିକିଏ ପଛକୁ ଓ କଡ଼କୁ ବଙ୍କାଇ ରଖନ୍ତୁ
- ମୁହଁରେ ନିଶ୍ୱାସ ନେବା ଆରମ୍ଭ କରନ୍ତୁ
- ଧୀରେ ଉପରପଟ ନାସା ରନ୍ଧ୍ରରେ ଲୋଟାର ନଳୀମୁହଁର ଅଗ୍ରଭାଗକୁ ପୁରାନ୍ତୁ
- କୌଣସି ପ୍ରକାର ଜୋର୍ ପ୍ରୟାସ କରିବେ ନାହିଁ
- ନଳୀ ଅଗ୍ରଭାଗକୁ ନାକ କଡ଼େ ଜୋର୍‌ରେ ଚାପି ରଖିବେ ଯେପରି ପାଣି ବାହାରକୁ ଲିକ୍ କରି ନ ଆସେ
- ଲୋଟାକୁ ଉପରକୁ ଟେକନ୍ତୁ ଯେପରି ପାଣି ନାସାରନ୍ଧ୍ର ଦେଇ ଭିତରକୁ ଯିବ ଏବଂ ବିପରୀତ ପଟେ ବାହାରିବ
- ଧୀରେ ନାକବାଟେ ନିଶ୍ୱାସ ଛାଡ଼ି ଲାଳ କାଢ଼ିଦିଅନ୍ତୁ
- ବିପରୀତ ଦିଗକୁ ମୁଣ୍ଡ ବଙ୍କାଇ ଲୋଟାକୁ ଉପରପଟ ନାସାରନ୍ଧ୍ରରେ ପୂରାଇ ଅଭ୍ୟାସର ପୁନରାବୃତ୍ତି କରନ୍ତୁ

### ଦ୍ୱିତୀୟ ସ୍ଥିତିରେ ନାକ ଶୁଖାଇବା

- ସିଧା ଠିଆ ହୁଅନ୍ତୁ
- ଡାହାଣ ନାସାରନ୍ଧ୍ରକୁ ଡାହାଣ ବୁଢ଼ା ଆଙ୍ଗୁଳିରେ ବନ୍ଦ କରନ୍ତୁ
- ବାମ ନାସାରନ୍ଧ୍ରରେ ୫ରୁ ୧୦ଥର ଶୀଘ୍ର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ, କପାଳଭାତି ପ୍ରାଣାୟମ ଭଳି ନିଶ୍ୱାସ ଛାଡ଼ିବାରେ ଜୋର୍ ଦେବେ
- ବାମ ନାସାରନ୍ଧ୍ର ବନ୍ଦ କରି ଡାହାଣ ନାସାରନ୍ଧ୍ରରେ ଅଭ୍ୟାସର ପୁନରାବୃତ୍ତି କରନ୍ତ
- ଏହି ଅଭ୍ୟାସ ଦ୍ୱାରା ସାଇନସ୍ କୋଟରରେ ଜମିଥିବା ପାଣି ବାହାରିଯାଏ
- ଦେହର ସ୍ଥିତି ଓ ଦେହ ଶିଥିଳ କରିବାରେ ଲକ୍ଷ୍ୟ ରଖିବେ, ସତର୍କ ରହିବ ଯେପରି ଲୋଟା ମୁହଁରୁ ପାଣି ନାକ ବାହାରକୁ ବାହାରି ନ ଆସେ। ନୂତନ ଅଭ୍ୟାସକାରୀ ମୁହଁ ବାଟେ ଆରାମରେ ନିଶ୍ୱାସ ନେବା ପ୍ରତି ଲକ୍ଷ୍ୟ ରଖିବେ।

# ତ୍ୱଚାର ସୁନ୍ଦରତା ବଢ଼ାଏ ତୁଳସୀ ପତ୍ର




ମୁଖମଣ୍ଡଳର ସୁନ୍ଦରତା ପାଇଁ କିଏ କେତେ ଉପାୟ ଅବଲମ୍ବନ କରୁଛନ୍ତି। ଏମିତି କି ଘରୋଇ ଉପଚାର ମଧ୍ୟ କରୁଛନ୍ତି। କିଛି କିଛି ଜିନିଷ ଆମ ହାତ ପାହାନ୍ତାରେ ଥାଏ କିନ୍ତୁ ଆମେ ଏହାର ଠିକ୍ ଉପଯୋଗ କରିପାରୁ ନାହୁଁ। ଏହା ମଧ୍ୟରେ ରହିଛି ତୁଳସୀ ପତ୍ର। ଆମ ଘର ସମ୍ମୁଖରେ ନିତି ପାଇବା। ତେବେ ଚାଲନ୍ତୁ ଏହା ଆମ ତ୍ୱଚା ପାଇଁ କେତେ ଉପକାରୀ ଜାଣିବା...

ଖରା, ଝାଳ, ଧୂଳି, ଧୂଆଁ ଆଦି ପ୍ରଭାବରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ତୁଳସୀ ଏକ ବରଦାନ ସଦୃଶ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ୍ ଭରପୂର ମାତ୍ରାରେ ରହିଛି, ଯାହା ଖରାପ ତ୍ୱଚାକୁ ଏକ ଚମକ ଦେବାରେ ସାହାଯ୍ୟ କରିବା ସହ କୁଞ୍ଚନରେଖାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ବ୍ରଣ ଆଦି ସମସ୍ୟାରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି ମାତ୍ରା ଅଧିକ ଥିବାରୁ ତ୍ୱଚାକୁ ଚମକପ୍ରଦ ରଖିଥାଏ। ଜାଣ

ପତ୍ରକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ଚାମଚ ଏହି ପେଷ୍ଟ ସହିତ ଏକ ଚାମଚ ଓଟ୍‌ମିଲ୍ ଏବଂ ଅଳ୍ପ କ୍ଷୀର ମିଶାଇ ସ୍କ୍ରବ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ ମିନିଟ୍ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏପରି କଲେ ତ୍ୱଚାରେ ଜମିଥିବା ମଳି ସଫା ହେବ। ଯାହାଦ୍ୱାରା ବ୍ରଣ ସମସ୍ୟା ଦେଖାଦେବ ନାହିଁ। ପତ୍ର ବଟା କିମ୍ବା ଏହାର ପାଉଡ଼ର ଦୁଇ ଚାମଚ ନିଅନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଏବଂ ଅଧାଚାମଚ ଲେମ୍ବୁରସ ମିଶାନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାର କଳାଦାଗ ସମସ୍ୟା କମାଇବା ସହ ମୁହଁରେ ଚମକ ଆସିଥାଏ।

# କେଶ ବୃଦ୍ଧି ପାଇଁ ଲଗାନ୍ତୁ ପିଆଜ ରସ

ପିଆଜ ରସ କେଶ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ବୋଲି ବିଶେଷଜ୍ଞମାନେ ଏହାକୁ ଲଗାଇବାକୁ ପରାମର୍ଶ ଦିଅନ୍ତି। ଯଦି ଆପଣ ମଧ୍ୟ ଲମ୍ବା ଏବଂ ଘନ କେଶ ଚାହୁଁଛନ୍ତି, ତେବେ ଏହାକୁ କିପରି ଲଗାଇବେ ଆସନ୍ତୁ ଆମେ ଆପଣଙ୍କୁ କହିବୁ। ପିଆଜ ରସରେ ସଲଫର ପରିମାଣ ଅଧିକ ଥିବାରୁ ଏହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ଏକ ସୁସ୍ଥ ମୁଣ୍ଡର କେଶକୁ ପ୍ରୋତ୍ସାହିତ କରେ ଏବଂ କେଶ ମୂଳକୁ ମଜବୁତ କରେ। ଅନେକ ଲୋକ ପିଆଜ ରସକୁ ଏହାର ତୀବ୍ର ଏବଂ କଟୁ ଗନ୍ଧ ଯୋଗୁଁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ଏହାର ଗନ୍ଧ ବିଷୟରେ ଚିନ୍ତା କରି ଲାଭରୁ ବଞ୍ଚିତ ହେଉଛନ୍ତି। ପିଆଜ ରସକୁ କିଛି ପ୍ରାକୃତିକ ଉପାଦାନ ସହିତ ମିଶାଇ ଏହାର ଦୁର୍ଗନ୍ଧକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଆଲୋଭେରା ଜେଲ୍, ନଡ଼ିଆ ତେଲ, କିମ୍ବା ଲେମ୍ବୁ ରସ ମିଶାଇ କେଶର ଦୁର୍ଗନ୍ଧ ହ୍ରାସ କରିପାରିବ ଏବଂ ଆପଣଙ୍କ କେଶକୁ ଅତିରିକ୍ତ ପୋଷଣ ଯୋଗାଇପାରିବ। ପିଆଜ ରସ ଲଗାଇବା ପାଇଁ ଏକ କପା ପ୍ୟାଡ୍ କିମ୍ବା ଡ୍ରପର୍ ବ୍ୟବହାର କରିବା ଭଲ। ଏହା ନିଶ୍ଚିତ କରେ ଯେ ରସ ସିଧାସଳଖ ମୁଣ୍ଡରେ ପହଞ୍ଚିବ ଏବଂ ଆହୁରି ପ୍ରଦୂଷଣକୁ ରୋକିବ। ପ୍ରୟୋଗ ପରେ ମିଶ୍ରଣକୁ ଧୀରେ ଧୀରେ ମାଲିସ୍ କରିବା ଲାଭଦାୟକ। ରସ ଲଗାଇବା ପରେ, ଏହାକୁ ୨୦ରୁ ୩୦ ମିନିଟ୍ ପାଇଁ ମୁଣ୍ଡରେ ଛାଡିଦେବା ଉଚିତ। ଏହି ସମୟ ମଧ୍ୟରେ, ଏହାର ପୋଷକ ତତ୍ତ୍ୱ କେଶ ମୂଳରେ ଭଲ ଭାବରେ ଶୋଷିତ ହୋଇଯାଏ ଏବଂ ପ୍ରଭାବ ଦେଖାଇବା ଆରମ୍ଭ କରେ। କେଶ ଧୋଇବା ସମୟରେ, ଦୁର୍ଗନ୍ଧକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଏକ ମୃଦୁ କିମ୍ବା ହର୍ବାଲ ସାମ୍ପୁ ବ୍ୟବହାର କରନ୍ତୁ। ଆବଶ୍ୟକ ହେଲେ, ଆପଲ୍ ସାଇଡର୍ ଭିନେଗାର କିମ୍ବା ଲେମ୍ବୁ ପାଣିରେ ଧୋଇ ଦିଅନ୍ତୁ, କିନ୍ତୁ ଗରମ ପାଣି ପରିହାର କରନ୍ତୁ। ସର୍ବୋତ୍ତମ ଫଳାଫଳ ପାଇଁ ସପ୍ତାହରେ ଥରେ ପିଆଜ ରସ ବ୍ୟବହାର କରିବା ଯଥେଷ୍ଟ। ବାରମ୍ବାର ପ୍ରୟୋଗ ଦ୍ୱାରା ମୁଣ୍ଡରେ ଜ୍ୱଳନ ହୋଇପାରେ ଏବଂ ଦୁର୍ଗନ୍ଧ ବୃଦ୍ଧି ପାଇପାରେ।



# ସ୍ୱାସ୍ଥ୍ୟ ଉପାଦେୟ ଗେଣ୍ଡା



ଗେଣ୍ଡା ମାଂସ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପାଦେୟ। ସାଧାରଣତଃ ବନବାସୀମାନେ ବିଲବାଡ଼ିରୁ 'ଗେଣ୍ଡା' ଧରିଆଣି ସେଥିରେ ସ୍ୱାଦିଷ୍ଟ ତରକାରି ତିଆରିକରି ଖାଉଥିବାର ଆମେ ଜାଣୁ। ଆଜି ସେହି ବ୍ୟଞ୍ଜନ ୟୁରୋପର ବିଭିନ୍ନ ଦେଶରେ ଖୁବ୍ ଆଦର ଲାଭକରିଛି। ଗେଣ୍ଡାରେ ପ୍ରଚୁର ପରିମାଣରେ ପ୍ରାଣୀଜ ପ୍ରୋଟିନ୍ ସହିତ ଲୌହସାର, ଖାଦ୍ୟସାର(ଭିଟାମିନ୍ ଏ, ଇ, ବି୧୨), ଖଣିଜ ପଦାର୍ଥ(କ୍ୟାଲ୍‌ସିଅମ୍, ପଟାସିଅମ୍, ମ୍ୟାଗ୍ନେସିଅମ୍, ଫସ୍‌ଫରସ୍) ଥାଏ। ମଣିଷ ସ୍ୱାସ୍ଥ୍ୟ ପାଇଁ ଅତୀବ ଆବଶ୍ୟକ ଆମିନୋ ଏସିଡ୍, ଓମେଗା-୩ ଫ୍ୟାଟି ଏସିଡ୍ ରହିଥିବା ଯୋଗୁଁ ହୃଦ୍‌ରୋଗୀଙ୍କ ପାଇଁ ଗେଣ୍ଡା ମାଂସ ଏକପ୍ରକାର ମହୌଷଧି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଗେଣ୍ଡା ମାଂସ ନିୟମିତ ସେବନ କରୁଥିବା ବ୍ୟକ୍ତିଙ୍କୁ ବହୁମୂତ୍ର, କର୍କଟ, ଶ୍ୱାସରୋଗ ହେବାର ଆଶଙ୍କା କମ୍। ଗେଣ୍ଡା ମାଂସରେ କୋଲେଷ୍ଟ୍ରୋଲ୍ ପରିମାଣ ଅତିନଗଣ୍ୟ ଥାଏ। ଆହୁରି ବି ଗେଣ୍ଡାର ଖୋଳପାରେ କ୍ୟାଲ୍‌ସିଅମ୍ କାର୍ବୋନେଟ୍ ସମେତ କାଇଟିନ୍ ରହିଥାଏ, ଯାହା କର୍କଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଗେଣ୍ଡା ଦେହରୁ ନିର୍ଗତ ଲାଳ ସମେତ ବିଭିନ୍ନ ଅବଶେଷ ମଧ୍ୟ ଚର୍ମର ଉଜ୍ଜ୍ୱଳତା, ଚର୍ମରୋଗ ତଥା ଘାଆ ଓ କ୍ଷତ ଉପଶମକାରୀ। ତେଣୁ ଆମ ରାଜ୍ୟରେ ଗେଣ୍ଡା ଚାଷ ପାଇଁ ସୁଚିନ୍ତିତ ଉଦ୍ୟମ ହେବା ଆବଶ୍ୟକ ବୋଲି ମନେହୁଏ।

# ଟେକ୍ ନେକ୍ ସିଣ୍ଡ୍ରୋମ୍



ଆଜିକାଲି ସ୍ମାର୍ଟଫୋନ୍, ଟାବ୍‌ଲେଟ୍ ଓ ଲାପ୍‌ଟପ୍ ଆମ କାର୍ଯ୍ୟ, ଶିକ୍ଷା ଓ ଯୋଗାଯୋଗ ଧାରା ବଦଳାଇ ଦେଇଛି। ତା' ସହିତ ଅଲକ୍ଷ୍ୟରେ ଆମ ଅଙ୍ଗ-ଭଙ୍ଗିମା ବି ବଦଳିଯାଇଛି। ଏ ପରିବର୍ତ୍ତନର ଅନ୍ୟତମ ସାଧାରଣ ପରିଣାମ ହେଉଛି 'ଟେକ୍ ନେକ୍ ସିଣ୍ଡ୍ରୋମ୍' ନାମକ ଶାରୀରିକ ଅସୁସ୍ଥତା। ତରୁଣଙ୍କଠାରୁ ନେଇ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ କର୍ମଚାରୀଙ୍କ ପର୍ଯ୍ୟନ୍ତ, ବୟସ ବର୍ଗ ନିର୍ବିଶେଷରେ ଉପରୋକ୍ତ ଅସୁସ୍ଥତା ବଢ଼ିଚାଲିଛି। ବେକ ଯନ୍ତ୍ରଣା, ବେକ ଅନମନୀୟତା, ଅଙ୍ଗଭଙ୍ଗୀଗତ ପୀଡ଼ା ହେଉଛି ଏ ଅସୁସ୍ଥତାଜନିତ ଲକ୍ଷଣ। 'ଟେକ୍ ନେକ୍' ଏତେ ଧୀରେ ଆକ୍ରାନ୍ତ କରେ ଯେ ତଜ୍ଜନିତ ପୀଡ଼ା ପୁରାତନ ନ ହେଲା ପର୍ଯ୍ୟନ୍ତ ଲୋକେ ଏହାକୁ ଉପେକ୍ଷା କରିଚାଲିଥାଆନ୍ତି।

ଏ ପୀଡ଼ା ଆକସ୍ମିକ ଆଘାତ ପରି ଅନୁଭୂତ ହୁଏନାହିଁ। ବହୁସମୟ ବେକ ନୁଆଇଁ ସ୍କ୍ରିନ୍ ଆଡ଼କୁ ଚାହିଁରହିବା ଓ ଗ୍ରୀବାଞ୍ଚଳ ମେରୁହାଡ଼ ଉପରେ ଚାପ ପକାଉଥିବା ନିମ୍ନ ଉଚ୍ଚତା ବିଶିଷ୍ଟ ଆସବାବପତ୍ର ଉପରେ ନିୟମିତ ବସିବା ଫଳରେ କାଳକ୍ରମେ ଏ ଅସୁସ୍ଥତା ଆକ୍ରାନ୍ତ କରିଥାଏ। ଜଣେ ନ୍ୟୁରୋସର୍ଜନ୍ କହନ୍ତି ଯେ ମାତ୍ରାଧିକ ସ୍କ୍ରିନ୍ ଟାଇମ୍ ଯୋଗୁଁ ବୃଦ୍ଧି ପାଉଥିବା ଶାରୀରିକ ଅସୁସ୍ଥତାକୁ 'ଟେକ୍ ନେକ୍ ସିଣ୍ଡ୍ରୋମ' କୁହାଯାଏ। ଏହା ହେଉଛି ଡିଜିଟାଲ୍ ଉପକରଣ ବ୍ୟବହାର ସମୟରେ ସବୁବେଳେ ଆଗକୁ ବେକ ଝୁଙ୍କାଇ ରଖିବାଜନିତ ସୃଷ୍ଟ କେତେକ କୁପରିଣାମର ଉପସର୍ଗ। ମାତ୍ରାଧିକ ସ୍କ୍ରିନ୍ ଟାଇମ୍ ଯୋଗୁଁ ସୃଷ୍ଟ ଶାରୀରିକ ଅସୁସ୍ଥତାକୁ 'ଟେକ୍ ନେକ୍ ସିଣ୍ଡ୍ରୋମ୍' କୁହାଯାଏ। ସବୁବେଳେ ଆଗକୁ ବେକ ଝୁଙ୍କାଇ ବସିବାର ଏହା ଅନ୍ୟତମ କୁପରିଣାମ। 'ଫର୍‌ୱାର୍ଡ ହେଡ୍ ପୋସ୍‌ଚର୍' ବା 'ଏଫ୍‌ଏଚ୍‌ପି' କୁହାଯାଉଥିବା ଏ ଶରୀର-ଭଙ୍ଗିମାର ନାନାବିଧ ପରିଣାମ ରହିଛି। ଏ ସଂକ୍ରାନ୍ତରେ ବିଶେଷଜ୍ଞମାନେ କହନ୍ତି ଯେ ଗ୍ରୀବାଞ୍ଚଳ ମେରୁହାଡ଼ସ୍ଥିତ ଗଣ୍ଠି ଓ ଟିସ୍ୟୁତନ୍ତୁ ଉପରେ 'ଏଫ୍‌ଏଚ୍‌ପି' ଯାନ୍ତ୍ରିକ ବଳ ପ୍ରୟୋଗ କରେ ଏବଂ ଗ୍ରୀବା ସଂଲଗ୍ନ ପିଠି ମାଂସପେଶୀ ଉପରେ ମାଧ୍ୟାକର୍ଷଣ ଆକର୍ଷଣ ବୃଦ୍ଧିକରେ। ବେଶ୍ କିଛିଦିନ ଅତିକ୍ରାନ୍ତ କରିଗଲେ ଏତାଦୃଶ ପରିବର୍ତ୍ତିତ ଶରୀର-ଭଙ୍ଗିମା କେତେକ ଶାରୀରିକ ଚଳନ ହ୍ରାସ, ଗ୍ରୀବାଞ୍ଚଳ ମେରୁହାଡ଼ରେ ଥିବା କଶେରୁକଗୁଡ଼ିକ ମଧ୍ୟସ୍ଥ ବ୍ୟବଧାନରେ ପରିବର୍ତ୍ତନ ଓ ଶ୍ୱାସକ୍ରିୟା ବିଭ୍ରାଟ ଇତ୍ୟାଦି ଅସୁବିଧା କରିପାରେ। ଏହାଛଡ଼ା, ଏଥିଯୋଗୁଁ 'ଟେମ୍ପୋରୋମ୍ୟାଣ୍ଡିବୁଲାର୍ ଜଏଣ୍ଟ୍ ଡାଇଫଙ୍କ୍‌ସନ୍', ସରଳ ଭାଷାରେ କହିଲେ ହନୁହାଡ଼, କର୍ଣ୍ଣ ଓ କପାଳର ଦୁଇପାଖରେ ପୀଡ଼ା ଏବଂ 'କାର୍ପାଲ୍ ଟନେଲ୍ ସିଣ୍ଡ୍ରୋମ୍' ବା ସ୍ନାୟୁ ଚାପିହେବାଜନିତ ହାତ ଓ ଆଙ୍ଗୁଳି ବ୍ୟଥା ଆଦି ଅସୁଖ ହୋଇଥାଏ। ସଳଖ ଅବସ୍ଥାରେ ମନୁଷ୍ୟ ମୁଣ୍ଡର ଓଜନ ପ୍ରାୟ ଚାରିରୁ ପାଞ୍ଚ କିଲୋଗ୍ରାମ୍ ହୋଇଥାଏ। ବିଶେଷଜ୍ଞଙ୍କ ମତ ଅନୁସାରେ ମୁଣ୍ଡ ୪୫ରୁ ୬୦ ଡିଗ୍ରି ପର୍ଯ୍ୟନ୍ତ ଢଳିରହିଲେ ତଜ୍ଜନିତ କୁପ୍ରଭାବ ଗ୍ରୀବା ଓ ମେରୁଦଣ୍ଡୀୟ ସ୍ନାୟୁ ଉପରେ ଅତି ପ୍ରବଳ ହୋଇଯାଏ। ଅର୍ଥାତ୍, ଦୀର୍ଘସମୟ ଫୋନ୍‌ରେ ସ୍କ୍ରୋଲ୍ କରିବା ହାନିକାରକ ବୋଲି ପ୍ରତୀୟମାନ ହେଉ ନ ଥିବା କାର୍ଯ୍ୟ ମେରୁଦଣ୍ଡ ଉପରେ ଚାପ ବୃଦ୍ଧି କରିଥାଏ। ବେଳ ଥାଉ ଥାଉ ଏଥିପ୍ରତି ଧ୍ୟାନ ନ ଦେଲେ ଅର୍ଦ୍ଧକପାଳି, ମୁଖମଣ୍ଡଳ ପୀଡ଼ା ଓ ସମଗ୍ର ହାତରେ ବ୍ୟଥା ଅନୁଭୂତ ହୋଇଥାଏ। ତେବେ କେତେକ କଥା ପ୍ରତି ଧ୍ୟାନଦେଲେ 'ଟେକ୍ ନେକ୍' ରୋଗର ପ୍ରତିରୋଧ କରାଯାଇ ପାରିବ। ଆଖି ସହିତ ସମାନ୍ତରାଳ କରି ସ୍କ୍ରିନ୍ ରଖିବା, ପିଠି ସଳଖ କରି ବସିବା ଏବଂ କାନ୍ଧ ଓ ମଥା ଆଗକୁ ନ ଝୁଙ୍କାଇବା ଦ୍ୱାରା ବେକ ଉପରେ ପଡୁଥିବା ଚାପ ବହୁମାତ୍ରାରେ ହ୍ରାସ ପାଇବ। ପୁଣି, ପ୍ରତି ୨୦ ମିନିଟ୍ ଅନ୍ତରରେ ୨୦ ସେକେଣ୍ଡ୍ ଧରି ୨୦ ଫୁଟ୍ ଦୂରକୁ ଚାହିଁବା ଦ୍ୱାରା ମାଂସପେଶୀଜନିତ ଉତ୍ତେଜନାରୁ ଆଶ୍ୱସ୍ତି ମିଳିବ।



## ଥରୁଛି ନଗଡ଼ା: ହାଡ଼ଥରା ଜାଡ଼

**କାଳିଆପାଣି, ୧।୧ (ସଂଚାର ବ୍ୟୁରୋ):** ସପ୍ତାହ ଧରି ଯାଜପୁର ଜିଲ୍ଲା ନଗଡ଼ାରେ ପ୍ରବଳ ଶୀତ ଅନୁଭୂତ ହେଉଛି। ହାଡ଼ଥରା ଜାଡ଼ ଓ କୁହୁଡ଼ିରେ କଲବଲ ହେଉଛି ସାଧାରଣ ଜୁଆଙ୍ଗ ଜୀବନ। ଦିନର ସର୍ବନିମ୍ନ ତାପମାତ୍ରା ୬ରୁ ୭ ଡିଗ୍ରି ସେଲସିଅସ୍ ମଧରେ ରହୁଛି। ସେହିପରି ଦିନ ୧୧ଟା ପର୍ଯ୍ୟନ୍ତ ଘନ କୁହୁଡ଼ିର ଆସ୍ତରଣ ଦେଖାଯାଉଛି। ଗତକାଲି ନଗଡ଼ା ଗସ୍ତରେ ଥିବା ଜଣେ ସରକାରୀ ଅଧିକାରୀଙ୍କ ଠାରୁ ଏ ସଂପର୍କିତ ସୂଚନା ମିଳିଛି। ନଗଡ଼ା ତୁଳନାରେ ତୁମୁଣି, ତଳଡିହ ଓ ଗୁହିଆଶାଳ ଗ୍ରାମବାସୀ ଅଧିକ ମାତ୍ରାରେ ପ୍ରଭାବିତ ହେଉଥିବା ଦେଖାଯାଇଛି। ଲୋକେ ଘରେଘରେ କାଠ ମୁଣ୍ଡିଆ ଜାଳି ନିଆଁ ପୁଉଁଥିବା ଦେଖାଯାଉଛି। ୫ ପାହାଡ଼ମାଳା ସାତକୁଲିଆ, କମ୍ବାରୁଣି, କମୁଣ୍ଡେଇଥଳ, ଏକୁଲ ଓ ଦେଓଗାଁ ମଧବର୍ତ୍ତୀ ନଗଡ଼ା ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଏବର୍ଷର ଶୀତ ସବୁକୁ ବଳିଯାଇଛି।

# ଅକ୍ଷୟ ଉର୍ଜାରେ ଉଜ୍ଜ୍ୱଳିତ ଆଦିବାସୀ ଅଧ୍ୟୁଷିତ ଗାଁ 'ନେପାଳ'

**ନୟାଗଡ଼,୧।୧ (ସଂଚାର ବ୍ୟୁରୋ):** ସ୍ୱାଧିନତାର ଦୀର୍ଘବର୍ଷ ପରେ ପୁନଃ ସ୍ୱାଧିନତାର ସ୍ୱାଦ ଚାଖିଛି ଉପାନ୍ତ ଗାଁ ନେପାଳ । ନୟାଗଡ଼ ଜିଲ୍ଲାର ସବୁଠାରୁ ଉପାନ୍ତ ଓ ଅପହଞ୍ଚ ଗାଁରେ ୨୦୨୫ ମସିହା ଶେଷ ଦିନରେ ବିକାଶ ପହଞ୍ଚିଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ବାଣ୍ଟପୁର ପଞ୍ଚାୟତ ବିଚ୍ଛିନ୍ନାଞ୍ଚଳ ଅନୁସୂଚିତ ଜନଜାତି ନେପାଳ ଗାଁକୁ ଫିଟିଛି ରାସ୍ତା । ପ୍ରତି ପରିବାରକୁ ସୌରଶକ୍ତି ମାଧମରେ ଆଲୋକ ଓ ପାନୀୟ ଜଳ ବ୍ୟବସ୍ଥାକୁ ଆଜି ଉଦଘାଟନ କରାଯାଇଛି । ଗାଁ ଦାଣ୍ଡରେ ଲାଗିଲା ଷ୍ଟ୍ରିଟ ଲାଇଟ୍ ଜଳିବା ଦେଖି ଗ୍ରାମବାସୀ ଖୁସିରେ ଝୁମିଛନ୍ତି।



ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ପ୍ରଚେଷ୍ଟା ଓ ପ୍ରତ୍ୟକ୍ଷ ତତ୍ୱାବଧାନରେ ଗୋଟିଏ ଉପାନ୍ତ ଗାଁରେ ଏକକାଳୀନ ସମସ୍ତ ସୁବିଧା ପହଞ୍ଚା ଯାଇଛି। ବୁଧବାର ସନ୍ଧ୍ୟାରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ତତ୍ୱାବଧାନରେ ଏହି ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ଗ୍ରାମବାସୀଙ୍କ ପାଇଁ ସମର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ପୁରୀ ଲୋକସଭା ସାଂସଦ ସମ୍ବିତ୍ ପାତ୍ର, ପ୍ରାକ୍ତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ଉନ୍ନୟନ ଅଧିକାରୀ ଲମ୍ବୃଜିତ୍ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲାପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ବାଣ୍ଟପୁର ସରପଞ୍ଚ ସୁନିତା ବାରିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ, ସହକାରୀ କୃଷି ଉଦ୍ୟାନ ଅଧିକାରୀ ଅଜିତ କୁମାର ନାୟକ, ଓଡ଼ଗାଁ ବ୍ଲକ ବିଡ଼ିଓ ପ୍ରିତିବାଳା ରଣା, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପଞ୍ଚାୟତ ଜନପ୍ରତିନିଧି ସାମିଲ ହୋଇଥିଲେ । ଗ୍ରାମବାସୀଙ୍କ ଉପସ୍ଥିତିରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ଆଲୋକି କରଣ କାର୍ଯ୍ୟର ଉଦଘାଟନ ହୋଇଥିଲା। ପରେ ଏକ ବୈଠକରେ ଗ୍ରାମବାସୀଙ୍କ ସହିତ ପ୍ରଶାସନିକ

### ସ୍ୱାଧୀନତାର ଦୀର୍ଘବର୍ଷ ପରେ ଆଲୋକ ଦେଖିଲେ ଗ୍ରାମବାସୀ

ପଦାଧିକାରୀ ଓ ରାଜନେତାଙ୍କ ମଧରେ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ପରିବାରକୁ ଗୋଟିଏ ମିଠା ପ୍ୟାକେଟ ସହିତ ୨ କମ୍ବଳ ବଣ୍ଟନ କରାଯାଇଥିଲା ବେଳେ ଆବାସ ଯୋଜନାର ହିତାଧିକାରୀଙ୍କୁ ଆବାସ ଯୋଗାଇ ଦେବା ନିମନ୍ତେ ଆବେଦନ କାରୀ ମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

କମ୍ୟୁନିଟି ଫରେଷ୍ଟ ଆକ୍ଟ ୨୦୦୬/୮ ଅନୁସାରେ ୫ ଜଣଙ୍କୁ କମ୍ୟୁନିଟ ଫରେଷ୍ଟ ରାଇଟ୍ସ ପଟ୍ଟା ବଣ୍ଟନ କରାଯାଇଥିଲା । ଆଜି ବର୍ଷର ଶେଷ ସନ୍ଧ୍ୟାରେ ସାରା ବର୍ଷ ଯାକର ଆନନ୍ଦ ଉପଲବ୍ଧି ମିଳିଲା ଏବଂ କାର୍ଯ୍ୟର ସାର୍ଥକତା ମିଳିଗଲା ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ଜିଲ୍ଲାପାଳ । ଏହା ସହିତ ଗ୍ରାମରେ ଅସ୍ଥାୟୀ ବିଦ୍ୟାଳୟ ଖୋଲା ଯାଇଥିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମଧାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଗ୍ରାମକୁ ପକ୍କା ସଡ଼କ ନହେଲେ ମଧ ଯାତାୟତ ସୁବିଧା କରାଯାଇଛି । ନୟାଗଡ଼ ସଦରମହକୁମାଠାରୁ ପ୍ରାୟ ୫୦ କିମି ଦୂର ଅଗାଡ଼ ଗାଢ଼ ଜଙ୍ଗଲ ମଧରେ ରହିଥିବା ଗ୍ରାମବାସୀ ଆଜି ସ୍ୱାଧିନତାର ସ୍ୱାଦ ଚାଖିଥିବା କହିଛନ୍ତି । ନୟାଗଡ଼ ଜିଲ୍ଲାପାଳଙ୍କ ଏଭଳି କାର୍ଯ୍ୟକୁ ଜିଲ୍ଲାବାସୀ ପ୍ରଶଂସା କରିଛନ୍ତି । ସେହିପରି ନୟାଗଡ଼ ଜିଲ୍ଲାର ଅନ୍ୟ ବ୍ଲକରେ ମଧ ଏଭଳି ସୁବିଧା ସୁଯୋଗ ଯୋଗାଇ ଦେବାକୁ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ପଟ୍ଟନାୟକ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି ।

## ନବବର୍ଷରେ ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ ଶ୍ରଦ୍ଧାଳୁ



**ସମ୍ବଲପୁର,୧।୧ (ସଂଚାର ବ୍ୟୁରୋ):** ଇଂରାଜୀ ନବବର୍ଷରେ ମା ସମଲେଶ୍ୱରୀଙ୍କ ଦର୍ଶନରୁ ଦିନ ଆରମ୍ଭ କରିବା ପାଇଁ ସକାଳୁ ସକାଳୁ ଆଜି ମାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଭୋର ୫ଟାରେ ମାଙ୍କ ମଙ୍ଗଳ ଆଳତୀ କରାଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କ ପାଇଁ ସକାଳ ୬ଟା ରେ ମନ୍ଦିର ଗେଟ ଖୋଲା ଯାଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ନବ ବର୍ଷର ପ୍ରଥମ ଦିନରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଧାଡି ଦର୍ଶନର ବ୍ୟବସ୍ଥା କରାଯାଇଛି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସର ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ୨୪ ଘଣ୍ଟା ପୋଲିସ ମୁତୟନ ରହିବେ। ମା ଙ୍କୁ ସ୍ୱତନ୍ତ୍ର ଦର୍ଶନ କରିବା ପାଇଁ ଟିକେଟର ବ୍ୟବସ୍ଥା କରାଯାଇଛି।

# ନବବର୍ଷରେ ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ ସମ୍ବର୍ଦ୍ଧନା ପର୍ବ

**କେନ୍ଦୁଝର,୧।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ତଥା କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସଭାପତି, କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ସମ୍ପାଦକ, ଶିରିଡ଼ି ସାଇବାବା ମନ୍ଦିରର ମୁଖ୍ୟ ତତ୍ୱାବଧାରକ ତଥା ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ମୁଖ୍ୟ ସହଯୋଗୀ ପ୍ରଦୀପ କୁମାର ବାରିକଙ୍କୁ ପୁଷ୍ପ ଗୁଚ୍ଛ ତଥା ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସାଂସ୍କୃତିକ ବିଭାଗ ଜିଲ୍ଲା ସଂଯୋଜକ, ଯୋଡା ବ୍ଲକ ଯାଦବ ସମିତି ସଭାପତି ତଥା ଯୋଡା ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଦଶରଥ ବାରିକଙ୍କୁ ପୁଷ୍ପ ଗୁଚ୍ଛ ତଥା ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।

କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଯାଦବ ମହାସଭା ତରଫରୁ ଉପଦେଷ୍ଟା କ୍ଷେତ୍ରବାସୀ ମହାକୁଡ, ଉପସଭାପତି ସୁମନ୍ତ ଗିରି, ମୁଖ୍ୟ ସଂଗଠନ ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ଅକ୍ଷୟ କୁମାର ଦାସ, କୋଷାଧକ୍ଷ ରାଜେନ୍ଦ୍ର ମହାକୁଡ, ବରିଷ୍ଠ ଯାଦବ ନିରଞ୍ଜନ ବାରିକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁରତି ଘଣା, ଘଟଗାଁ ବ୍ଲକ ସଂଗଠନ ସମ୍ପାଦକ ରମାକାନ୍ତ ପ୍ରଧାନ, ଝୁମ୍ପୁରା ବ୍ଲକ ସଂଗଠନ ସମ୍ପାଦକ କୁଞ୍ଜବିହାରୀ ପ୍ରଧାନ, ସଦର ବ୍ଲକ କାର୍ଯ୍ୟକାରୀ ସଭାପତି ଦ୍ୱେବ୍ରତ ଗିରି, କେନ୍ଦୁଝର ଗଡ଼ ପୌରାଚଂଳ ସଭାପତି ଅଜୟ କୁମାର ଦାସ, ପାଟଣା ବ୍ଲକ ସମ୍ପାଦକ ରଞ୍ଜନ କୁମାର ବାରିକ, ହରିଚନ୍ଦନପୁର ବ୍ଲକ ସଭାପତି ଶୁକଦେବ ମହାକୁଡ ଏବଂ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ପକ୍ଷରୁ ଉପଦେଷ୍ଟା ଭଜ ବେହେରା, ରବୀନ୍ଦ୍ର ପାଢ଼ୀ, ଉପସଭାପତି ଖଗେଶ୍ୱର ମହାନ୍ତ, ସମ୍ପାଦକ ପ୍ରାଧାପକ ଜଗନ୍ନାଥ ଜେନା, ସଂସ୍କୃତି ବିଭାଗ ସଂଯୋଜକ ପୁରୁଷୋତମ ଜେନା, ସଦର ବ୍ଲକ ସଭାପତି ପ୍ରସନ୍ନ କୁମାର ଦାସ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

ଏତଦବ୍ୟତୀତ ଯାଦବ ମହାସଭାର ସଞ୍ଜୁ ଦାସ, ନନ୍ଦିନୀ ମହାକୁଡ, ଗକୁଳ ଗିରି, ଅର୍ଜୁନ ବାରିକ ଓ ଅମରେନ୍ଦ୍ର ଗିରି ଏବଂ ଭାଗବତ ପ୍ରଚାର ପ୍ରସାର ସମିତିର ଆକୁଳି ଚକ୍ର, ଆଖଣ୍ଡଳ ମହାକୁଡ ଓ କୌତୁକ ପ୍ରଧାନ ପ୍ରମୁଖ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ।

## ଇଂରାଜୀ ନବବର୍ଷରେ ମା' ବିରଜାଙ୍କ ଦର୍ଶନ କଲେ ଶ୍ରଦ୍ଧାଳୁ

**ଯାଜପୁର,୧।୧ (ସଂଚାର ବ୍ୟୁରୋ):** ଆଜି ଇଂରାଜୀ ନବବର୍ଷ ଅବସରରେ ଯାଜପୁରର ପ୍ରସିଦ୍ଧ ଦେବୀପୀଠ ମା ବିରଜାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜାଙ୍କ ମନ୍ଦିର ଚଳଚଞ୍ଚଳ ହୋଇ ଉଠିଛି। ନୂଆବର୍ଷର ବଡ଼ି ଭୋରୁ ମାଆଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିରହିଛି। ୨୦୨୬ କିପରି ଭଲରେ କଟିବ ଏବଂ ନବବର୍ଷର ପ୍ରଥମ ଦିନରେ ମାଆଙ୍କ ଆଶିଷ କାମନା ପାଇଁ କାହିଁ କେଉଁ ଆଡୁ ଛୁଟି ଆସିଛନ୍ତି ଶ୍ରଦ୍ଧାଳୁ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ନୂତନ ବର୍ଷକୁ ସ୍ୱାଗତ ଜଣାଇ କୋରୁକୋଣ୍ଡାରେ ସାମ୍ବାଦିକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ

**ମାଲକାନଗିରି,୧।୧ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଠାରେ ବ୍ଲକ ସାମ୍ବାଦିକ ମାନଙ୍କ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ରୂପେ ମାଲକାନଗିରିର ବରିଷ୍ଠ ସାମ୍ବାଦିକ ବି ଶ୍ରୀନିବାସ ପାତ୍ର, ଅଶୋକ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ପେଶା ଓ ନିଶା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଶେଷ କରି ଆଜିର ସମୟରେ ଯୁବ ସାମ୍ବାଦିକ ମାନଙ୍କ ନିଜର ସାମ୍ବାଦିକତା ସମୟରେ ସତର୍କତା ଅବଲମ୍ବନ ଓ ସମାଜ ପାଇଁ ସେମାନଙ୍କର ଅବଦାନ କ'ଣ ରହିବା ଉଚିତ ସେନେଇ ଆଲୋଚନା ହୋଇଥିବା ବେଳେ ସତ୍ୟ ଓ ନିରପେକ୍ଷ ଭାବେ ସେମାନେ କିପରି ଖବର ପ୍ରସାରଣ କରିବେ ସେନେଇ ବରିଷ୍ଠ ସାମ୍ବାଦିକ ମାନେ ବିଭିନ୍ନ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ମାନେ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ପ୍ରୀତି ଭୋଜନ ର ଆୟୋଜନ କରାଯାଇଥିଲା।

ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ସାମ୍ବାଦିକ ପ୍ରଦୀପ କୁମାର ମହାରଣା, ବିକ୍ରମ କେଶରୀ ସ୍ୱାଇଁ, ସୁଧାଂଶୁ ଶେଖର ମହାନ୍ତି, ଅବିନାଶ ବେହେରା, ଇସାକ୍ ଖୋସଲା, ନିରଞ୍ଜନ ମଲ୍ଲ, ସୀମାଞ୍ଚଳ ବିଶ୍ୱାଳ, ରାଜେଶ ବେପାରୀ, ଏ ଦେବାଶିଷ ପାତ୍ର, ରାହୁଲ ଗଲୋରୀ, ସୁରେନ୍ଦ୍ର ହାଲବା ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ନିଯୁକ୍ତ ସରକାରୀ ଓକିଲଙ୍କ ଦାୟିତ୍ୱଗ୍ରହଣ

**ମାଲକାନଗିରି,୧।୧ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ନମ୍ବର ୨୫୨୩୩ ତା ୨୬/୧୨/୨୦୨୫ ଅନୁଯାୟୀ ମାଲକାନଗିରି ଜିଲ୍ଲା ପାଇଁ ସମସ୍ତ ଅଦାଲତ ମାନଙ୍କରେ ନୂଆ ସରକାରୀ ଓକିଲ ନିଯୁକ୍ତ କରିଛନ୍ତି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ଓକିଲ ଗୁରୁ ଚରଣ ମହାନ୍ତି, ଜିଲ୍ଲାର ନୂଆ ସରକାରୀ ଓକିଲ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଜିଲ୍ଲା ଦୌରାଜଜ କୋର୍ଟରେ ସ୍ୱତନ୍ତ୍ର ସରକାରୀ ଓକିଲ (ଏନଡିପିଏସ) ଭାବେ ବରିଷ୍ଠ ଆଇନଜୀବି ଅଶୋକ କୁମାର ପଟ୍ଟନାୟକ, ଅତିରିକ୍ତ ଦୌରା ଜଜ କୋର୍ଟ ପାଇଁ ସ୍ୱତନ୍ତ୍ର ସରକାରୀ ଓକିଲ (ଏନଡିପିଏସ) ଭାବେ ବରିଷ୍ଠ ଓକିଲ ଗୌତମ ସରକାର, ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ଜୋସେଫ ଜେମେଶ, ଏସ ମହେଶ୍ୱର, ସହଯୋଗୀ ସରକାରୀ ଓକିଲ ଭାବେ ଅଶୋକ କୁମାର ନାୟକ, ସହକାରୀ ସରକାରୀ ଓକିଲ ଭାବେ ବିଜୁ ସରକାର, ରାଜେଶ ପଟ୍ଟନାୟକ, ହୃଷିକେଶ ପଣ୍ଡା, ଦୁର୍ଗା ପ୍ରସାଦ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ନାଲ୍ଲା, ଜୟଦେବ ପାତ୍ର, ଶ୍ୟାମଳ କାନ୍ତି ବାଛାର, ଅମିତ କୁମାର ଦ୍ୱେବର୍ତ୍ତା, ଭବତୋଷ ବିଶ୍ୱାସ, ଜୟନ୍ତ ସର୍ଦାର, ବିଭୁତି ଭୂଷଣ ବେହେରା, ଚିନ୍ମୟ ରାୟ, ଗଣେଶ କୁମାର ରେଡି ପ୍ରମୁଖ ଆଜି ତାଙ୍କର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେମାନଙ୍କ ଦାୟିତ୍ୱଭାର ଗ୍ରହଣ ସହ ଉକ୍ତ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ.ଏଲ.ଏ. ନରସିଂହ ମାଡାକାମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦାୟିତ୍ୱ ଭାର ଗ୍ରହଣ କରିବା ପରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଉକ୍ତ ନିଯୁକ୍ତିରେ ପ୍ରତ୍ୟେକ ଜିଲ୍ଲାବାସୀଙ୍କ ମଧରେ ଖୁସିର ଲହରୀ ଖେଳିବା ସହ ସେମାନେ ମୁଖ୍ୟମନ୍ତ୍ରୀ ଓ ଆଇନିମନ୍ତ୍ରୀ ତଥା ବିଧାୟକ ନରସିଂହ ମାଡ଼କାମୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## କୋରୁକୋଣ୍ଡା ବ୍ଲକରେ ପୁଣି ଟେଣ୍ଡର ଫିକ୍ସିଂ ଅଭିଯୋଗ

**ମାଲକାନଗିରି,୧।୧ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପକ୍ଷରୁ ଗତ ୪ ଡିସେମ୍ବରରେ ସେତୁ ଯୋଜନାର କାର୍ଯ୍ୟସହ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ମୋଟ ୪ଟି ଟେଣ୍ଡର ଅନଲାଇନ ଯୋଗେ ବାହାରି ଥିବା ବେଳେ ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ଅଡିଓ ମଧ ଭାଇରାଲ ହେବାରେ ଲାଗିଥିବା ଜଣା ପଡ଼ିଛି। ତେବେ ସୂଚନା ଅନୁଯାୟୀ କୋରୁକୋଣ୍ଡ ବ୍ଲକ ଅଧୀନରେ ସେତୁ ଯୋଜନା ଓ ଶିକ୍ଷା ବିଭାଗର ଅନୁଦାନ କାର୍ଯ୍ୟକୁ ମିଶାଇ ମୋଟ ୪ଟି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକାଶିତ ହୋଇଥିଲା। ଜିଲ୍ଲା ପୋର୍ଟାଲରେ ମଧ ଏହି କାର୍ଯ୍ୟ ନେଇ ସୂଚନା ଦିଆଯାଇଥିବା ବେଳେ ମାତ୍ର ୧୨ ଜଣ ଠିକାଦାର ହିଁ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲା। ତେବେ ସବୁଠାରୁ ବଡ ଏବଂ ଆଶ୍ଚର ?ୟ୍ୟର ବିଷୟ ହେଉଛି ପ୍ରତି କାର୍ଯ୍ୟରେ ସର୍ବନିମ୍ନ ୩ଜଣ ଠିକାଦାର ଟେଣ୍ଡର ପକାଇଲେ ଯାଇ ଏହାକୁ ନିୟମ ଅନୁଯାୟୀ ସଠିକ ବୋଲି ଗ୍ରହଣ କରାଯିବାର ପ୍ରାବଧାନ ଥିବା ବେଳେ ଟେଣ୍ଡର ବାହାରିଥିବା ଏହି କାର୍ଯ୍ୟ ଗୁଡିକରେ ମଧ କେବଳ ୩ଜଣ ଲେଖାଏଁ ହିଁ ଟେଣ୍ଡର ପକାଇଛନ୍ତି। ଯଦିଓ ଜିଲ୍ଲାର ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ବାହାରିଲେ ଗୋଟିଏ କାର୍ଯ୍ୟରେ ଅନୁନ୍ୟ ୨୦ରୁ ଅଧିକ ଠିକାଦାର ଟେଣ୍ଡର ପକାଉଥିବା ବେଳେ ଏଠାରେ କିନ୍ତୁ ବିପରୀତ ଚିତ୍ର ଦେଖିବାକୁ ମିଳିଛି।

# ନୂଆବର୍ଷ ଅବସରରେ ମନ୍ଦିରରେ ପ୍ରବଳ ଭିଡ଼

**ଜୟପୁର,୧।୧ (ସଂଚାର ବ୍ୟୁରୋ):** ନୂଆବର୍ଷ ଅବସରରେ ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖାଦେଇଥିଲା। ଜୟପୁର ଜଗନ୍ନାଥ ମନ୍ଦିର ଓ ଉତର ମୁଖି ବଲ୍ଲଭ ନାରାୟଣ ମନ୍ଦିର, ଅଧିଷ୍ଠାତ୍ରି ମା ଭଗବତୀ ଙ୍କ ମନ୍ଦିରରେ ପ୍ରବଳ ଭିଡ ଜମିଥିଲା।ଏ ଭିତରେ ଧନି ଗରିବ କେହି ବାଦ ପଡ଼ିନଥିଲେ। ସମସ୍ତେ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଥିବା ଦେଖିବାକୁ ମିଳିଥିଲା। ସେହିପରି ଜୟପୁରରେ ବିଭିନ୍ନ ଆଦିବାସି ଗୀତିରେ ଝୁମିଥିବା ଦେଖାଦେଇଥିଲା ପୁରୁଣା ବର୍ଷ ୨୦୨୫ କୁ ବିଦାୟ ଦେବା ସହିତ ନୂତନ ଆଶା ନେଇ ୨୦୨୬କୁ ସ୍ୱାଗତ ଜଣାଇଛନ୍ତି



ଜୟପୁର ବାସି। ଶିତ କାକର ରାତିରେ ଲୋକେ ସାହି ପଡ଼ିଶା ହୋଇ ପାଳିଥିଲେ ଜିରୋ- ନାଇଟ। ସହରର ଗଳି କନ୍ଦିରେ ମଉଜର ଆସର ଜମିଥିବା ବେଳେ ମିଷ୍ଟାନ୍ନ ବଣ୍ଟନ ଓ ଆତସବାଜୀର ଆଲୋକ ପରିବେଶକୁ ଆହୁରି ରଙ୍ଗୀନ କରିଥିଲା। ଏବଂ ଏଥିରେ ଛୋଟ ଠାରୁ ଆରମ୍ଭ କରି ବୟସ୍କ ମାନେ ସମସ୍ତେ ନାଚି ଝୁମିଥିଲେ। ଯୁବ ପିଢ଼ି ହ୍ୱାଟ୍ ଅପ୍ ରେ ମେସ୍ ?ଜ୍ ପଠାଇ ଅଭିନନ୍ଦନ ଜଣାଇଥିବା ବେଳେ ବୟସ୍କ ହାତ ମିଳାଇ ଅଭିନନ୍ଦନ ଜଣାଇଥିବା ଦେଖାଦେଇଥିଲା। ଜୟପୁରର ବିଭିନ୍ନ ସାହି ମାନଙ୍କରେ ଡିଜେ ସାଙ୍ଗକୁ କେକ୍ କଟା ହୋଇଥିଲା। ମହିଳା ମାନେ ରାତି ୧୨ଟାରେ ଏକାଠି ହୋଇ ହୋହାଲ୍ଲା ସହ ପରସ୍ପରକୁ ଅଭିନନ୍ଦନ ଜଣାଇ ଥିଲେ। ସାହିରେ ଆତସବାଜୀ ସହ ବିଭିନ୍ନ ଗିତରେ ରାତି ସାରା ଝୁମି ଥିଲେ। ଆତସବାଜୀ ସହ ଡିଜେ ଲଗାଇ ନାଚି ନାଚି ଲୋକେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ଭୋଜିର ଆୟୋଜନ କରିଥିଲେ। ଜୟପୁର ରାସ୍ତାରେ ବିଶେଷ କରି ଯୁବ ବର୍ଗ ଚୁନରେ ହେପି ନ୍ୟୁ ଇଅର୍ ଲେଖି ଅଭିନନ୍ଦନ ଜଣାଉଥିଲେ ଓ ମହିଳା ମାନେ ନିଜ ନିଜ ଘର ସମ୍ମୁଖରେ ରଙ୍ଗବେରଙ୍ଗ ଝୋଟି ଦେଇ ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି। ଆଜି ସକାଳୁ ସମସ୍ତ ମନ୍ଦିର ମାନଙ୍କରେ ପ୍ରବଳ ଭିଡ ଦେଖାଦେଇଥିଲା। ଜୟପୁର ଜଗନ୍ନାଥ ମନ୍ଦିର ଓ ଉତର ମୁଖି ବଲ୍ଲଭ ନାରାୟଣ ମନ୍ଦିର, ଅଧିଷ୍ଠାତ୍ରି ମା ଭଗବତୀଙ୍କ ମନ୍ଦିରରେ ପ୍ରବଳ ଭିଡ ଜମିଥିଲା।ଏ ଭିତରେ ଧନି ଗରିବ କେହି ବାଦ ପଡ଼ିନଥିଲେ। ସମସ୍ତେ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଥିବା ଦେଖିବାକୁ ମିଳିଥିଲା।


ସେହିପରି ଜୟପୁରରେ ବିଭିନ୍ନ ଆଦିବାସୀ ଗୀତିରେ ଝୁମିଥିବା ଦେଖାଦେଇଥିଲା ଛୋଟ ପିଲାଠାରୁ ଆରମ୍ଭ କରି ସମସ୍ତଙ୍କ ମୁହଁରୁ ଆଜି ହେପି ନ୍ୟୁ ୟର୍ ଶୁଣିବାକୁ ମିଳିଛି। ନୂଆ ବର୍ଷ ଗୁରୁବାର ପଡ଼ିଥିବାରୁ ବୁଧବାର ଜୟପୁର ଆଖପାଖ ଗଡ଼ପଦର, ହାତି ଶାଳ, ପାତ୍ରପୁଟ, ଗାଗନାପୁର, ରାଣିଗଡ଼, ଶୀତଳା ମନ୍ଦିର ଆଦି ଅଞ୍ଚଳରେ ପିକ୍ ନିକ କରିବାକୁ ସହ ସହ ଲୋକଙ୍କ ଭିଡ ଦେଖାଦେଇଥିଲା। ଆଦିବାସି ଅଞ୍ଚଳ ହୋଇଥିବା ସତ୍ୱେ ଜୟପୁରରେ ଧୂମ୍ ଧାମ୍ରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି ସହର ବାସୀ।

## ୮ ଦିନ ଧରି ପୁଷ ପୁନି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହେବ

**ଜୟପୁର,୧।୧ (ସଂଚାର ବ୍ୟୁରୋ):** କୋରାପୁଟିଆ କଳା ଓ କଳାକାରଙ୍କ ଦ୍ୱାରା ପୁଷ ପୁନି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆସନ୍ତା ୨ ତାରିଖରୁ ଏହି କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିବ। ଏନେଇ ଆଜି ତାରିଣି ଛକ ଠାରେ ଏକ ସାମ୍ବାଦିକ ସମ୍ମିଳନି କରି ସୂଚନା ଦେଇଛନ୍ତି। ଏହି ସମ୍ମିଳନିରେ ଧିରେନ ମୋହନ ପଟ୍ଟନାୟକ ଓ ମନୋଜ ପାତ୍ର ଉପସ୍ଥିତ ରହିଥିଲେ। ୨ ତାରିଖ ଶୁକ୍ରବାର ଦିନ ପୁଷ ପୁନି କାର୍ଯ୍ୟକ୍ରମ ଆରମ୍ଭ ହେବ। ମା ଭଗବତି ମନ୍ଦିରରେ ପୁଜା ପାଠ କରିବା ପରେ ଶୋଭାଯାତ୍ରା ହେବ। ଏହି ଶୋଭାଯାତ୍ରା ସଂନ୍ଧ୍ୟା ୫ଟାରେ ଆରମ୍ଭ ହୋଇ ମୁଖ୍ୟ ଟ୍ରାଫିକ ଛକ ଯାଏ ଯିବ। ସେଠାରୁ ପିଏମ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ପହଞ୍ଚିବ। ସେଠାରେ ପ୍ରତ୍ୟେକ ଦିନ ସଂନ୍ଧ୍ୟା ୭ଟାରୁ କାଯ୍ୟକ୍ରମ ଆରମ୍ଭ ହେବ। ଆଦିବାସୀ ନୃତ୍ୟ ସଙ୍ଗିତ ସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସଂସ୍କୃତିକ କାଯ୍ୟକ୍ରମ ହେବ। ରାତ୍ର ୮ଟା ୩୦ରୁ ରାଜ୍ୟ ଓ ରାଜ୍ୟ ବାହାରୁ କଳାକାରଙ୍କ ଦ୍ୱାରା କାଯ୍ୟକ୍ରମ ହେବ। ଏଠାରେ ଖାଦ୍ୟ ମେଳା, ପିଲ୍ଲିଶ୍ରୀ ମେଳା ସହ ପ୍ରତ୍ୟେକ ଦିନ ସଂନ୍ଧ୍ୟାରେ ମୀନା ବଜାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୨ ତାରିଖ ରେ ଶୋଭାଯାତ୍ରା, ୩ ତାରିଖରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାସ୍କୃତିକ କାଯ୍ୟକ୍ରମ ହେବା ସହ ଅତିଥି ଭାବେ ମୁଖ୍ୟ ଅତିଥି ଭାବେ ଜୟପୁର ମହାରାଜା ଉପସ୍ଥିତ ରହିବେ। ୪ ତାରିଖରେ ଗାୟକ ସୁଜ୍ଞାନି ମହାପାତ୍ର ସହ ଟିମ ସଂଗିତ ପରିବେଷଣ କରିବେ। ୫ ତାରିଖରେ ମଣ୍ଟୁ ଛୁରିଆ ସଂଗିତ ପରିବେଷଣ କରିବେ। ୬ ତାରିଖରେ ଆଦୀବାସି ବେଶ ପ୍ରତିଯୋଗିକା, ୭ ତାରିଖରେ ସ୍ଥାନୀୟ କୋରାପୁଟିଆ ଆଦିବାସୀ କେସେଟ ଗାୟିକଙ୍କ ଦ୍ୱାରା ସଂଗିତ ପରିବେଷଣ, ୮ ତାରିଖ ଗାୟକ ସଲମନ ଅଲ୍ଲି ଙ୍କ ସଂଗିତ ପରିବେଷଣ ରହିଥିବା ବେଳେ ୯ ତାରିଖରେ ସୁର ଘୁଙ୍ଗୁର ଅନୁଷ୍ଠାନ ଦ୍ୱାରା ସଂଗିତ ପରିବେଷଣ ପରେ କାଯ୍ୟକ୍ରମ ଉଦଯାପନ ହେବ ବୋଲି ସୂଚନା ଦିଆଯାଇଛି।

# ହାଡ଼ଭଙ୍ଗା ଶୀତ: ଥରୁଛନ୍ତି ୫୨ହଜାର ଅନ୍ତେବାସୀ

**ନବରଙ୍ଗପୁର,୧।୧ (ସଂଚାର ବ୍ୟୁରୋ):** ପ୍ରବଳ ଶୀତରଲହରି ଓ ଥଣ୍ଡାରେ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ। ଘରେ ଥିବା ଲୋକେ ବିଭିନ୍ନ ଶୀତବସ୍ତ୍ର ପିନ୍ଧି ଶୀତରୁ ରକ୍ଷା ପାଇଯାଉଛନ୍ତି। ଜିଲ୍ଲାରେ ମଙ୍ଗଳ ବିଭାଗ, ଶିକ୍ଷା ବିଭାଗ ଆଦି ୪୮୨ ଛାତ୍ରାବାସରେ ଆନ୍ତେବାସୀ ଭାବେ ରହି ପାଠ ପଢୁଥିବା ୫୨,୨୩୪ ପିଲା ଶୀତବସ୍ତ୍ର ସୁଇଟର ଆଦି ନଥାଇ ଥଣ୍ଡାରେ ଥରି ଥରି ରହୁଛନ୍ତି। ଅଧିକାଂଶ ଅନ୍ତେବାସୀଙ୍କୁ ଥଣ୍ଡା ଜ୍ୱର, କାଶ ଆଦି ଲାଗି ରହୁଛି। ପ୍ରତ୍ୟେକ ଦିନ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଶତାଧିକ ଅନ୍ତେବାସୀ ଜ୍ୱର, ମୁଣ୍ଡବ୍ୟାଥା, କାଶ ଆଦି ପାଇଁ ଆସି ଚିକିତ୍ସିତ ହୋଇ ଔଷଧ ନେଇ ଫେରୁଛନ୍ତି। କେବଳ ଏହି ୫୨ହଜାର ୨୩୪ହିଁ ନୁହଁ ବଳକା ଦେଢ଼ ଲକ୍ଷ ପିଲା ବି ଶୀତରେ ଥରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ସନ୍ତୋଷ ମିଶ୍ର। ଗତ ମାସକ ହେବ ଜିଲ୍ଲାରେ ଶୀତର ଲହରି କମିବା ନାଁ ନେଉନି। ମଧ୍ୟାହ୍ନ ୩ଟାରୁ ଥଣ୍ଡା ଆରମ୍ଭ ହେଉଛି। ସଂଧ୍ୟାରେ କୁହୁଡି ସାଙ୍ଗକୁ କାରକ ପଡୁଥିବା ଦେଖିବାକୁ ମିଳୁଛି। ସଂଧ୍ୟାରେ ୯ରୁ ୧୦ଡିଗ୍ରି ସେଲସିୟସ୍ ଥଣ୍ଡା ଆରମ୍ଭ ହୋଇ ମଧ୍ୟ ରାତ୍ର ବେଳକୁ ତାହା ଯାଇ ୭ରେ ପହଞ୍ଚିଛି। ସକାଳ ସାଢ଼େ ୮ଟା ଯାଏଁ କୁହୁଡିର ଚାଦର ଦେଖିବାକୁ ମିଳୁଛି। ସହର ଠାରୁ ଗାଁରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଖାସ୍ କରି ଛାତ୍ରାବାସ ଗୁଡିକ ଗାଁର କୌଣସି ମୁଣ୍ଡରେ ଏବଂ ଖୋଲାସ୍ଥାନରେ ରହୁଛି। ଫଳରେ ଥଣ୍ଡା ପବନ ଲାଗି ରହୁଛି।



ଅଧିକାଂଶ ଛାତ୍ରାବାସରେ ଗରମ ପାଣି କରିବା ପାଇଁ ଗିଜର ନଥିବାରୁ ଅନ୍ତେବାସୀ ମଧ୍ୟ ସକାଳୁ ସ୍କୁଲ ଯିବା ପାଇଁ ଥଣ୍ଡାରେ ଥଣ୍ଡା ପାଣି ଗାଧଉଛନ୍ତି। ଗତ ୪ବର୍ଷ ତଳେ ସରକାର ଶୀତବସ୍ତ୍ର ଅନ୍ତେବାସୀଙ୍କୁ ଯୋଗାଇଥିଲେ। ତା ପରଠାରୁ ଆଉ ଯୋଗାଯାଉନଥିବା କିଛି ଶିକ୍ଷକ ମାନେ କହିଛନ୍ତି। ଜିଲ୍ଲାରେ ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ଥିବା ବିଭିନ୍ନ ହୋଷ୍ଟେଲରେ ଅନୁସୂଚିତ ଜନଜାତି ୩୩,୩୬୧ଅନ୍ତେବାସୀ ଓ ଅନୁସୂଚିତ ଜାତି ୩୭୨୩ ଜଣ ଏଭଳି ୩୭,୩୮୪ଜଣ ଅନ୍ତେବାସୀ ରହୁଛନ୍ତି।ଏହାସହ ଶିକ୍ଷାବିଭାଗକୁ ମିଶାଇ ମଙ୍ଗଳ ବିଭାଗର ହୋଷ୍ଟେଲରେ ୯,୫୬୫ଛାତ୍ର ଓ ୫,୨୮୫ଛାତ୍ର ଏଭଳି ୧୪,୮୫୦ଜଣ ଅନ୍ତେବାସୀ ରହୁଛନ୍ତି। ଏଭଳି ଜିଲ୍ଲାରେ ଥିବା ଏହି ଛାତ୍ରାବାସ ଗୁଡିକରେ ୫୨.୨୩୪ ଅନ୍ତେବାସୀ ଶୀତରେ ହଇରାଣ ହେଉଛନ୍ତି ତୁରନ୍ତ ଶୀତବସ୍ତ୍ର ସୁଇଟର ଯୋଗାଇବାକୁ ମାନବାଧିକାର କର୍ମୀ ସନ୍ତୋଷ ମିଶ୍ର ଦାବି କରିଛନ୍ତି।

# ଉଚ୍ଛୁଳା ମଣ୍ଡିରେ ଧାନ ଉଠାଣକୁ ନେଇ ଚାଷୀ ଅସନ୍ତୋଷ

**ମୁଖୀଗୁଡା,୧।୧ (ସଂଚାର ବ୍ୟୁରୋ):** ଜୟପାଟଣା ବ୍ଲକ ବଡ଼ପୂଝାରୀଗୁଡା ପେକ୍ସ ଅଧିନରେ ଥିବା ଉଚ୍ଛୁଳା ମଣ୍ଡିରେ ଧାନ ଉଠାଣ ରେ ବିଳମ୍ବ ହେଉ ଥିବା ଚାଷୀ ଅଭିଯୋଗ କରିଛନ୍ତି। ନିଜ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡି ରେ ବିକ୍ରି କରିବା ପାଇଁ ଆଣି ଏକ ସପ୍ତାହେରୁ ଅଧିକ ସମୟ ଖୋଲା ମଣ୍ଡିରେ ଶୋଇବାକୁ ପଡୁଛି ବୋଲି ଚାଷୀ ମାନେ ପ୍ରକାଶ କରନ୍ତି। ଅଭିଯୋଗ ଅନୁସାରେ ବେହେରନସିଲ ଗ୍ରାମର ବାଳିକା ମାଝୀଙ୍କ ଟୋକନ ୧୭ ଡିସେମ୍ବର ରେ ଧାନ ବିକ୍ରି କରିବା ପାଇଁ ଆସିଥିଲା ସେ ଗତ ବୁଧବାର ଦିନରୁ ୨୫ କୁଇଂଟାଲ ଧାନ ଆଣି ମଣ୍ଡିରେ ରଖିଛନ୍ତି ହେଲେ ଏକ ସପ୍ତାହ ବିତି ଯାଇଥିଲେହେଁ ଧାନ ଉଠାଣ ହୋଇନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସେହିପରି କୋଣ୍ଡି ଗୁଡା ଗ୍ରାମର ହୃଦାନନ୍ଦ ରାଉତ ୭୫ କୁଇଂଟାଲ ଧାନ ବିକ୍ରି କରିବା ପାଇଁ ୧୦ ଡିସେମ୍ବର ରୁ ଟୋକନ ଆସିଛି ସେମଧ ମଣ୍ଡିରେ ଧାନ ରଖିଛନ୍ତି ହେଲେ ତାଙ୍କର ମଧ ଧାନ ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ରଘୁ ନାଥ ମାଝୀଙ୍କ ୫ ଏକର ଜମି ଧାନ ବିକ୍ରି ପାଇଁ ପଞ୍ଜି କରଣ କରିଥିଲେ ସରକାରଙ୍କ ନିୟମ ଅନୁସାରେ ୬୫ କୁଇଂଟାଲ ଧାନ ବିକ୍ରି ପାଇଁ ଆସିବା କଥା ହେଲେ ତାଙ୍କ ପୁଅ କାର୍ତିକ ମାଝୀଙ୍କନା ରେ ୩୦ କୁଇଂଟାଲ ଓ ତାଙ୍କ ନିଜ ନାଁରେ ମାତ୍ର ୯ କୁଇଂଟାଲ ଧାନ ବିକ୍ରି କରିବା ପାଇଁ ଟୋକେନ ଆସିଥିବାରୁ କିଭଳି ସେ ବିକି ବେ ଧାନ ଏବେ ସେ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟ ପକ୍ଷେ ଏହି ମଣ୍ଡି ରେ ଧାନ ବିକିବା ପାଇଁ ଏକ ହଜାର ନଅ ଜଣ ଚାଷୀ ଧାନ ବିକିବା ପାଇଁ ପଞ୍ଜି କରଣ କରିଛନ୍ତି। ପ୍ରାୟ ୪୯ ହଜାର କୁଇଂଟାଲ ଧାନ କିଣି ବାର ଲକ୍ଷ୍ୟ ରହି ଥିବା ବେଳେ ଚଳିତ ବର୍ଷ ବିଳମ୍ବ ରେ ଧାନ ମଣ୍ଡି ଆରମ୍ଭ ହେବା ତଥା ଡିସେମ୍ବର ୧୦ ତାରିଖରୁ ମଣ୍ଡି ଆରମ୍ଭ ହେବା ଓ ସପ୍ତାହରେ ଦୁଇ ଦିନ ଧାନ କିଣାଯିବା ନିୟମ ରହିଥିବାରୁ ଚାଷୀଙ୍କ ଧାନ କ୍ରୟ ବିକମ୍ବ ହେଉଥିବା ଧାନ କ୍ରୟ ଅଧିକାରୀ ବିରଞ୍ଚି ନାଏକ ପ୍ରକାଶ କରିଛନ୍ତି ତେବେ ଆଗକୁ ସପ୍ତାହରେ ଚାରି ଦିନ କ୍ରୟ କରିବାକୁ ଚେଷ୍ଟା କରାଯିବା ସହ ଚାଷୀଙ୍କ ସମସ୍ୟା ଦୂର କରାଯିବ ବୋଲି ଶ୍ରୀ ନାଏକ କହିଛନ୍ତି।